ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.248 Bhubaneswar Sunday, November 21, 2021 | ୨୪ତମ ବର୍ଷ ସଂଖ୍ୟା-୨୪୮ ଭୁବନେଶ୍ୱର, ରବିବାର, ନଭେମ୍ବର ୨୧, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ବଢ଼ିଲା ମନ୍ତ୍ରୀଙ୍କ ଅଡୁଆ, ସାନି ତଦନ୍ତ ରିପୋର୍ଟ ମିଳିନଥିବାରୁ ଅସନ୍ତୋଷ ଝାଡିଲେ କୋର୍ଟ

ସାଲେପୁର ,୨୦।୧୧(ପି.ଏନ): ମାହାଙ୍ଗା ଡବଲ ମର୍ଡର ଘଟଣାରେ ପୁଣି ମନ୍ତ୍ରୀ ପ୍ରତାପ ଜେନାଙ୍କ ପାଇଁ ବଢ଼ିଲା ଅଡୁଆ। ସାନି ତଦନ୍ତ ରିପୋର୍ଟ ମିଳିନଥିବାରୁ ଅସନ୍ତୋଷ ପ୍ରକାଶ କଲେ ସାଲେପୁର ଜେଏମ୍ଏଫ୍ସି କୋର୍ଟ। ଘଟଣାର ମୁଖ୍ୟ ଅଭିଯୁକ୍ତ ବୋଲି କୁହାଯାଇଥିବା ମୃତ ପ୍ରଫୁଲ୍ଲ ବିଶ୍ୱାଳଙ୍କ କଲ୍ ? ରେକର୍ଡ ସହ ମନ୍ତ୍ରୀଙ୍କ ୨ ସହଯୋଗୀଙ୍କ ସିଡିଆର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ମନ୍ତ୍ରୀଙ୍କ ବ୍ୟକ୍ତିଗତ ସହଯୋଗୀ ବାପି ବିଶ୍ୱାଳଙ୍କ କଲ୍ ? ରେକର୍ଡ ମଧ୍ୟ ମାଗିଛନ୍ତି ସାଲେପୁର ଜେଏମ୍ଏଫ୍ସି କୋର୍ଟ। ମାହାଙ୍ଗ ଡବଲ ମର୍ଡରରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ନାଁ ଏତେଲାରେ ଥିଲା। କିନ୍ତୁ ଚାର୍ଜସିଟ୍ ?ରେ ୧୩ ନମ୍ବର ମୁଦାଲା ଭାବେ ଥିବା ମନ୍ତ୍ରୀଙ୍କ ନାଁକୁ ହଟାଇ ଦିଆଯାଇଥିଲା। ଏ ନେଇ କୋର୍ଟରେ ଦ୍ୱାରସ୍ଥ ହୋଇଥିଲେ ମୃତ କୁଳମଣି ବରାଳଙ୍କ ପୁଅ ରମାକାନ୍ତ। ଏହା ପରେ ଗତ ଅଗଷ୍ଟରେ ପ୍ରୋଟେଷ୍ଟ ପିଟିସନର ଶୁଣାଣୀ କରି ସେହି ମାସ





୨୫ ତାରିଖରେ ଏହାର ସାନି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ କୋର୍ଟ। ପୁନଃ ତଦନ୍ତ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ତଦନ୍ତ ରିପୋର୍ଟ ନମିଳିବାରୁ ଆଜି କ୍ଷୁବ୍ଧ ହୋଇଥିଲେ କୋର୍ଟ। ପୁଲିସ୍ ? ସେହି ମାମଲାର ପୁନଃ ତଦନ୍ତ କରି ରିପୋର୍ଟ ଦେଇନଥିବାରୁ କଡ଼ା ଭାଷାରେ ଭତ୍ସନା କରି ଥିବା ରମାକାନ୍ତଙ୍କ ଓକିଲ ପ୍ରବୀଣ କାନୁନଗୋ କହିଛନ୍ତି। ଅଭିଯୋଗ ଅନୁଯାୟୀ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସହଯୋଗୀ ତଥା ମର୍ଡର ଘଟଣାକୁ ପରିଚାଳନା କରୁଥିବା ବାପି ବିଶ୍ୱାଳଙ୍କ କଲ୍ ରେକର୍ଡ କୋର୍ଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସାଲେପୁର ଜେଏମଏଫସି କୋର୍ଟ। ଏପରିକି ମୃତ ପ୍ରଫୁଲ ବିଶ୍ୱାଳ ଓ ମାହାଙ୍ଗ ବ୍ଲକ ଅଧକ୍ଷ ଶରତ ନାୟକଙ୍କ ସିଡିଆର ରିପୋର୍ଟ ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି। ଏବେ ଏହି କଲ୍ ? ରେକର୍ଡ ମନ୍ତ୍ରୀ ପ୍ରତାପ ଜେନାଙ୍କ ପାଇଁ ବଡ ଅଡୁଆ ସୃଷ୍ଟି କରି ପାରେ। କାରଣ ଏହି ଘଟଣାକୁ ନେଇ ଉଭୟ ବିରୋଧୀ ବିଜେପି ଓ କଂଗ୍ରେସ ମନ୍ତ୍ରୀଙ୍କ ଇସ୍ତଫା ପାଇଁ ଅଡି ବସିଥିବା ବେଳେ ରାସ୍ତାକୁ ମଧ୍ୟ ଓହ୍ଲାଇଛନ୍ତି। ୨୦୨୧ ଜାନୁଆରୀ ୨ ତାରିଖରେ ସାଲେପୁରର ବିଜେପି ନେତା କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବାଇକ୍‌ରେ ଘରକୁ ଆସୁଥିଲେ। ଘରଠାରୁ ଅଳ୍ପ ଦୂରରେ ତାଙ୍କ ଉପରେ ଅତର୍କିତ ଆକ୍ରମଣ ହୋଇଥିଲା। ଘଟଣାସ୍ଥଳରେ କୁଳମଣିଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଆହତ ହୋଇଥିଲେ ଦିବ୍ୟସିଂହ। ତାଙ୍କୁ କଟକ ବଡ ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଏହି ମାମଲାରେ ୧୩ ଜଣଙ୍କ ନାଁରେ ଅଭିଯୋଗ ହୋଇଥିବା ବେଳେ ପୁଲିସ ୯ ଜଣଙ୍କୁ ଗିରଫ କରିଥିଲା। କିନ୍ତୁ ତଦନ୍ତ ସଠିକ୍ ଭାବେ ହୋଇନଥିବା ନେଇ ପୁଣି ଥରୋ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମୃତ କୁଳମଣିଙ୍କ ପୁଅ ରମାକାନ୍ତ।

## କରୋନା କଟକଣା ଭିତରେ ଯାତ୍ରା, ଅପେରା, ଡ୍ରାମା ଓ ମେଲୋଡିକୁ ମିଳିଲା ଅନୁମତି

ଭୁବନେଶ୍ୱର, ୨୦।୧୧ (ପି.ଏନ): ରାଜ୍ୟ ସରକାର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଲାଗି ଅନୁମତି ଦେଇଛନ୍ତି। କରୋନା କଟକଣା ଭିତରେ ଯାତ୍ରା, ଅପେରା, ଡ୍ରାମା ଓ ମେଲୋଡି ଆଦି ଆୟୋଜିତ ହୋଇପାରିବ ବୋଲି ସ୍ୱତନ୍ତ୍ର ରିଲିଫ୍ କମିସନରଙ୍କ ପକ୍ଷରୁ ସୂଚନା ଦିଆଯିବା ସହ ଏକ ନୂତନ ଗାଇଡଲାଇନ୍ ଜାରି କରାଯାଇଛି। ଏହି ଗାଇଡଲାଇନରେ କୁହା ଯାଇଛି ଯେ ଏସବୁ ଲାଗି ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ପୌର କମିସନରଙ୍କଠାରୁ ଅନୁମତି ନେବାକୁ ପଡ଼ିବ। ଖୋଲା ଜାଗାରେ ୨ ହଜାର ଲୋକଙ୍କୁ ନେଇ ଯାତ୍ରା, ଅପେରା, ଡ୍ରାମା ଓ ମେଲୋଡି ଆଦି ଆୟୋଜିତ ହୋଇପାରିବ।ଏହି ସମୟରେ ସାମାଜିକ ଦୂରତା ବଜାୟ ରଖିବାକୁ ପଡ଼ିବ ବୋଲି ମାର୍ଗଦର୍ଶିକାରେ କୁହାଯାଇଛି। ଅନଲାଇନ୍ ବା ଅଧିକସଂଖ୍ୟକ କାଉଂଟରରେ ଟିକେଟ୍ ବୁକିଂ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଅନୁରୂପ ଭାବେ ୫୦ ପ୍ରତିଶତ ଦର୍ଶକଙ୍କୁ ନେଇ ସିନେମା ହଲ୍ ଚାଲିପାରିବ ବୋଲି କୁହାଯାଇଛି। ହଲ୍ ଭିତରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଗଲେ ସେଠାରେ ମଧ କରୋନା କଟକଣା ମାନିବାକୁ ପଡ଼ିବ। ଆବଶ୍ୟକସ୍ଥଳେ ସ୍ଥାନୀୟ ପ୍ରଶାସନ ଦର୍ଶକଙ୍କ ସଂଖ୍ୟାରେ ପରିବର୍ତ୍ତନ କରିପାରିବେ ବୋଲି ଏହି ନୂଆ ମାର୍ଗଦର୍ଶିକାରେ କୁହାଯାଇଛି।ଯେଉଁମାନେ ଡବଲ୍ ଡୋଜ୍ କୋଭିଡ୍ ଟିକା ନେଇଥିବେ ବା ୭୨ ଘଂଟା ପୂର୍ବରୁ ଆଂଟିଜେନ୍ ବା ଆରଟିପିସିଆର୍ ଟେଷ୍ଟ କରାଇଥିବେ କେବଳ ସେହିମାନଙ୍କୁ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ମାନଙ୍କରେ ଯୋଗ ଦେବା ଲାଗି ଅନୁମତି ମିଳିବ।

## ଭୁବନେଶ୍ୱରରୁ ୭୦ ପଜିଟିଭ୍

ଭୁବନେଶ୍ୱର, ୨୦।୧୧(ପି.ଏନ): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରୁ ଶନିବାର ଦିନ ଆଉ ୭୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୫ ଜଣ କ୍ୱାରେଂଟାଇନ୍‌ରୁ ଚିହ୍ନଟ ହୋଇଥିବା ବେଳେ ୪୫ ଜଣ ଲୋକାଲ ମାମଲା ରହିଛନ୍ତି। ସେହିପରି ଗତ ୨୪ ଘଂଟାରେ ଆଉ ୮୯ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ଏଥିସହ ଭୁବନେଶ୍ୱରରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୨୦୪୫୪ରେ ପହଂଚିଛି। ସେମାନଙ୍କ ମଧ୍ୟରୁ ୧୧୭୮୧୯ ଜଣ ସୁସ୍ଥ ହୋଇଥିବା ବେଳେ ୧୫୩୭ ସକ୍ରିୟ ମାମଲା ରହିଛି। ସେହିପରି ମୃତକଙ୍କ ସଂଖ୍ୟା ୧୦୭୭ ରହିଛି।

## ଗୋଟିଏ ଦିନରେ ୨୩୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୦।୧୧(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୩୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୪୬୭୯୮କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୩୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୫ ହଜାର ୯୬୭ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୩୮୭ ରହିଛି। ଆଜି ଚିହ୍ନଟ ହୋଇଥିବା ୨୩୯ ଜଣଙ୍କ ମଧ୍ୟରୁ ୧୪୦ ଜଣ ସଂଗରୋଧରୁ ହୋଇଥିବା ବେଳେ ୯୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୧୨୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ବାଲେଶ୍ୱରରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଭଦ୍ରକରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗୀରରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କଟକରୁ ୨୪ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଢେଙ୍କାନାଳ ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଗଂଜାମ ଜିଲ୍ଲାରେ ୪, ଜଗତସିଂହପୁର ଜିଲ୍ଲାରୁ ୧ ଜଣ, ଯାଜପୁରରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଝାରସୁଗୁଡ଼ା ଜିଲ୍ଲାରୁ ଓ କଳାହାଣ୍ଡି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କନ୍ଧମାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି। କେନ୍ଦ୍ରାପଡ଼ାରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି।ଖୋର୍ଦ୍ଧାରୁ ୧୨୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ୧ ଜଣ ସଂକ୍ରମିତ ହୋଇଛନ୍ତି। ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ଚିହ୍ନଟ ହୋଇ ନାହାନ୍ତି। ନୟାଗଡ ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ପୁରୀ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ସମ୍ବଲପୁରରୁ ୬ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ସୁନ୍ଦରଗଡ଼ରୁ ୬ ଜଣ ଓ ଷ୍ଟେଟ୍ ପୁଲରୁ ୨୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଯୁକ୍ତ ଦୁଇ ଅଫଲାଇନ୍ ପରୀକ୍ଷାଫଳ ପ୍ରକାଶିତ, ୬୮.୬୬ ପ୍ରତିଶତ ପାସ

ଭୁବନେଶ୍ୱର, ୨୦।୧୧(ପି.ଏନ): ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଯୁକ୍ତ ଦୁଇ ଅଫଲାଇନ୍ ପରୀକ୍ଷାଫଳ ପ୍ରକାଶ ପାଇଛି। ପରିଷଦ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଏହି ପରୀକ୍ଷାରେ ୬୮.୬୬ ପ୍ରତିଶତ ପାସହାର ରହିଛି। ଏଥିରେ ମୋଟ ୧୨,୩୨୧ ଜଣ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଇଥିବାବେଳେ ସେଥିମଧ୍ୟରୁ ୮୪୬୦ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ତେବେ ଏହି ପରୀକ୍ଷାରେ ଛାତ୍ରଙ୍କ ତୁଳନାରେ ଛାତ୍ରୀମାନଙ୍କର ପ୍ରଦର୍ଶନ ଭଲ ରହିଥିବା ଜଣା ପଡିଛି।
କଳାରେ ୬୩୧୦ ଜଣ ଛାତ୍ରଛାତ୍ରୀ ପାସ କରିଥିବା ବେଳେ ବିଜ୍ଞାନରେ ୧୫୦୧, ବାଣିଜ୍ୟରେ ୪୨୨ ଏବଂ ଧନ୍ଦାମୂଳକ ଶିକ୍ଷାରେ ୨୨୭ ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ପରୀକ୍ଷାରେ ଛାତ୍ରମାନଙ୍କ ପାସହାର ୬୨.୭ ପ୍ରତିଶତ ରହିଥିବାବେଳେ ଛାତ୍ରୀମାନଙ୍କର ପାସହାର ୬୭.୭୬ ପ୍ରତିଶତ ରହିଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପୂର୍ବାହ୍ନ ୧୧ଟାରେ ଫଳ ପ୍ରକାଶ କରାଯାଇଛି। ପରୀକ୍ଷାର୍ଥୀମାନେ ୱେବ୍‌ସାଇଟ୍‌ରୁ ସେମାନଙ୍କ ରେଜଲ୍ଟ ଜାଣିପାରିବେ। ଯୁକ୍ତ-୨ କଳାରେ ପ୍ରଥମ ଶ୍ରେଣୀରେ ୫୪୬, ଦ୍ୱିତୀୟ ଶ୍ରେଣୀରେ ୩୪୪ ଏବଂ ତୃତୀୟ ଶ୍ରେଣୀରେ ୨୬୯୬ ଜଣ ଛାତ୍ର ପାସ୍ କରିଥିବାବେଳେ ଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୪୧୭, ଦ୍ୱିତୀୟ ଶ୍ରେଣୀରେ ୨୬୮ ଏବଂ ତୃତୀୟ ଶ୍ରେଣୀରେ ୨୦୩୯ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଯୁକ୍ତ-୨ ବାଣିଜ୍ୟରେ ପ୍ରଥମ ଶ୍ରେଣୀରେ ୭୩, ଦ୍ୱିତୀୟ ଶ୍ରେଣୀରେ ୩୫ ଏବଂ ତୃତୀୟ ଶ୍ରେଣୀରେ ୧୭୯ ଜଣ ଛାତ୍ର ଉତୀର୍ଣ୍ଣ ହୋଇଥିବାବେଳେ ଛାତ୍ରୀମାନଙ୍କ ମଧ୍ୟରେ ପ୍ରଥମ ଶ୍ରେଣୀରେ ୨୯ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୫ ଜଣ ଏବଂ ତୃତୀୟ ଶ୍ରେଣୀରେ ୮୯ ଜଣ ଉତୀର୍ଣ୍ଣ ହୋଇଛନ୍ତି। ସେହପରି ଯୁକ୍ତ-୨ ବିଜ୍ଞାନ ପାଠ୍ୟକ୍ରମରେ ପ୍ରଥମ ଶ୍ରେଣୀରେ ୭୯ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୪୫ ଜଣ ଏବଂ ତୃତୀୟ ଶ୍ରେଣୀରେ ୬୯୯ ଜଣ ଛାତ୍ର କୃତକାର୍ଯ୍ୟ ହୋଇଥିବାବେଳେ ଛାତ୍ରୀମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୫୭ ଜଣ, ଦ୍ୱିତୀୟ ଶ୍ରେଣୀରେ ୯୭ ଜଣ ଏବଂ ତୃତୀୟ ଶ୍ରେଣୀରେ ୪୧୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଧନ୍ଦାମୂଳକ ଶିକ୍ଷା କ୍ଷେତ୍ରରେ ପ୍ରଥମ ଶ୍ରେଣୀରେ ୫ ଜଣ, ଦ୍ୱିତୀୟ ଶ୍ରେଣୀରେ ୩୭ ଜଣ, ତୃତୀୟ ଶ୍ରେଣୀରେ ୮୩ ଜଣ, ଛାତ୍ର ଉତୀର୍ଣ୍ଣ ହୋଇଥିବାବେଳେ ଛାତ୍ରୀମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୫ ଜଣ, ଦ୍ୱିତୀୟ ଶ୍ରେଣୀରେ ୨୩ ଜଣ, ତୃତୀୟ ଶ୍ରେଣୀରେ ୫୫ ଜଣ ଛାତ୍ରୀ ଉତୀର୍ଣ୍ଣ ହୋଇଛନ୍ତି। ଯୁକ୍ତ-୨ କଳାରେ ୮୯୩୫ ପରୀକ୍ଷାର୍ଥୀ ମଧ୍ୟରୁ ୬୩୧୦ ଜଣ ପାସ୍ କରିଛନ୍ତି। କଳାରେ ପାସ୍ ହାର ଶତକଡ଼ା ୭୦.୬୨ ରହିଛି। ଯୁକ୍ତ-୨ ବାଣିଜ୍ୟରେ ୬୧୫ ପରୀକ୍ଷାର୍ଥୀ ମଧ୍ୟରୁ ୪୨୨ ପାସ୍ କରିଛନ୍ତି ଏବଂ ପାସ୍ ହାର ଶତକଡ଼ା ୬୮.୬୧ ରହିଛି। ଯୁକ୍ତ-୨ ବିଜ୍ଞାନରେ ୨୩୩୧ ପରୀକ୍ଷାର୍ଥୀ ମଧ୍ୟରୁ ୧୫୦୧ ପାସ କରିଛନ୍ତି ଏବଂ ପାସ୍ ହାର ଶତକଡ଼ା ୬୪.୩୯ ରହିଛି। ଧନ୍ଦାମୂଳକ ଶିକ୍ଷାରେ ୪୪୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୨୭ ଜଣ ପାସ୍ କରିଛନ୍ତି ଏବଂ ପାସ୍ ହାର ଶତକଡ଼ା ୫୧୫୯ ରହିଛି।

## ଢେଙ୍କାନାଳରେ ୮୮୦ କୋଟି ଓ ଅନୁଗୁଳରେ ୧୧୭୬ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୧୧(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନର ଶୁଭାରମ୍ଭ କରିଛନ୍ତି। ଉଭୟ ଜିଲ୍ଲାର ୧୦ ଲକ୍ଷ ଲେଖାଏ ଲୋକ ଏହି ସୁବିଧା ପାଇବେ। ଏହାସହିତ ରାଜ୍ୟର ୧୫ଟି ଜିଲ୍ଲାର ଜନସାଧାରଣ ଏହି କାର୍ଯ୍ୟକ୍ରମରେ ସାମିଲ ହେଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ସୁସ୍ଥ ଓଡିଶା ଓ ସୁଖୀ ଓଡିଶା ଦିଗରେ ଏକ ବଳିଷ୍ଠ ପଦକ୍ଷେପ। ସମସ୍ତଙ୍କର ସମ୍ମାନର ସହିତ ବଂଚିବାର ଅଧିକାର ଅଛି ଏବଂ ଏହି ହେଲ୍‌ଥ କାର୍ଡ ଏହି ଅଧିକାରକୁ ସୁନିଶ୍ଚିତ କରିଛି। କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଢେଙ୍କାନାଳ ଜିଲ୍ଲା ପାଇଁ ୮୮୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଥିବା ବେଳେ ଅନୁଗୁଳ ପାଇଁ ୧୧୭୬ କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ କରିଛନ୍ତି। ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ଅନୁଗୁଳ ଜିଲ୍ଲା ଯାଇ ସେଠାରେ ସ୍ମାର୍ଟ କାର୍ଡ ବଂଟନର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ବରେଣ୍ୟ ସ୍ୱାଧୀନା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଚୌଧୁରୀଙ୍କ ସଂକଳ୍ପ ଓ ତ୍ୟାଗକୁ ସ୍ମରଣ କରିଥିଲେ। ସେମାନଙ୍କ ପ୍ରତିଷ୍ଠିତ ବାଜିରାଉତ ଛାତ୍ରାବାସ ପାଇଁ ଅନୁଗୁଳ ଜିଲ୍ଲା ପ୍ରସିଦ୍ଧ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଏହି ଅବସରରେ ତାଳଚେର ପ୍ରଜାମଣ୍ଡଳ ଆନ୍ଦୋଳନର ସଂଗ୍ରାମୀ ମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଅନୁଗୁଳ ପାଇଁ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରି ରାଜ୍ୟ ସରକାର ବର୍ତ୍ତମାନ ଭଲ ପିଇବା ପାଣି ଉପରେ ଗୁରୁତ୍ୱ ଦେଇଆସୁଛନ୍ତି। ଜିଲ୍ଲାରେ ମିଲେଟ ମିଶନ ପ୍ରତି ଚାଷୀଙ୍କ ଆଗ୍ରହ ବଢୁଥିବା ଯୋଗୁ ସେ ଖୁସି ପ୍ରକାଶ କରି କହିଲେ ଜିଲ୍ଲାରେ ୩୦୦୦ ଚାଷୀ ଏଥିରେ ସାମିଲ ହୋଇଛନ୍ତି। ଏହା ଆମର ପୁଷ୍ଟି ନିରାପତାକୁ ମଜବୁତ କରିବ ବୋଲି ସେ କହିଥିଲେ। ସେହିପରି ଢେଙ୍କାନାଳରେ ମୁଖ୍ୟମନ୍ତ୍ରୀ ଶହୀଦ ବାଜିରାଉତ ଓ ସାରଙ୍ଗଧର ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ କହିଥିଲେ ଯେ ଏ ମାଟି ସବୁବେଳେ ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ କରିଆସିଛି। ଢେଙ୍କାନାଳର ପ୍ରଜାମଣ୍ଡଳ ଆନ୍ଦୋଳନ ଓଡିଶା ଇତିହାସର ଏକ ଗୌରବମୟ ଅଧ୍ୟାୟ ବୋଲି ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ ଏହାର ସଂଗ୍ରାମୀ ମାନଙ୍କୁ ପ୍ରଣାମ ଜଣାଇଥିଲେ। ଢେଙ୍କାନାଳରେ ବିଭିନ୍ନ ପ୍ରକଳ୍ପ ଆରମ୍ଭ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶିଳ୍ପ ସହିତ ଉଦ୍ୟାନ କୃଷିରେ ମଧ ଢେଙ୍କାନାଳ ସୁନାମ କରୁଛି। ଢେଙ୍କାନାଳରେ ପର୍ଯ୍ୟଟନର ବିକାଶ ପାଇଁ ୫୦ କୋଟି ଟଙ୍କା ବିନିଯୋଗ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳରେ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ, ଢେଙ୍କାନାଳ ସାଂସଦ ମହେଶ ସାହୁ, ହିନ୍ଦୋଳ ବିଧାୟକ ଶ୍ରୀମତୀ ସୀମାରାଣୀ ନାୟକ, ଢେଙ୍କାନାଳ ବିଧାୟକ ସୁଧୀର ସାମଲ ପ୍ରମୁଖ ଯୋଗଦେଇଥିବା ବେଳେ, ଅନୁଗୁଳରେ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଅଶୋକ ପଣ୍ଡା, ଉପ ବାଚସ୍ପତି ରଜନୀକାନ୍ତ ସିଂହଙ୍କ ସମେତ ଜିଲ୍ଲାର ବିଧାୟକଗଣ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ କଲ୍ୟାଣ କାର୍ଯ୍ୟକ୍ରମ ଓଡିଶାର ଗରିବ ଲୋକଙ୍କ ମନରେ ଭରସା ସୃଷ୍ଟି କରିଛି ବୋଲି ସେମାନେ ପ୍ରକାଶ କରିବା ସହିତ, ଏହା ଅନ୍ୟ ରାଜ୍ୟ ମାନଙ୍କ ପାଇଁ ଆଦର୍ଶ ସୃଷ୍ଟି କରିଛି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡିଶା ବିକାଶର ନୂଆ ନୂଆ ପାହାଚ ଅତିକ୍ରମ କରିଚାଲିଛି ବୋଲି ସେମାନେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ହିତାଧିକାରୀ ମାନଙ୍କୁ କାର୍ଡ ବଂଟନ ସହ ସ୍ୱାସ୍ଥ୍ୟ ସଚେତନତା ରଥର ଶୁଭାରମ୍ଭ କରିଥିଲେ।


## Accommodation Wanted

Required independent single /double / Triple Storeyed building for Office purpose. IRC Village, NAYAPALLI Location is Prefered Intrested House Owner can contact on the following Number 9437588705 (Mob) Or Email house details, contact number etc on pabitrasamantry@gmail.com

## APPOINTMENT

THE KALINGA CHRONICLE
Popular people's Daily of Odisha
ପର୍ଯ୍ୟବେକ୍ଷକ
PARYABEKHYAK
Visit at:- www.pabitramohansamantaray.in

**Paryabekhyak and The Kalinga Chronicle Group need**

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**








# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ’ଣକ’ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ

ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ । ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି । ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି । ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ । ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧା ମଧ୍ୟ ମୋ ପାଇଁ ନର୍କ ସଦୃଶ । ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ । ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ । ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ । ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ ।



## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

## ପଲ୍ଲୀ କବି ନନ୍ଦ କିଶୋର ବଳ

ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ । ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ । ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ । ଶୈଶବରେ ସେ “ରସାନନ୍ଦ ଜେନା” ନାମରେ ପରିଚିତ ଥିଲେ । ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ । ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଭକ୍ତ କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା । ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ । ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ “ପଲ୍ଲୀ ଚିତ୍ର” ନାମରେ କବିତାର ରୂପ ଦେଇଥିଲେ । ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ । ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ “ନାନା ବାୟା ଗୀତ” ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ । ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି । ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ । ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି ।

## ରଣବୀର-କ୍ୟାଟ୍ରିନାକୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ ‘ଜଗା ଜାସୁସ୍’ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି । ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି । ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି । ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି । ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ । ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ । ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ । ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା’ନ୍ତା । ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା । ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି ।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ । ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା’ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ ।

## ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା

ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା । ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି । ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା । ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା । ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା । ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି । ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି ।






# କଂଗ୍ରେସ ଚାଟଶାଳୀରେ ହିନ୍ଦୁତ୍ୱର ନୂଆ ସ୍ୱରୂପ



ଆକ୍ରମଣକାରୀମାନେ ଯେତେବେଳେ ଏହି ଦେଶକୁ ଆସିଲେ ସେମାନେ ନିର୍ଗୁଣ ଓ ନିରାକାରକୁ ଉପାସନା କରୁଥିବା ଲୋକମାନଙ୍କ ଉପରେ ଆକ୍ରମଣ ଆରମ୍ଭ କଲେ । ଆକ୍ରମଣର ଶିକାର ହୋଇଥିବା ଲୋକମାନେ ଯେତବେଳେ ପଚାରିଥିଲେ ଆମ ଉପରେ କାହିଁକି ଆକ୍ରମଣ କରୁଛନ୍ତି, ସେତେବେଳେ ଉତର ମିଳିଲା ତମେ ସମସ୍ତେ ହିନ୍ଦୁ । ତେଣୁ ତମ ସମସ୍ତଙ୍କୁ ଆମେ ବଦଳାଇବାକୁ ଚାହୁଁଛୁ । ଏହି କଥା ଲୋକଭାଷାରେ ଲୋକଗୀତରେ ପ୍ରକାଶ ପାଇଥିଲା । ଜଣେ ସନ୍ଥ ପ୍ରଥମକରି ଏହି ଶବ୍ଦକୁ ବ୍ୟବହାର କରିଥିଲେ । ସେଥିଲେ ଗୁରୁ ନାନକ ଦେବ । ସେ ଲେଖିଥିଲେ "ଖୁରାସାନ ଖସ୍ମାନା କିୟା, ହିନ୍ଦୁସ୍ଥାନ ଡରାୟା, କାୟା କସ୍ତଡ ଟୁକ୍ ଟୁକ୍ ହୋସି ହିନ୍ଦୁସ୍ଥାନ ସମାଲସୀ ବୋଲା ।" ସେବେଠାରୁ ହିନ୍ଦୁ ଶବ୍ଦ ଲୋକମାନଙ୍କ ମଧ୍ୟରେ ପ୍ରଚଳିତ । ସତ୍ୟ ଏକ । ଏହା ଅସ୍ତିତ୍ୱର ଏକତାର ସତ୍ୟ ଏବଂ ଏହାକୁ ଗ୍ରହଣ କରିବା ସହିତ ଜଗତର ବିବିଧତାକୁ ସ୍ୱୀକାର କର ଓ ସମ୍ମାନ କର । ଏହାକୁ ନେଇ ଉତ୍ସବ ପାଳନକର । ନିଜ ନିଜର ବିବିଧତାକୁ ନେଇ ଶ୍ରଦ୍ଧାପୂର୍ବକ ଆଗକୁ ଅଗ୍ରସର ହୁଅ । ସମସ୍ତଙ୍କର ବିବିଧତାକୁ ସମ୍ମାନ କର ଏବଂ ମିଳିମିଶି ଆଗକୁ ଚାଲ । ଯେଉଁ ମୂଲ୍ୟବୋଧ ସବୁ ଏଭଳି ବାର୍ତ୍ତା ଦେଇ ପାରନ୍ତି ସେହି ମୂଲ୍ୟବୋଧଗୁଡ଼ିକ ହିଁ ହିନ୍ଦୁ ଓ ହିନ୍ଦୁତ୍ୱ । ଏହି ହିନ୍ଦୁତ୍ୱକୁ ନେଇ କଂଗ୍ରେସ ତାର ଗବେଷଣାଗାରରେ ଗବେଷଣା କରାଇ ନୂତନ ସ୍ୱରୂପ ପ୍ରଦାନ କରିଛି । କଂଗ୍ରେସ ଚାଟଶାଳୀରେ ଏଣିକି ହିନ୍ଦୁ ଓ ହିନ୍ଦୁତ୍ୱକୁ ନେଇ ନୂଆ ନୂଆ ପାଠ ପଢାଯାଉଛି । ସେଥିପାଇଁ ନୂଆ ନୂଆ ପୁସ୍ତକ ମଧ୍ୟ ପ୍ରକାଶ କରାଯାଉଛି । କଂଗ୍ରେସ ଦଳର ଜଣେ ପରେ ଜଣେ ନେତା ସମାଜ ସମ୍ମୁଖରେ ହିନ୍ଦୁତ୍ୱକୁ ନେଇ ନୂଆ ନୂଆ ଆଲୋଚନା କରୁଛନ୍ତି । ଅଳ୍ପଦିନ ତଳେ ବରିଷ୍ଠ କଂଗ୍ରେସ ନେତା ସଲମାନ ଖୁର୍ସିଦ ହିନ୍ଦୁତ୍ୱକୁ ଆତଙ୍କବାଦ ସହ ଯୋଡିଦେଲେ । ଗତ ନଭେମ୍ବର ୧୦ ତାରିଖ ଦିନ ଖୁର୍ସିଦ ତାଙ୍କ ପୁସ୍ତକ 'ସନ୍‌ରାଇଜ ଓଭର ଅଯୋଧ୍ୟା' ଉନ୍ମୋଚନ କରିଛନ୍ତି । ଯେଉଁ ସନାତନ ଧର୍ମ ଓ କ୍ଲାସିକାଲ ହିନ୍ଦୁତ୍ୱ ମୁନିଋଷିମାନଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ,ତାକୁ ଆଡେଇ ଦେଇ ତା'ସ୍ଥାନରେ ଏବେ ଠିଆ ହୋଇଛି ତା'ର ଏକ କଠୋର ଓ ରାଜନୈତିକ ସଂସ୍କରଣ,ଯାହା ଆଇଏସ୍‌ଆଇଏସ୍ ଓ ବୋକୋ ହରାମ ସହ ସମାନ, ଯେଉଁମାନେ ଅସଲରେ ଆତଙ୍କବାଦୀ ସଂଗଠନ ବୋଲି ଖୁର୍ସିଦ ତାଙ୍କ ପୁସ୍ତକ ଚାପ୍ଟର-୬ର 'ଦ ସାଫ୍ରନ ସ୍କାଏ'ରେ ଉଲ୍ଲେଖ କରିଛନ୍ତି ।

ତା'ପରେ ରସିଦ ଅଲଭି ଜୟ ଶ୍ରୀରାମ କହୁଥିବା ବ୍ୟକ୍ତିଙ୍କୁ ରାକ୍ଷାସ ସହିତ ତୁଳନା କରିଛନ୍ତି । ସେ କହିଛନ୍ତି ଆଜିକାଲି କିଛି ଲୋକ ଜୟଶ୍ରୀରାମ ସ୍ଲୋଗାନ ଦେଇ ଦେଶର ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି । ଏପରି ଲୋକମାନଙ୍କ ପ୍ରତି ସତର୍କ ରହିବା ଉଚିତ । ସ୍ନାନ ନକରି ଆଜିକାଲି ଲୋକମାନେ ଜୟଶ୍ରୀରାମ କହୁଛନ୍ତି । ଆଜି ମଧ୍ୟ ବହୁତ ଲୋକ ଜୟଶ୍ରୀରାମର ନାରା ଦେଉଛନ୍ତି, ସେମାନେ ସାଧୁ ନୁହଁନ୍ତି, ସେମାନେ ରାକ୍ଷସ ଅଟନ୍ତି ।

ଏବେ କଂଗ୍ରେସ ଦଳର ଯୁବରାଜ ବୋଲାଉଥିବା ରାହୁଲ ଗାନ୍ଧି ହିନ୍ଦୁ ଏବଂ ହିନ୍ଦୁତ୍ୱ ଅଲଗା ଅଲଗା ବୋଲି କହିଛନ୍ତି । ସେ କହିଛନ୍ତି ହିନ୍ଦୁ ଏବଂ ହିନ୍ଦୁତ୍ୱ ମଧ୍ୟରେ ପାର୍ଥକ୍ୟ କ'ଣ? କଣ ଏହା ଏକ ହୋଇପାରିବେ? ଯଦି ସେମାନେ ଏକ ତେବେ ତାଙ୍କର ନାମ ଅଲଗା ଅଲଗା କାହିଁକି? ପ୍ରକୃତରେ ଏହା ଅଲଗା ଅଟେ । ହିନ୍ଦୁ ଧର୍ମରେ ଶିଖ ଏବଂ ମୁସଲମାନଙ୍କୁ ମାଡ ଦିଆଦିଆଯିବା ଉଚିତ କି? ଏହି ବିଷୟ ହିନ୍ଦୁତ୍ୱରେ ହିଁ ଅଛି ବୋଲି ରାହୁଲ ଗାନ୍ଧି ହିନ୍ଦୁ ହିନ୍ଦୁତ୍ୱ ଉପରେ ବିଶ୍ଳେଷଣ କରି ଉପସ୍ଥାପନ କରିଛନ୍ତି ।

ଭାରତରେ ହିନ୍ଦୁ ଓ ହିନ୍ଦୁତ୍ୱକୁ ନେଇ କଂଗ୍ରେସ ପୁଣି ଥରେ ଯେଉଁ ବିତର୍କ ଆରମ୍ଭ କରିବାକୁ ଚାହୁଁଛି ତାହା ବହୁତ ପୁରୁଣା । ଦେଶରେ ସଂଖ୍ୟାଲଘୁ ତୃଷ୍ଟିକରଣ ପାଇଁ ହିନ୍ଦୁ ଓ ହିନ୍ଦୁତ୍ୱ ବିରୋଧରେ ଏଭଳି ପ୍ରଚାର ଚାଲିଛି । କଂଗ୍ରେସ ତାର ପ୍ରୟୋଗଶାଳାରେ ହିନ୍ଦୁତ୍ୱର ନୂଆ ବାଖ୍ୟାକରି ଦୁରେଇ ଯାଇଥିବା ସଂଖ୍ୟାଲଘୁମାନଙ୍କୁ ଆପଣାର କରିବାକୁ ଚାହୁଁଛି । କଂଗ୍ରେସ ଭାବୁଛି ଏପରି କହି ବିଜେପିର ଭୋଟକୁ ହ୍ରାସ କରିବ । ୨୦୧୩ରେ କଂଗ୍ରେସ ନେତା ସୁଶୀଲ କୁମାର ସିନ୍ଧେ କହିଥିଲେ ଯେ,ଭାରତରେ ହିନ୍ଦୁ ଆତଙ୍କବାଦ ରହିଛି । ତାପରେ କଂଗ୍ରେସର ଅନେକ ନେତା ମଧ୍ୟ ଏହାକୁ ସମର୍ଥନ କରିଥିଲେ । ୨୦୦୮ ବାଟଲା ହାଉସ ଏନ୍‌କାଉଂଟର ପରେ ସଲମାନ ଖୁର୍ସିଦ କହିଥିଲେ ଯେ ଏହି ଏନ୍‌କାଉଟଂରରେ ନିହତ ଆତଙ୍କବାଦୀଙ୍କ ପାଇଁ ସୋନିଆ ଗାନ୍ଧୀଙ୍କ ଆଖିରେ ଲୁହ ଆସି ଯାଇଛି । ଏହି ସଲମାନ ଖୁର୍ସିଦ ପ୍ରଥମେ ଆତଙ୍କବାଦର କୌଣସି ଧର୍ମ ନାହିଁ ବୋଲି କହିଥିଲେ । ଏହାପରେ ୨୦୧୩ରେ ମଧ୍ୟ ସେହି ସମାନ କଥା କହିଥିଲେ । ତାପରେ ୨୦୧୮ ମସିହାରେ ଇସଲାମକୁ ଆତଙ୍କବାଦ ସହ ଯୋଡିବା ଠିକ୍ ହେବ ନାହିଁ ବୋଲି କହିଥିଲେ ।

କଂଗ୍ରେସ ନେତା ଯେଉଁ ଆଇଏସ୍ ଆଇଏସ୍‌ର ନାମ ନେଇଛନ୍ତି ସେହି ଆତଙ୍କବଦୀମାନେ ଇସଲାମ ଜିହାଦ ନାମରେ ଗଳାକାଟି ହତ୍ୟାକରନ୍ତି । ସାରା ବିଶ୍ୱରେ ୮ ହଜାରରୁ ଅଧିକ ଲୋକଙ୍କୁ ହତ୍ୟା କରିଛି । ୨୦୧୪ ରୁ ୨୦୧୮ ମଧ୍ୟରେ ଏହି କଟ୍ଟରପନ୍ଥୀ ଇସଲାମିକ ସଂଗଠନ ବିଶ୍ୱର ୨୯ଟି ଦେଶରେ ପ୍ରାୟ ୧୫୦ ଆତଙ୍କବାଦୀ ଆକ୍ରମଣ କରିଛି । ଯେଉଁଥିରେ ୨୦୦୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି । ସେହିପରି ବୋକୋ ହରାମ ଆତଙ୍କବାଦୀମାନେ ମୁହଁରେ କଳା ମାସ୍କ ଲଗାଇଥାନ୍ତି । ଦେହରେ ଗୁଳିର ହାର ପିନ୍ଧିଥାନ୍ତି । ଇସଲାମର ପତାକା ଧରି ଚାଲିଥାନ୍ତି । ବୋକୋ ହରାମ ମଧ୍ୟ ୬ ବର୍ଷ ମଧ୍ୟରେ ଏକ ହଜାରରୁ ଅଧିକ ଆତଙ୍କବାଦୀ ଆକ୍ରମଣ କରିଛି । ଯେଉଁଥିରେ ୧୦ ହଜରରୁ ଉର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଛନ୍ତି । ଏବେ ହିନ୍ଦୁମାନଙ୍କୁ ସେମାନଙ୍କ ସହିତ ସମାନ କରିଦିଆଯାଇଛି । କେବେ ଆପଣ ଦେଖିଛନ୍ତି କି ଧର୍ମନାମରେ ହିନ୍ଦୁ ସଂଗଠନ ବା ସଂଗଠନର କାର୍ଯକର୍ତା କୌଣସି ଲୋକଙ୍କର ଗଳାକାଟି ହତ୍ୟା କରିଛନ୍ତି ? ନା ନରସଂହାର କରିଛନ୍ତି ? ତାହେଲେ ଏଭଳି ଅପପ୍ରଚାର ହିନ୍ଦୁନାମରେ କାହିଁକି ହେଉଛି ?

କଂଗ୍ରେସର ବିଦ୍ୱାନମାନେ ସମସ୍ତେ ହିନ୍ଦୁ ସମାଜ ହିଂସ୍ର, ଅମାନବୀୟ ଓ ଅତ୍ୟାଚାରୀ ବୋଲି ଉପସ୍ଥାପନା କରିବାକୁ ଚାହିଁଛନ୍ତି । ସମଗ୍ର ହିନ୍ଦୁ ସମାଜ ପ୍ରତି ଏହା ଅପମାନଜନକ । ହନ୍ଦୁ ଧର୍ମକୁ ଆତଙ୍କବାଦୀ ସଂଗଠନ ସହ ତୁଳନା କରିବା ଅଜ୍ଞତାର ପରିଚୟ । କାରଣ ହିନ୍ଦୁତ୍ୱ ସବୁବେଳେ କହି ଆସିଛି ବସୁଧୈବ କୁଟୁମ୍ବକମ୍ । ବୋଧହୁଏ ପ୍ରଥମକରି ହିନ୍ଦୁତ୍ୱ ଶବ୍ଦ ୧୮୯୨ ମସିହାରେ ପ୍ରସିଦ୍ଧ ବଙ୍ଗୀୟ ସାହିତ୍ୟିକ ଚନ୍ଦ୍ରନାଥ ବସୁ ତାଙ୍କର ପୁସ୍ତକରେ ବ୍ୟବହୃତ କରିଥିଲେ । ସେତେବେଳେ ହିନ୍ଦୁ ଧର୍ମକୁ ସାଂସ୍କୃତିକ ମହତ୍ୱ ସହିତ ଯୋଡି ତାଙ୍କ ପୁସ୍ତକରେ ପ୍ରକାଶ କରିଥିଲେ । ତାଙ୍କପରେ ୧୯୨୩ରେ ମହାନ ସ୍ୱାଧୀନତା ସଂଗ୍ରାମୀ ବିନାୟକ ଦାମୋଦର ସାବରକର ଏହି ଶବ୍ଦକୁ ଲୋକପ୍ରିୟ କରାଇବା ସହିତ 'ହିନ୍ଦୁତ୍ୱ' ନାମକ ଏକ ପୁସ୍ତକ ରଚନା କରିଥିଲେ । ଭାରତର ଗୋଟିଏ ଗୋଷ୍ଠୀ ସାବରକରଙ୍କୁ ଭଲ ପାଉନଥିଲେ,ତେଣୁ ସେମାନେ 'ହିନ୍ଦୁତ୍ୱ'କୁ ପସନ୍ଦ କରୁନାହାଁନ୍ତି । ୧୯୯୫ ମସିହାରେ ସୁପ୍ରିମକୋର୍ଟ 'ହିନ୍ଦୁ ଧର୍ମ ଏବଂ ହନ୍ଦୁତ୍ୱ' ଉପରେ ମନ୍ତବ୍ୟ ଦେଇ କହିଥିଲେ ଯେ, 'ଏହା ଏକ ଜୀବନଶୈଳୀ, ଜୀବନଧାରଣ କରିବାର ମାର୍ଗ' ଏବଂ କଟ୍ଟରତା ସହିତ ଏହାକୁ ତୁଳନା କରିବା ବଡ ଭୁଲ ହେବ । ଅଦାଲତ ଏହା ମଧ୍ୟ କହିଥିଲେ ଯେ, ଧର୍ମନିରପେକ୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ହିନ୍ଦୁତ୍ୱ ଶବ୍ଦର ପ୍ରୟୋଗ କରାଯିବା ଉଚିତ । ସୁପ୍ରିମକୋର୍ଟଙ୍କ ଏହି ମନ୍ତବ୍ୟକୁ ସଲମାନ ଖୁର୍ସିଦ ପରିହାସ କରିଛନ୍ତି ।

ଆଗରୁ ଯେପରି ନିର୍ବାଚନ ହେଉଥିଲା ବର୍ତ୍ତମାନ ସେପରି ନିର୍ବାଚନ ହେଉନାହିଁ । ନିର୍ବାଚନର ତରିକା ବଦଳି ଯାଇଛି । ନିର୍ବାଚନ ଲଢ଼ିବା ଷ୍ଟାଇଲ ବଦଳି ଯାଇଛି । ଲୋକଙ୍କ ବିଚାରଧାରା ବଦଳି ଯାଇଛି । ଏହି ପୁସ୍ତକରେ ଯେଉଁ ସୂତ୍ର ପ୍ରୟୋଗ କରାଯାଇଛି ତାହା ବହୁତ ପୁରୁଣା । କଂଗ୍ରେସ ଭାବିଥିଲା ଏହି ପ୍ରୟୋଗ ଦ୍ୱାରା ଆଗାମୀ ନିର୍ବାଚନରେ ତାଙ୍କୁ ବହୁତ ଲାଭ ହେବ କିନ୍ତୁ ଫଳ ଓଲଟା ହେଲା । ଖୁର୍ସିଦଙ୍କ ପୁସ୍ତକର ଦୁଇଟି ଧାଡି ପ୍ରିୟଙ୍କା ଗାନ୍ଧିଙ୍କ ୧୨ ବର୍ଷର ତପସ୍ୟାକୁ ଶୁଖୁଆ ଝୋଳରେ ପରିଣତ କରିଦେଇଛି । ପ୍ରିୟଙ୍କା ଗାନ୍ଧି ଉତରପ୍ରଦେଶର ମନ୍ଦିର ରୁ ମନ୍ଦିର ବୁଲି ଯେଉଁ ହିନ୍ଦୁତ୍ୱ ନାଆରେ ନିର୍ବାଚନର ଗଙ୍ଗା ପାରିହେବାକୁ ଚାହୁଁଥିଲେ ତାହାକୁ ଏହି ତିନି ଜଣ କଂଗ୍ରେସର ବିଦ୍ୱାନ ସେହି ନାଆକୁ ଗଙ୍ଗା ନଦୀରେ ବୁଡ଼ାଇ ଦେଇଛନ୍ତି । ସେମାନେ ଭାବିଥିଲେ ଖୁର୍ସିଦଙ୍କ ଏହି ଥିଓରୀ ମୁସଲମାନ ଭୋଟକୁ ଏକାଠି କରି ପାରିବ । ହିନ୍ଦୁତ୍ୱକୁ ବଦନାମ କଲେ ଅଧିକ ସଂଖ୍ୟାଲଘୁ ଭୋଟ ମିଳିବା ସହିତ ଧର୍ମନିରପେକ୍ଷବାଦୀଙ୍କ ଭୋଟ ଆହୁରି ଅଧିକ ମିଳିବ । ଏହା ବହୁତ ହିସାବ କିତାବ କରି କରାଯାଇଥିଲା । ଏମାନେ ଜାଣିଶୁଣି ଏପରି କରିଥିଲେ ବୋଲି ଚର୍ଚ୍ଚା ହେଉଛି । ହିନ୍ଦୁତ୍ୱକୁ ବଦନାମ କରିବାରେ ଖୁର୍ସିଦଙ୍କ ସହିତ ସହଯୋଗ କରିଛନ୍ତି ଆଉ ଦୁଇ ଜଣ ପାଟନର । ଜଣେ ହେଉଛନ୍ତି ଦିଗ୍ୱିଜୟ ସିଂ । ସେ ହିନ୍ଦୁତ୍ୱକୁ ଇତିହାସ କାଠଗଡାରେ ଠିଆ କରିବାକୁ ଚାହିଁଛନ୍ତି । ସେ କହିଛନ୍ତି ୫୦୦ ବର୍ଷର ମୋଗଲ ଓ ମୁସଲମାନ ଶାସନରେ କି ଖ୍ରୀଷ୍ଟିଆନମାନଙ୍କ ୧୫୦ ବର୍ଷର ଶାସନରେ ହିନ୍ଦୁ ଧର୍ମର କିଛି କ୍ଷତି ହୋଇନଥିଲା କି ସେମାନେ କିଛି କରିପାରିନଥିଲେ କିନ୍ତୁ ଏବେ ହିନ୍ଦୁ ଧର୍ମ ପ୍ରତି ବିପଦ କେଉଁଠୁ ଆସିଲା ? ଦିଗ୍ୱିଜୟ ସିଂ ଙ୍କ କଥାରୁ ସ୍ପଷ୍ଟ ପ୍ରତ୍ୟେୟମାନେ ହେଉଛି ତାଙ୍କୁ ଭାରତର ଇତିହାସ ଜଣା ନାହିଁ ନା ଜାଣି କରି ଅଜଣା ଅଛନ୍ତି । ସତରେ କଣ ଏମାନଙ୍କ ଶାସନ କାଳରେ ହିନ୍ଦୁ ଧର୍ମର କିଛି କ୍ଷତି ହୋଇନାହିଁ ? ହିନ୍ଦୁତ୍ୱ ନାମରେ ଅପପ୍ରଚାର କରିବାରେ ସେଦିନର ପୁସ୍ତକ ଉନ୍ମୋଚନରେ ଉପସ୍ଥିତ ଥିଲେ ଆଉ ଜଣେ ସହଯୋଗୀ ଯେକି ଭାରତର ପୂର୍ବତନ ଗୃହମନ୍ତ୍ରୀ ପି.ଚିଦାମ୍ବରମ୍ । ଯାହାଙ୍କ ଉତମ ଆଇନ୍‌ଗତ ମସ୍ତିଷ୍କରୁ ସୃଷ୍ଟି ହୋଇଥିଲା ହିନ୍ଦୁ ଆତଙ୍କବାଦ ର ଶବ୍ଦ ।

ଆମ ଦେଶର ମୁସଲମାନମାନେ ବୁଝିସାରିଛନ୍ତି ଏପ୍ରକାର ବିବାଦ ଦ୍ୱାରା ଲାଭ କାହାର କ୍ଷତି କାହାର । ଏହି ପୁସ୍ତକ ଯୋଗୁଁ କଂଗ୍ରେସର ବହୁତ କ୍ଷତି ହେବ ବୋଲି ସମସ୍ତ କଂଗ୍ରେସ ନେତା ଅବଗତ ହୋଇ ସାରିଲେଣି । ଯେଉଁଥିପାଇଁକି ଏହି ପୁସ୍ତକ ପ୍ରକାଶନ ପରେ ଯେଉଁ ସ୍ୱର ଉଠିଲା ତାହା ଦ୍ୱାରା କଂଗ୍ରେସର ଯେଉଁ କ୍ଷତି ହେଲା ତାକୁ ପୁରଣ କରିବା ପାଇଁ ସଙ୍ଗେ ସଙ୍ଗେ ଆଉ ଜଣେ ମୁସଲମାନ ନେତା ଗୁଲାମ ନବୀ ଆଜାଦ କିଛି ସମୟ ପରେ ଏକ ଲିଖିତ ବିବୃତି ପ୍ରକାଶ କରିଛନ୍ତି । ଯେଉଁଥିରେ ସେ କହିଛନ୍ତି ଯେ ଯଦିଓ ଆମେ ହିନ୍ଦୁତ୍ୱର ରାଜନୈତିକ ବିଚାର ସହିତ ସହମତ ନୋହୁଁ । କିନ୍ତୁ ଏହାକୁ ଆଇଏସ୍‌ଆଇଏସ୍ ଏବଂ ବୋକୋ ହରାମ ସହିତ ତୁଳନା କରିବା କେବଳ ତଥ୍ୟ ଆଧାରରେ ଭୁଲ ନୁହେଁ ବରଂ ଏହାକୁ ଅତିମାତ୍ରାରେ ବଢେଇ ଚଢେଇ ଲେଖାଯାଇଛି, ଯେଉଁଥିରେ କିଛି ଦମ୍ ନାହିଁ ।

ଆମ ଦେଶରେ ଥିବା କଂଗ୍ରେସ ନେତାମାନେ ଠିକ୍ ଜାଣିଛନ୍ତି ହିନ୍ଦୁମାନଙ୍କର ଧର୍ମଶାସ୍ତ୍ରରେ ହିନ୍ଦୁ ଧର୍ମ ଶବ୍ଦ ନାହିଁ । ଏହାକୁ ମାନବ ଧର୍ମଶାସ୍ତ୍ର ବୋଲି କୁହାଯାଏ । ହିନ୍ଦୁ ଶବ୍ଦ ଆସିବା ପୂର୍ବରୁ ଏହି ସବୁ ଗ୍ରନ୍ଥ ରଚିତ ହୋଇଛି । ଏହା କେତେବେଳେ ହେଲେ ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀପାଇଁ ସୃଷ୍ଟି ହୋଇ ନାହିଁ । ଏହାସବୁ ଲୋକଙ୍କ ପାଇଁ ସୃଷ୍ଟି ହୋଇଛି । ଆମ ଦେଶରେ ଯେତେ ଆଧ୍ୟାତ୍ମିକ ଧାରା ସୃଷ୍ଟି ହୋଇଛି, ଯଥା ଶିଖ୍, ବୌଦ୍ଧ, ଜୈନ, ସନାତନୀ, ଆର୍ଯ୍ୟସମାଜୀ ଏମାନେ ସମସ୍ତେ ଭାରତରେ ଜନ୍ମ ହୋଇଛନ୍ତି ଓ ଭାରତର ସମାଜ ପାଇଁ କାର୍ଯ୍ୟ କରିଛନ୍ତି । ଏମାନେ ଯାହାସବୁ କହିଛନ୍ତି ସମଗ୍ର ବିଶ୍ୱପାଇଁ କହିଛନ୍ତି । କାରଣ ଆମେ କେବେହେଲେ ଆମ ପରମ୍ପରାରେ ନିଜକୁ ବିଶ୍ୱ ମାନବତା ଠାରୁ ଅଲଗା ଭାବେ ଗ୍ରହଣ କରି ନାହୁଁ । ମାତା ଚ ପାର୍ବତୀ ଦେବୀ ପିତା ଦେବୋ ମହେଶ୍ୱରଃ, ବାନ୍ଧବାଃ ଶିବଭକ୍ତାଷ୍ଟ ସ୍ୱଦେଶ ଭୁବନତ୍ରୟମ୍ । ପାର୍ବତୀ ଆମର ମାତା, ପିତା ମହେଶ୍ୱର । ତ୍ରିଭୁବନର ସକଳ ପ୍ରାଣୀ ଆମର ବାନ୍ଧବ । ଏହି ତ୍ରିଭୁବନ ହିଁ ଆମର ଦେଶ । ସେହିଭଳି ଆମ ଦର୍ଶନ- ବସୁଧୈବ କୁଟୁମ୍ବକମ୍ ମଧ୍ୟରେ ବିଶ୍ୱର ସମସ୍ତ ପ୍ରାଣୀଙ୍କୁ ଆମର କୁଟୁମ୍ବ ବୋଲି କୁହାଯାଇଛି । ଏହା ହିଁ ଆମର ସ୍ୱଭାବ । କାରଣ ଭାରତ ସବୁବେଳେ ହିଁ ଏକତାର ଅସ୍ତିତ୍ୱ ସଂପର୍କରେ ନିଜର ଜିଜ୍ଞାସା ପ୍ରକାଶ କରିଆସିଛି । ଏହି ଅସ୍ତିତ୍ୱର ଏକତାକୁ ସମସ୍ତେ ଯେପରି ଅନୁଭବ କରିବେ ଏବଂ ତାର ଆବଶ୍ୟକତାକୁ ବୁଝିବେ ସେହି ଉଦ୍ୟମ ଭିତରେ ହିଁ ଭାରତର ଅସ୍ତିତ୍ୱ ତିଷ୍ଠି ରହିଛି । ସେଥିପାଇଁ ଆମେ ନାନା ପ୍ରକାର ବିବିଧତାକୁ ନେଇ ଗୋଟିଏ ସମାଜ ରୂପେ ଆଗକୁ ଚାଲିଛୁ । ଏହି 'ହିନ୍ଦୁତ୍ୱ' ରୂପକ ଜୀବନଧାରଣ କରିବାର ମାର୍ଗରେ ଆମେ ଅଗ୍ରସର ହେଉଛୁ ।

**ଗୋଲଖି ଚନ୍ଦ୍ର ଦାସ**, ଘିଗିଡିଆ, ବାରୁଅ, କେନ୍ଦ୍ରାପଡା, ମୋ-୯୮୬୧୦୨୮୫୫୩

# ଗୀତା ଜାଗରଣ ପରିଷଦ ପକ୍ଷରୁ ବୋଇତ ବନ୍ଦାଣ ଓ ସପ୍ତଦିବସବ୍ୟାପୀ ଶ୍ରୀମଦ୍ ଭବଗତ କଥାମୃତ ଆଲୋଚନା ଉଦ୍‌ଯାପନୀ



ଯାଜପୁର (ପିଏନ୍)-ଉତ୍କଳୀୟ ନୌବାଣିଜ୍ୟର ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ସ୍ମରଣ କରି ଗୀତା ଜାଗରଣ ପରିଷଦ ପକ୍ଷରୁ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ବୋଇତ ବନ୍ଦାଣ ଉତ୍ସବ ସପ୍ତଦିବସବ୍ୟାପୀ ଭଗବତ କଥାମୃତ ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ପ୍ରାତଃରେ କାର୍ଯ୍ୟାଳୟଠାରେ କୃତ୍ରିମ ଉପାୟରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପରିଷଦର ସଭାପତି ଆଡ଼ଭୋକେଟ୍ ପ୍ରତିମା କର ପ୍ରଦୀପ ପ୍ରଜ୍ୱଳନ କରିବା ସହ ରାଇ ଦାମୋଦରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ସଭାପତି ତାଙ୍କ ବକ୍ତବ୍ୟରେ ଏହି ପବିତ୍ର ପୀଠରେ ପ୍ରଭୁ ଜଗନ୍ନାଥ, ମା'ବିରଜା, ସପ୍ତମାତୃକା, ପ୍ରଭୁ ବରାହ, ବୈତରଣୀ ଓ ବିପ୍ର ସମସ୍ତଙ୍କର ଉପସ୍ଥିତି ଯାଜପୁରର ମହାତ୍ମ୍ୟକୁ ସମୃଦ୍ଧ କରୁଛି ବୋଲି କହିଥିଲେ । ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ ଶ୍ରୀଶିବାଷ୍ଟକ ପାଠ କରିଥିଲେ । ସମ୍ପାଦକ ଭାସ୍କର ଚନ୍ଦ୍ର ମହାନ୍ତି ଅତିଥିମାନଙ୍କୁ ସ୍ୱାଗତ କରି ସେମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଅତୀତର ନୌବାଣିଜ୍ୟ ଓଡ଼ିଆ ଜାତିକୁ ଧନଧାନ୍ୟରେ ସମୃଦ୍ଧ କରିଥିଲା ଓ ଆମର ବୈଦେଶିକ ସମ୍ପର୍କକୁ ସୁଦୃଢ଼ କରିଥିଲା ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତାଭାବେ ଯୋଗଦେଇ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସେବାନିବୃତ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ବିଷୟରେ ଯାଜପୁରର ଭୂମିକା ଅତୁଳନୀୟ ବୋଲି କହିଥିଲେ । ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର ଓ ଡ. କାହ୍ନୁଚରଣ ମିଶ୍ରଙ୍କୁ କାହ୍ନୁଚରଣ କର ସ୍ମୃତି ସମ୍ମାନରେ ସମ୍ମାନୀତ କରାଯିବା ସହ ସେମାନଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଷଷ୍ଠ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ସମ୍ମାନୀତ ଅତିଥିଭାବେ ଗଦାଧର ରାଉତ ଓ ଦେବେନ୍ଦ୍ର ନାଥ ସାହୁ ଯୋଗଦେଇଥିଲେ । ଅଧିକାରୀ ନବକିଶୋର ଦାସ ପ୍ରବଚକଭାବେ ଯୋଗଦେଇ ରାଇ ଦାମୋଦରଙ୍କ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ । ସନ୍ଧ୍ୟା ୫ ଘଟିକା ସମୟରେ ମନ୍ଦିର ପରିସରରେ ଆକାଶଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ସାନ୍ତନୁ କୁମାର ଧଳ, ବାସୁଦେବ ପାଣି, ହୃଷିକେଶ ପତି, ସୁବାସ ମହାପାତ୍ର, ସନ୍ତୋଷ ସ୍ୱର୍ଣ୍ଣକାର, ଧନଞ୍ଜୟ ପୃଷ୍ଟି, ଅଖିଳ ମୋହନ ଦାସ, ଉପେନ୍ଦ୍ର ମହାନ୍ତି, ବ୍ରଜକିଶୋର ମହାନ୍ତି, ଅକ୍ଷୟ ମିଶ୍ର, ପାଗୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ସହ ସମ୍ପାଦକ ବୃନ୍ଦାବନ ମିଶ୍ର ଧନ୍ୟବାଦ ଦେଇଥିଲେ ।

# ଜିଲ୍ଲା ବୋଇତ ବନ୍ଦାଣ ଉତ୍ସବର ୫୩ତମ ସ୍ୱନକ୍ଷତ୍ର ଦିବସ

କେନ୍ଦ୍ରାପଡ଼ା,୧୯।୧୧ : ଜିଲ୍ଲା ବୋଇତ ବନ୍ଦାଣ ସମିତି, କେନ୍ଦ୍ରାପଡା ଆନୁକୂଲ୍ୟରେ ୫୩ତମ ବୋଇତ ବନ୍ଦାଣ ଉତ୍ସବ କୋଭିଡ ନିୟମ ଅନୁପାଳନ ପୂର୍ବକ ସ୍ଥାନୀୟ ଟାଉନହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସମିତିର ମୁଖ୍ୟ ଉପଦେଷ୍ଟା ପ୍ରଦିପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପୌରନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆମ ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ବୋଇତ ବନ୍ଦାଣ ସମିତିର ପ୍ରୟାସକୁ ସାଧୁବାଦ ଜଣାଇଥିଲେ । ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଡଃ. ପ୍ରଫେସର ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ପ୍ରାଧ୍ୟାପକ ଅଜୟ କୁମାର ରାଉତ, ଅବସରପ୍ରାପ୍ତ ଅଧକ୍ଷ ଡଃ. ସର୍ବେଶ୍ୱର ସେଣ ପ୍ରମୁଖ ଯୋଗଦଇେ ଉତ୍କଳ ନୌବାଣିଜ୍ୟର ପରମ୍ପରାକୁ ବଜାୟ ରଖିବା ସହ ଓଡିଆ ଜାତିର ଗାରିମା, ଗୌରବ, ଐତିହ୍ୟ ସମ୍ପର୍କରେ ଭବିଷ୍ୟତ ପିଢୀକୁ ଅବଗତ କରାଇବା ଏବଂ କେନ୍ଦ୍ରାପଡା ମାଟିର କୃତି ସନ୍ତାନଙ୍କୁ ସମ୍ମାନିତ କରି ପ୍ରେରଣା ପ୍ରଦାନ ନିମନ୍ତେ ସମିତିର ଦୀର୍ଘ ୫୩ବର୍ଷ ଧରି ଚାଲିଥିବା ନିରନ୍ତର ପ୍ରୟାସ ଆମ ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ କେବଳ ରାଜ୍ୟରେ ନୁହେଁ ସାରା ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ଦେଇପାରିଛି ବୋଲି ମତବ୍ୟକ୍ତ କରିଥିଲେ । ଚଳିତ ବର୍ଷ ତଅପୋଇ ଭାବରେ କପାଳେଶ୍ୱର ପଞ୍ଚାୟତ ସରପଞ୍ଚ ଗାୟତ୍ରୀ ମହାନ୍ତି ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ସ୍ୱର୍ଗତ 'ମହେଶ କର ସ୍ମୃତି ସମ୍ମାନ' ଜିଲ୍ଲାର ୪ଜଣ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ସୁଶ୍ରୀ ଆଦ୍ୟାଶା ପ୍ରିୟଦର୍ଶିନୀ ବଳ, ପ୍ରଦୋଷ କୁମାର ପ୍ରଧାନ, ପ୍ରଭୁ ପ୍ରସାଦ ପଣ୍ଡା, ହରପ୍ରିୟା ପୃଷ୍ଟିଙ୍କ ସମେତ ସ୍ଥପତି ଶିଳ୍ପୀ କୈଳାସ ସାହୁଙ୍କୁ ପ୍ରଦାନ କରାଯାଇଥିଲା । 'ଡାକ୍ତର ଅଲେଖ ଚନ୍ଦ୍ର ଦାସ ସ୍ମୃତି ସମ୍ମାନ' ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ରଙ୍କୁ, 'ଡାକ୍ତର ସରୋଜକାନ୍ତ କାନୁନଗୋ ସ୍ମୃତି ସମ୍ମାନ' ଡାକ୍ତରୀ ଛାତ୍ର ଅମୃତ ମୋହନ ରାଉତଙ୍କୁ, 'ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତି ସ୍ମୃତି ସମ୍ମାନ' ବରିଷ୍ଠ ଆଇନଜୀବୀ ଧରଣୀଧର ସୁଆରଙ୍କୁ, 'ସ୍ୱର୍ଗତ ସ୍ୱରାଜ କେତନ ମଙ୍ଗରାଜ ସମ୍ମାନ' ଶିଳ୍ପୀ ସୌମ୍ୟରଞ୍ଜନ ପଟ୍ଟନାୟକ, ଚିତ୍ରତାରକା ତେଜ ତନ୍ମୟ, ଅଧ୍ୟାପକ ମଥୁରୀ ଚରଣ ନାୟକ, ଶିଳ୍ପୀ ତ୍ରିଲୋଚନ ବେହେରା, କବି ମନୋଜ ଦାସଙ୍କ ସମେତ ଜୟଶ୍ରୀ ଦାସ ଓ ଲିପସା ଦାସଙ୍କୁ ପ୍ରଦାନ କରାଯାଇଥିଲା । ଜିଲ୍ଲାର ଚଳିତ ବର୍ଷ ମାଟ୍ରିକ ଟପର ଭବାନୀ ପ୍ରସାଦ ମିଶ୍ରଙ୍କ ସମେତ ଜିଲ୍ଲା ସ୍ତରୀୟ ନୃତ୍ୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ସ୍ୱର୍ଗତ 'ଇନ୍ଦ୍ରମଣୀ ରାଉତ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ସମିତିର ସଭାପତି ଚିନ୍ମୟ ପ୍ରସାଦ ବେହୁରା, ସମ୍ପାଦକ ସଞ୍ଜୟ ରାଉତଙ୍କ ସମେତ ମହମ୍ମଦ ଆକବର ଅଲ୍ଲୀ, ଚିତରଞ୍ଜନ ଦାସ, ମୁକ୍ତାର ଖାଁ, ବୈଷ୍ଣବ ଚରଣ ପ୍ରଧାନ, ରବିନ୍ଦ୍ର ନାଥ ରଥ, ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଆଜି ପ୍ରତ୍ୟୁଷରେ କପାଳେଶ୍ୱର ପଞ୍ଚାୟତର ଜଜାଙ୍ଗ ଆଦର୍ଶ ଜେନା ପୋଖରୀରେ ସୁସଜ୍ଜିତ ବୋଇତରେ ସାଧବମାନଙ୍କୁ ତଅପୋଇ ଓ ସାଧବାଣୀମାନେ ବନ୍ଦାପନା କରିଥିଲେ । ଉତ୍ସବ ପ୍ରାରମ୍ଭରେ ସମିତିର ଦିବଂଗତ ସଦସ୍ୟ ଡା. ଅଲେଖ ଚନ୍ଦ୍ର ଦାସ, ଆଶାନନ୍ଦ ସାହୁ, ଲକ୍ଷ୍ମୀନାରାୟଣ ପ୍ରସାଦ ଦାସ, ସ୍ୱରାଜ କେତନ ମଙ୍ଗରାଜ, ଡା.ରବିନ୍ଦ୍ର ନାଥ ସାହୁଙ୍କ ବିୟୋଗରେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ସୋମନାଥ ସାହୁ, ପରେଶ ଦାସ, ହିମାଂଶୁ ଦାସ, ଅଶୋକ କୁମାର ସାହୁ, ସୁବାଷ ପାତ୍ର, ଭାବଗ୍ରାହୀ କର, ବିନିରାଣୀ ଖଟୁଆ, ସରୋଜକାନ୍ତ ସାହୁ(ଲୁଲୁ), ରାଜେନ୍ଦ୍ର ମହାପାତ୍ର, କମଳାକାନ୍ତ ବେହେରା, ମମତା ସେଠୀ, ଗୋପାଳକୃଷ୍ଣ ଜେନା, ଲକ୍ଷ୍ମୀକାନ୍ତ ନାୟକ, ଗୋଲେଖ ଚନ୍ଦ୍ର ପଢିଆରୀ, ରବି ନାରାୟଣ ମହାନ୍ତି, ଦେବାଶିଷ ସ୍ୱାଇଁ ପ୍ରମୁଖ ଯୋଗଦେଇ ଉଭୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଉତ୍କଳ ବିଶ୍ୱବିଦ୍ୟାଳୟ ଗ୍ରାମୀଣ କ୍ୟାମ୍ପସରେ ନର୍ସିଂ ଛାତ୍ରଛାତ୍ରୀଙ୍କ ଦାବିକୁ କୁଳପତିଙ୍କ ଅଣଦେଖା

ଚଣ୍ଡିଖୋଲ (ପିଏନ)- ଚଣ୍ଡିଖୋଲ ବାବା ଭୈରବାନନ୍ଦ ମହାବିଦ୍ୟାଳୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ଗ୍ରାମୀଣ କ୍ୟାମ୍ପସରେ ପାଠପଢା ଚାଲୁଅଛି । ଏହି ଦ୍ୱିତୀୟ ଗ୍ରାମୀଣ କ୍ୟାମ୍ପସରେ ଚଳିତ ବର୍ଷ ୮୨ ଜଣ ବିସସି ନର୍ସିଙ୍ଗ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଦୀର୍ଘଦିନ ହେବ ବିସସି ନର୍ସିଙ୍ଗ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ଥିଲା ଓ ଏହାକୁ ନେଇ ପୂର୍ବରୁ ଛାତ୍ରଛାତ୍ରୀମାନେ କଲେଜରେ ତଳ ମଧ୍ୟ ପକାଇଥିଲେ. ମୁଖ୍ୟ ଦାବୀମଧ୍ୟରେ ଛାତ୍ରଛାତ୍ରୀଙ୍କ ପ୍ରାକ୍ଟିକାଲ, ପାଠାଗାର ଅଭାବ ଓ ଅଧ୍ୟାପକ/ଅଧ୍ୟାପିକା ସମସ୍ୟା ରହିଥିଲା ବେଳେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଏଦିଗରେ କର୍ତ୍ତୃପକ୍ଷ କର୍ଣପାତ କରୁନଥିଲେ.ଏ ନେଇ ୨୪ ସେପ୍ଟେମ୍ବରରେ ଉତ୍କଳ ବିଶ୍ୱବିଦ୍ୟାଳୟରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ,ପ୍ରଫେସର ବସନ୍ତ କୁମାର ମଲ୍ଲିକ ,ରେଜିଷ୍ଟ୍ରାର ଡ଼ ;ଅଭୟ କୁମାର ନାୟକ ,ସୁରେନ୍ଦ୍ର କୁମାର ସାହୁ ,ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ ଓ ନର୍ସିଙ୍ଗର ଦୁଇଜଣ ପ୍ରତିନିଧିଙ୍କ ଉପସ୍ଥିତିରେ ଏକମାସ ମଧ୍ୟରେ ଛାତ୍ରଛାତ୍ରୀଙ୍କ ଦାବୀସବୁକୁ ପୂରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମାତ୍ର ଆଜି ପର୍ଯ୍ୟନ୍ତ ଦାବିଗୁଡିକ ପୂରଣ ନହେବାରୁ ପୁନଶ୍ଚ ମଙ୍ଗଳବାର ଛାତ୍ରଛାତ୍ରୀମାନେ ଉତ୍କଳ ବିଶ୍ୱବିଦ୍ୟାଳୟର ଉଚ୍ଚ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ନିଜର ଅସନ୍ତୋଷ ଜାରିକରିବା ସହ କ୍ୟାମ୍ପସର ଫାଟକରେ ତାଲା ପକାଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଭିତରକୁ ଛାଡ଼ିନଥିଲେ । ଛାତ୍ରଛାତ୍ରୀମାନେ ଫାଟକ ସମ୍ମୁଖରେ କିଛିସମୟ ପାଇଁ ବସିରହିଥିଲେ ପରେ ଖୁବଶୀଘ୍ର ପିଲାମାନଙ୍କ ଦାବିକୁ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ପିଲାମାନେ ଧାରଣାରୁ ଉଠିଥିଲେ. ଉତ୍କଳ ବିଶ୍ୱବିଦ୍ୟାଳୟରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ପିଜି କାଉନସେଲର ଅଧକ୍ଷ ପ୍ରଫେସର ବସନ୍ତ କୁମାର ମଲ୍ଲିକ, ରେଜିଷ୍ଟ୍ରାର ଡ଼ ଅଭୟ କୁମାର ନାୟକ ଓ କୋର୍ସ କୋଡିନେଟର ହିମାଂଶୁ ଶେଖର ରାଉତ ପିଲାମାନଙ୍କ ସହ ଆଲୋଚନା କରିଥିଲେ । ଦାବୀ ସମାଧାନ ପାଇଁ ପିଲାମାନେ ଲିଖିତ ଆକାରରେ ଦେବାକୁ ଅଡ଼ିବସିବାବେଳେ ଲିଖିତ ନଦେଇ ଦାବୀ ସମାଧାନ ହେବ ବୋଲି କର୍ତ୍ତୃପକ୍ଷ କହିଥିଲେ । ପୂର୍ବରୁ ଏ ନେଇ ଛାତ୍ରଛାତ୍ରୀମାନେ ମଧ୍ୟ ଉପଜିଲ୍ଲାପାଳଙ୍କୁ ଏକ ଲିଖିତ ଦାବିପତ୍ର ଦେଇଥିଲେ ।

# ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ବିଜୟ ଦିବସ ପାଳିତ




କେନ୍ଦ୍ରାପଡ଼ା (ପିଏନ୍): ଦେଶର କୃଷକ ଓ କୃଷି ସଂଗଠନମାନଙ୍କ ସହ କୌଣସି ବିଚାର ବିମର୍ଷ ନକରି ଅତ୍ୟନ୍ତ ଅଗଣତାନ୍ତ୍ରିକ ଭାବେ କେନ୍ଦ୍ର ସରକାର ଆଣିଥିବା କର୍ପୋରେଟ ସପକ୍ଷବାଦୀ ୩କଳା କୃଷି ଆଇନକୁ ପ୍ରତ୍ୟାହାର କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଛନ୍ତି । ପଞ୍ଜାବରେ ଏହି ଆଇନ ପ୍ରତି ରହିଥିବା ବ୍ୟାପକ ବିରୋଧ ଏବଂ ସେଠାକର ବିଧାନସଭା ନିର୍ବାଚନକୁ ଲକ୍ଷ୍ୟ ରଖି ଏହି ଘୋଷଣା କରିବା ପାଇଁ ଆଜି ଗୁରୁ ନାନକ ଜୟନ୍ତୀକୁ ବାଛିଛନ୍ତି । ସଂଯୁକ୍ତ କିଷାନ ମୋର୍ଚ୍ଚା ପ୍ରଧାନମନ୍ତ୍ରୀଙ୍କ ଏହି ସଦ୍ୟତମ ଘୋଷଣାକୁ ସ୍ୱାଗତ କରିବା ସହିତ ସଂସଦର ଆଗାମୀ ଅଧିବେଶନରେ ଉପଯୁକ୍ତ ପ୍ରକ୍ରିୟା ମଧ୍ୟ ଦେଇ ୩ଟି କଳା କୃଷି ଆଇନର ସଂପୂର୍ଣ୍ଣ ପ୍ରତ୍ୟାହାର ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ସ୍ଥିର କରିଛି । ଏହି ଆଇନ ପ୍ରତ୍ୟାହୃତ ହେଲେ ଦୀର୍ଘ ଏକବର୍ଷ ଧରି ଦେଶରେ ଚାଲିଥିବା କୃଷକ ଆନ୍ଦୋଳନର ଏହା ଐତିହାସିକ ବିଜୟ ବୋଲି କୁହାଯିବ । ଗତ ଏକବର୍ଷ ମଧ୍ୟରେ ଏହି ଆନ୍ଦୋଳନରେ ୭ଶହରୁ ଉର୍ଦ୍ଧ୍ୱ କୃଷକ ସହୀଦ ହୋଇଛନ୍ତି । ଲକ୍ଷ୍ମୀପୁର ଖେରୀର ହତ୍ୟା ଘଟଣା ସମେତ ଉପରୋକ୍ତ ସମସ୍ତ କୃଷକ ମୃତ୍ୟୁ ପାଇଁ ମୋଦି ସରକାର ଓ ତାଙ୍କ ଅହଙ୍କାର ହିଁ ଦାୟୀ । ଆଜି ପ୍ରଧାନମନ୍ତ୍ରୀ ନିଜ ବକ୍ତବ୍ୟରେ କୃଷକ ଆନ୍ଦୋଳନର ସହୀଦ ମାନଙ୍କ ପ୍ରତି ସାମାନ୍ୟତମ ଦୁଃଖ କିମ୍ବା ଅନୁଶୋଚନା ପ୍ରକାଶ ନକରିବା ତାଙ୍କ ସମ୍ବେଦନହୀନତା ଓ ଅହଙ୍କାରକୁ ପ୍ରମାଣିତ କରୁଛି । କୃଷକମାନଙ୍କ ଆନ୍ଦୋଳନ କେବଳ ୩କଳା କୃଷି ଆଇନର ପ୍ରତ୍ୟାହାର ପାଇଁ ନଥିଲା । ସମସ୍ତ କୃଷି ଉତ୍ପାଦର ସର୍ବନିମ୍ନ ସହାୟକ ମୂଲ୍ୟର ଆଇନଗତ ଗ୍ୟାରେଣ୍ଟି ପାଇଁ ଆଇନ କରିବା ପ୍ରମୁଖ ଦାବି ଥିଲା । ସରକାର କମିଟି ଗଠନ କରି ଏମଏସପି ସମସ୍ୟାର ସମାଧାନ ପାଇଁ କହିଥିଲେ ମଧ୍ୟ ସେ ଦିଗରେ କୌଣସି ନିର୍ଦ୍ଦିଷ୍ଟ ପଦକ୍ଷେପ ଘୋଷଣା କରିନଥିବାରୁ କୃଷକମାନଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଦାବି ବର୍ତ୍ତମାନ ବି ଅବ୍ୟାହତ ରହିଛି । ଏହା ସହିତ ବିଦ୍ୟୁତ ବିଲ -୨୦୨୦କୁ ପ୍ରତ୍ୟାହାର ପାଇଁ ସରକାର ଏପର୍ଯ୍ୟନ୍ତ ଘୋଷଣା କରି ନାହାନ୍ତି । ତେଣୁ ଏହି ଆନ୍ଦୋଳନ ଚାଲୁ ରହିବା ସହିତ ସଂଯୁକ୍ତ କିଷାନ ମୋର୍ଚ୍ଚା ଆଗାମୀ ଦିନରେ କାର୍ଯ୍ୟପନ୍ଥା ସ୍ଥିର କରିବ । ଆଜିର ଏହି ଘୋଷଣା ପରିପ୍ରେକ୍ଷୀରେ ପୁରୁଣା ବସଷ୍ଟାଣ୍ଡସ୍ଥିତ ଗାନ୍ଧୀ ମୂର୍ତ୍ତି ନିକଟରେ ସଂଯୁକ୍ତ କିଷାନ ମୋର୍ଚ୍ଚା କେନ୍ଦ୍ରାପଡା ଜିଲ୍ଲା ପକ୍ଷରୁ ବିଜୟ ଦିବସ ପାଳନ କରାଯାଇଛି । ଏହି ଉତ୍ସବରେ ଅଖିଳ ଭାରତ କୃଷକ ସଭାର ଜିଲ୍ଲା ନେତା ରମଣୀରଞ୍ଜନ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ଜିଲ୍ଲା ଆବାହକ ଗୟାଧର ଧଳ, କଂଗ୍ରେସ କିଷାନ ସେଲର ବରିଷ୍ଠ ନେତା ପ୍ରଫୁଲ୍ଲ ଦାସ, ଅନ୍ୟତମ ଆବାହକ ଆଦିକନ୍ଦ ରାଉଳ, ଓଡିଶା କୃଷକ ସଭା ଜିଲ୍ଲା ସଭାପତି ଉମେଶ ଚନ୍ଦ୍ର ସିଂହ, ଚାଷିମୂଲିଆ ସଙ୍ଘର ଜିଲ୍ଲା ସଭାପତି ଫକିର ଚରଣ ଖଟୁଆ, ସିଆଇଟିୟୁ ଜିଲ୍ଲା ସମ୍ପାଦକ ଜଗତଜୀବନ ଦାଶ, ଏଆଇକେକେଏମଏସର ଜିଲ୍ଲା ସମ୍ପାଦିକା ଏଲୀନା ସାମନ୍ତରାୟ, କିଷାନ କଂଗ୍ରେସର ଜିଲ୍ଲା ସଭାପତି ନାରାୟଣ ପରିଡା, ବରିଷ୍ଠ କୃଷକ ନେତା ମାଧବ ଦାସ, ହାରାମଣୀ ରାଉତ, ଦଳିତ ସଂଗଠନର ଜିଲ୍ଲା ନେତା ନଗେନ୍ଦ୍ର ଜେନା, ପ୍ରହଲ୍ଲାଦ ନାୟକ, ରମେଶ ପ୍ରଧାନ, ଜୟନ୍ତୀ ଜେନା ପ୍ରମୁଖ ନେତୃତ୍ୱ ନେଇଥିଲେ ଏବଂ ଆଗାମୀ ଡିସେମ୍ବର ୨୬ତାରିଖରେ କୃଷକ ଆନ୍ଦୋଳନର ବର୍ଷପୂର୍ତ୍ତି ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

# କଙ୍ଗନା ରଣାୱତଙ୍କଠାରୁ ପଦ୍ମଶ୍ରୀ ପ୍ରତ୍ୟାହାର କରାଯାଉ !




କେନ୍ଦ୍ରାପଡ଼ା (ପିଏନ୍): ବିଗତ କିଛିବର୍ଷ ଧରି ଦେଶର ସ୍ୱାଧୀନତା ସଂଗ୍ରାମ ଓ ସଂଗ୍ରାମୀମାନଙ୍କୁ ବିଶେଷ କରି ଗାନ୍ଧିଜୀ ଓ ଗାନ୍ଧିବାଦୀମାନଙ୍କୁ ନ୍ୟୁନକରି ଦର୍ଶାଇବାର ଯେଉଁ ପ୍ରୟାସ ଚାଲିଛି, ସରକାରୀ ଦଳର ଭାଷା ମୁଖର ଭାବେ କହୁଥିବା ଅଭିନେତ୍ରୀ କଙ୍ଗନା ରଣାୱତଙ୍କୁ ସମ୍ମାନଜନକ ପଦ୍ମଶ୍ରୀ ଉପାଧି ପ୍ରଦାନ କରିବା ଏବଂ ପ୍ରତିଦାନରେ କଙ୍ଗନା ଦେଶର ସ୍ୱାଧୀନତା ତଥା ଗାନ୍ଧିଜୀଙ୍କୁ ବିଦ୍ରୁପ କରିବା ତାହାର ଏକ ପ୍ରତିଫଳନ । ଏହି ପରିପ୍ରେକ୍ଷୀରେ ଗାନ୍ଧୀ ବିଚାର ମଞ୍ଚ ପକ୍ଷରୁ ଜିଲ୍ଲା ବିକାଶ ସାମ୍ମୁଖ୍ୟ କାର୍ଯ୍ୟାଳୟ ପରିସରରେ "ଗାନ୍ଧୀଙ୍କୁ ଏତେ ବିରୋଧ କାହିଁକି" ଶିର୍ଷକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ଆଲୋଚକମାନେ ମତବ୍ୟକ୍ତ କରିଛନ୍ତି । ସଂଗଠନର ଆବାହକ ଆଦିକନ୍ଦ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଡଃ. ବାସୁଦେବ ଦାସ, ବିକାଶ ସାମ୍ମୁଖ୍ୟ ସମ୍ପାଦକ ଅଧ୍ୟାପକ ଅଜୟ ସାମଲ, ଗାନ୍ଧୀ ପଦଯାତ୍ରା କମିଟି ସଭାପତି ଭଜକୃଷ୍ଣ ରାଉତ, କିଶୋର ନ୍ୟାୟ ପରିଷଦ ସଭ୍ୟ ରବୀନ୍ଦ୍ର ପ୍ରସାଦ ଜେନା, ରମଣୀରଞ୍ଜନ ରାଉତରାୟ, ଗୟାଧର ଧଳ, ସରକାରୀ ଅଧିବକ୍ତା ସଞ୍ଜୟ ଜେନା, ପ୍ରଫୁଲ୍ଲ ଦାସ, ଅମର ପ୍ରସାଦ ରାଉତ, ଭାଗୀରଥି ଜେନା, ଶୁଭାଂଶୁ ଦାସ, ରଣଧିର ଜେନା, ମେଜର ଭରତ ଚନ୍ଦ୍ର ଜେନା, ଶରତ ରାଉତ, ନଗେନ୍ଦ୍ର ଜେନା ପ୍ରମୁଖ ଆଲୋଚନାକରି ଅଭିନେତ୍ରୀ କଙ୍ଗନା ରଣାୱତ ଦେଶର ଗୌରବକୁ ପଦଦଳିତ କରୁଥିବା ମନ୍ତବ୍ୟ ପାଇଁ ସେ ତୁରନ୍ତ ନିସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ ନଚେତ୍ ତାଙ୍କ ବିରୋଧରେ ସରକାର ଫୌଜଦାରୀ ମାମଲା ଚଳାଇବା ସହ ତାଙ୍କ ଠାରୁ ପଦ୍ମଶ୍ରୀ ଉପାଧି ପ୍ରତ୍ୟାହାର କରିନେବାକୁ ଆହ୍ୱାନ ଦିଆଯାଇଥିଲା । ମହମ୍ମଦ ଜାହିଦ ଖାନ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ନିରଞ୍ଜନ ପରିଡା ଧନ୍ୟବାଦ ପ୍ରଦାନ ଓ କଣ୍ଠଶିଳ୍ପୀ ଗୋଲଖ ସେଠୀ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ନଭେମ୍ବର ୨୧

# ମୂଲ୍ୟାୟନ ଏକ ଦୃଷ୍ଟିକୋଣ

***ଦୁନିଆର ଯେକୌଣସି ବସ୍ତୁ, ବିଷୟର ମୂଲ୍ୟାୟନ ମଣିଷର ନିଜସ୍ୱ ଗ୍ରହଣୀୟତାର ପରିମାପକ ହୋଇଥାଏ! ମୂଲ୍ୟାୟନ ଆକଳନ କରିବା କ୍ଷମତା ବହିର୍ଭୂତ ମଣିଷ ଅନ୍ୟ ଉପରେ ନିର୍ଭର, ବିଶ୍ୱାସ କରିବାକୁ ପଡିଥାଏ!!***



କୌଣସି ବସ୍ତୁ, ପଦାର୍ଥ ହେଉ କି ବିଷୟ, ସେଗୁଡିକର ଉପଯୁକ୍ତ ମୂଲ୍ୟାୟନ କରିବା ନିଜସ୍ୱ କ୍ଷମତା ବହିର୍ଭୂତ ମଣିଷ ଅନ୍ୟ ଉପରେ ନିର୍ଭର, ବିଶ୍ୱାସ କରି ଯାହାସବୁ ଶିକ୍ଷା କରିଥାଏ ଏବଂ ନିଜ ଗ୍ରହଣୀୟତାରେ ସଂସ୍ଥାପିତ କରି ବ୍ୟକ୍ତିଗତ ଦୃଷ୍ଟିଭଙ୍ଗୀ ସୃଷ୍ଟି କରିଥାଏ, ସେଗୁଡିକ ସମ୍ପୃକ୍ତ ମଣିଷର ବ୍ୟକ୍ତିଗତ ବିଚାରଧାରା ମଧ୍ୟରେ ସୀମିତ । ସମାନ ବିଚାରଧାରା ଅନ୍ୟ ଜଣେ ମଣିଷକୁ ପ୍ରଭାବିତ କରିବାର କୌଣସି ନିଶ୍ଚିତତା ନଥାଏ । କୌଣସି କାରଣରୁ ଏକ ଅଜ୍ଞାତ, ଅଲୌକିକ ବିଷୟର ମୂଲ୍ୟାୟନ କରିବା ସାମୂହିକ କ୍ଷମତା ବହିର୍ଭୂତ ଥାଇ ତାହା ସାମାଜିକ ଗ୍ରହଣୀୟତାରେ ପରିବର୍ତ୍ତନ ହୁଅନ୍ତେ ସମସ୍ତେ ସେଗୁଡିକୁ ବିଚାରଶୂନ୍ୟ ଭାବେ ଗ୍ରହଣ କରିବାକୁ ବାଧ୍ୟ ହୋଇ ନିଜର ଦୃଷ୍ଟିଭଙ୍ଗୀ ସୃଷ୍ଟି କରିଥା'ନ୍ତି। ସେହି ସାମାଜିକ ଗ୍ରହଣୀୟତାଜନିତ ଦୃଷ୍ଟିଭଙ୍ଗୀ ସମଗ୍ର ସମାଜରେ ପ୍ରକୋପ ବିସ୍ତାର ପୂର୍ବକ ଏକ ପ୍ରଥାରେ ପରିଣତ ହେଉଥିବା ଅସଂଖ୍ୟ ବିଷୟ ଦେଖିବାକୁ ମିଳିବ ଆମ ସମାଜରେ, ଯାହାର କୌଣସି ମୂଲ୍ୟାୟନର ଉପଯୁକ୍ତତା ନଥାଇ ମଧ୍ୟ ସର୍ବଗ୍ରହଣୀୟ ହୋଇଅଛି । ପରବର୍ତ୍ତୀ ସମୟରେ ସେହି ଗ୍ରହଣୀୟତା ଉପରେ କଠୋର ଗବେଷଣାତ୍ମକ ମୂଲ୍ୟାୟନ କରାଯାଇ କୌଣସି ପରିବର୍ତ୍ତନକୁ ସଂସ୍ଥାପିତ କରିବା ସହଜସାଧ୍ୟ ହୋଇ ନ ଥାଏ । ସାମାଜିକ ଗ୍ରହଣୀୟତାକୁ ସର୍ବୋତ୍କୃଷ୍ଟ, ସର୍ବଶେଷ ବୋଲି ମାନ୍ୟତା ରଖିଥିବା ସବୁ ମଣିଷ ଏକ ଦିଗଗାମୀ ହେଉଥିବା ବିଭିନ୍ନ ଦୃଷ୍ଟାନ୍ତର ଅନୁଭବ ସମସ୍ତଙ୍କ ପାଖରେ ଅଛି । ହେଲେ ସେହି ସମସ୍ତ ସାମାଜିକ ଗ୍ରହଣୀୟତାକୁ ଅନ୍ଧ ଭାବେ ନିଜର ବ୍ୟକ୍ତିଗତ ଅନୁଭୂତିରେ ଯୋଡ଼ିଦେଇ ମଣିଷ କେଉଁ ଦିଗଗାମୀ ହୋଇଥାଏ ବିଚାର କରିବା...

ସତ୍ୟ ସବୁବେଳେ ସ୍ଥିର, ଅପରିବର୍ତ୍ତିତ, ଚିରନ୍ତନ । ସତ୍ୟକୁ ବିପରୀତମୁଖୀ କରିବା କିମ୍ବା ପରିବର୍ତ୍ତିତ ମୂଲ୍ୟାଙ୍କନ କରୁଥିବା ମଣିଷ ନିଜେହିଁ ବିଯୁକ୍ତାତ୍ମକ ବିଚାରରେ ବିମଣ୍ଡିତ ହୋଇ ପ୍ରତାରିତ ହେବା ଛଡା ସତ୍ୟକୁ କେବେହେଲେ ପରିବର୍ତ୍ତନ କରିପାରିବ ନାହିଁ । ତେଣୁ ନିଜର ଗ୍ରହଣୀୟତାକୁ ପରଖି ସତ୍ୟକୁ ଗ୍ରହଣ କରିବା କ୍ଷମତା ବହିର୍ଭୂତ ମଣିଷ ସବୁବେଳେ ଅନ୍ୟ ଉପରେ ନିର୍ଭର, ବିଶ୍ୱାସ କରି ପ୍ରତାରିତ ହେଉଥିବା ଅତ୍ୟନ୍ତ ସତ୍ୟ । ପ୍ରାକୃତିକ ସତ୍ୟ ସବୁବେଳେ ଚିରନ୍ତନ, ସ୍ଥିର । ମନୁଷ୍ୟକୃତ ସତ୍ୟର ସମୟାନୁବର୍ତ୍ତୀ ପରିବର୍ତ୍ତନ ଦେଖିବାକୁ ମିଳେ। ସାଧାରଣ ମଣିଷ ଚତୁରଙ୍କ ଆଶ୍ରିତ ହୋଇ ବଂଚିବା ଏକ ପୁରାତନ ପ୍ରଣାଳୀ, ଯାହାଦ୍ୱାରା ଚତୁର ନିର୍ବୋଧଙ୍କୁ ପ୍ରତାରିତ କରି ଆସୁଥିବା ଏକ ସାମାଜିକ ପ୍ରଥା ଭଳି ଦେଖିବାକୁ ମିଳେ ଆମ ସମାଜରେ। ପ୍ରତାରିତ କେବେ ସେମାନଙ୍କ ନିଜସ୍ୱ ଅନ୍ତର୍ଜ୍ଞାନ ସୃଷ୍ଟି କରି ସତ୍ୟକୁ ଜାଣିବା ଆଗ୍ରହ ରଖୁ ନ ଥିବା ଏକ ଅତ୍ୟନ୍ତ ଦୁଃଖର ବିଷୟ । ଏହା ମଣିଷର ଏକ ମାନସିକ ଆଳସ୍ୟଜନିତ ଭାବଧାରାରୁ ସୃଷ୍ଟି ହୋଇ ତାକୁ ସବୁବେଳେ ନିମ୍ନରେ ରଖୁଥିବା ଦେଖିବାକୁ ମିଳିବ ଅନୁଧ୍ୟାନ କଲେ। ତେଣୁ ନିର୍ବୋଧ ସାଧାରଣତଃ ସାମାଜିକ ମାନ୍ୟତାଗୁଡିକୁ ନିଜସ୍ୱ ଭାବଧାରା ସହିତ ଯୋଡି ଦେଇ ସେଗୁଡିକର ସଠିକ ମୂଲ୍ୟାୟନ ନକରି ନିଜର ଦୃଷ୍ଟିକୋଣକୁ ସମଦିଗଗାମୀ କରି ଚାଲିଥିବା ଦେଖିବାକୁ ମିଳୁଛି ସର୍ବତ୍ର। ଅର୍ଥାତ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଦୃଷ୍ଟିକୋଣକୁ ପ୍ରଚଳିତ ସାମାଜିକ ପ୍ରବାହିତ ସ୍ରୋତରେ ସାମିଲ କରି କୌଣସି ପ୍ରକାରେ ଆନନ୍ଦରେ ବଂଚିବାର ଅଭିନୟ କରି ଚାଲିଥିବା ଏକ ସାଧାରଣ ଚରିତ୍ର ଦେଖିବାକୁ ମିଳେ। କିନ୍ତୁ ବାସ୍ତବରେ କ'ଣ ସେଗୁଡିକ ସବୁ ସତ୍ୟ ଉପରେ ଆଧାରିତ, ଯାହାସବୁ ଆମ ସମାଜରେ ପ୍ରଚଳିତ ହୋଇଆସୁଅଛି ନା ତାହାର ସମୟାନୁକ୍ରମିକ ପରିମାର୍ଜିତ ମୂଲ୍ୟାୟନ, ଭାବଧାରାର ଆବଶ୍ୟକତା ରହିଛି ବିଚାର କରି ଦେଖିଲେ ଜଣାଯିବ କି...

ସୁନା ଆଜି ସମୟର ଏକ ପ୍ରଗାଢ଼ ଅନ୍ତରଣୀୟ ପଦାର୍ଥ ଯାହା ପାଇଁ ପ୍ରାୟତଃ ସମାଜର ସବୁ ବର୍ଗର ମଣିଷ ଏକ କଠୋର ମାନସିକ ଦୁର୍ବଳତା ରଖିଥିବା ସମସ୍ତଙ୍କ ବ୍ୟକ୍ତିଗତ ଅନୁଭୂତି ଥିବ । କହିବାକୁ ଗଲେ ଏମିତି କେତେକ ମଣିଷ ମଧ୍ୟ ସମାଜରେ ଦେଖିବାକୁ ମିଳନ୍ତି, ଯାହାଙ୍କ ପାଖରେ ସୁନା ଆଉ ମାଟି ମଧ୍ୟରେ କୌଣସି ଅନ୍ତର ଥିବା ଗ୍ରହଣୀୟ ହୋଇ ନ ଥାଏ । ଅର୍ଥାତ ସୁନାର ମୂଲ୍ୟାୟନ ସାମାଜିକ କ୍ଷେତ୍ରରେ ଯେଉଁ ପରିମାଣରେ ହୋଇଥାଏ, ସେସବୁ ସମସ୍ତଙ୍କୁ ଗୋଚର ଥାଇ ମଧ୍ୟ କିଛି ଲୋକ ତାକୁ ମାଟି ସହିତ ତୁଳନା କରୁଥିବା ସେମାନଙ୍କ ଦୃଷ୍ଟିକୋଣରେ ତ୍ରୁଟି ପରିଲକ୍ଷିତ ହୁଏ କି ତାକୁ ଅଂତରଣୀୟ କରୁଥିବା ମଣିଷଙ୍କ କୌଣସି ଅଜ୍ଞାନତାବଶତଃ ସେହିଭଳି କୃତ୍ରିମ ମୂଲ୍ୟାୟନ ସୃଷ୍ଟି ହୋଇଥାଏ କହିବା କଷ୍ଟ । କାରଣ ସାମାଜିକ ମାନ୍ୟତାରେ ଭରପୁର ସୁନାର ମୂଲ୍ୟାୟନ ଏମିତି ହୋଇଅଛି ଯେ ଯେକୌଣସି ମଣିଷ ସୁନା ପାଇଁ ନିଜର ପ୍ରକାଣ୍ଡ ଦୁର୍ବଳତାଜନିତ ତାହାର ମାନ୍ୟତା ସର୍ବଶୀର୍ଷରେ ରଖୁଥିବା ଏକ ସାମାଜିକ ପରିସ୍ଥିତି ଭାବେ ଦଣ୍ଡାୟମାନ । ସୁନାର ପ୍ରାକୃତିକ ମୂଲ୍ୟ ଅନ୍ୟ କୌଣସି ପଦାର୍ଥ ତୁଳନାତ୍ମକ କ'ଣ ଏବଂ ତାହାର କୌଣସି ଚିରନ୍ତନ ପ୍ରାକୃତିକ ନିୟମରହିତ କେବଳ କମ୍ ମାତ୍ରାରେ ଉପଲବ୍ଧତା ହେତୁ ଚତୁରଙ୍କ ଦ୍ୱାରା କରାଯାଇଥିବା ମୂଲ୍ୟାୟନକୁ ସାଧାରଣ ନିର୍ବୋଧ ନିଜ ଗ୍ରହଣୀୟତା ମଧ୍ୟରେ ସ୍ଥାନ ଦେଇ ନିଜର ଦୃଷ୍ଟିକୋଣକୁ ଭିନ୍ନ ଏକ ରୂପରେ ସଜାଇ ରଖିବା ଏକ ସାମାଜିକ ବିଚାର ମାତ୍ର। କୌଣସି ପ୍ରାକୃତିକ ସତ୍ୟକୁ ବୁଝିବା ଜ୍ଞାନ ବହିର୍ଭୂତ ମଣିଷ ସେହି ସାମାଜିକ ବିଚାର ମଧ୍ୟରେ ସୀମିତ ନିଜର ଦୃଷ୍ଟିକୋଣ କେବଳ ଚତୁରଙ୍କ ମୂଲ୍ୟାୟନ ଉପରେ ଆଧାର କରି ନିଜର ମାନସିକ ଗ୍ରହଣୀୟତାକୁ ଦୁର୍ବଳ କରି ଚାଲିଥିବା ଆଜି ସମୟର ଏକ ଭୟାବହ ପରିସ୍ଥିତି ଦେଖିବାକୁ ମିଳୁଛି ସର୍ବତ୍ର ।

ଅନୁରୂପ କେତେକ ମାନବିକ ଚେହେରା, ଚରିତ୍ରକୁ କୌଣସି ପରିସ୍ଥିତିରେ ଅଲୌକିକ ଭାବେ ବ୍ୟାପକ ସାମାଜିକ ମାନ୍ୟତା ପ୍ରଦାନ ପୂର୍ବକ ସାଧାରଣ ଲୋକଙ୍କ ମନମାନସରେ ଏମିତି ଗ୍ରହଣୀୟତା ସୃଷ୍ଟି କରାଯାଇଥାଏ, ଯାହା ନିର୍ବୋଧ ନିଜ ଦୃଷ୍ଟିକୋଣରୁ ମୂଲ୍ୟାୟନ କରିବା କ୍ଷମତା ନଥାଇ ମାନିବାକୁ ବାଧ୍ୟ ହୋଇଥା'ନ୍ତି। ଅର୍ଥାତ କୌଣସି ବ୍ୟକ୍ତି ହେଉ କି ଅଦୃଶ୍ୟ ଚରିତ୍ରଗୁଡିଏ ସୃଷ୍ଟି କରାଯାଇ ସାମାଜିକ କ୍ଷେତ୍ରରେ ବିସ୍ତାରଲାଭ କଲେ ତାକୁ ସାଧାରଣ ଅଜ୍ଞାନ ଏକ ସାମାଜିକ ଗ୍ରହଣୀୟତା ଭାବେ ନିଜ ବ୍ୟକ୍ତିଗତ ବିଚାରକୁ ନେଇ ମୂଲ୍ୟାୟନ କରୁଥିବା ଏକ ଅତ୍ୟନ୍ତ ଦୁଃଖର ବିଷୟ । ନିଜସ୍ୱ ଜ୍ଞାନରେ ଆକଳନ ବହିର୍ଭୂତ କୌଣସି ବିଷୟ ହେଉକି ଚରିତ୍ରକୁ ସାଧାରଣ ବର୍ଗର ମଣିଷଗୁଡିକ ନିର୍ବୋଧ ଭାବେ ଗ୍ରହଣ କରି ନିଜର ଦୃଷ୍ଟିକୋଣରେ ଜଡିତ କରି ନିଜକୁ ପରୋକ୍ଷରେ ପ୍ରତାରିତ କରୁଥିବା କଥା ସେମାନଙ୍କୁ ହୃଦ୍‌ବୋଧ ହେଉନାହିଁ। ଏହାର ସୁଯୋଗ ନେଇ ଖୁବ୍ କମ୍ ସଂଖ୍ୟକ ଚତୁର ସମଗ୍ର ମଣିଷ ସମାଜକୁ କରାୟତ କରିବାରେ ସକ୍ଷମ ସେହି ନିର୍ବୋଧଙ୍କୁ ନିଜର ଗୋଲାମ କରି ରଖିଥା'ନ୍ତି । ତଥାପି ନିର୍ବୋଧ ସନ୍ତୁଷ୍ଟ ଯେ ପ୍ରଭୁଙ୍କ (ସାହୁକାର/ଗୁରୁ/ପ୍ରତିନିଧି/ଅଧିକାରୀ) ଆଶୀର୍ବାଦରୁ ତାହାର ଜୀବନ ବ□ୁଛି। ପ୍ରକୃତିର ସମସ୍ତ ନିୟମ ଆଗରେ ହାର ମାନିଥିବା ସରଳ ନିର୍ବୋଧ କାହାଦ୍ୱାରା ଲିଖିତ କିଛି ଶିକ୍ଷାରୁ ନିଜକୁ ଜ୍ଞାନୀର ମିଥ୍ୟା ପ୍ରତିଭାରେ ବିଭୂଷିତ, ଅମାନବୀୟ, କେଳେଙ୍କାରୀ, ଷଡ଼ଯନ୍ତ୍ରୀ ଚତୁରଙ୍କ ପଦଲେହନ କରି କୌଣସିମତେ ବ□ରହି ସେମାନଙ୍କ ଗୁଣଗାନ କରୁଥିବା ଏକ ଅତ୍ୟନ୍ତ ମର୍ମାହତ ପରିସ୍ଥିତି ଦେଖିବାକୁ ମିଳୁଛି ଆଜି ସମୟରେ । ଏହି ଶାସକ-ଶାସିତ ବ୍ୟବସ୍ଥାର ଅନ୍ତ କରି ସାଧାରଣତନ୍ତ୍ର ବ୍ୟବସ୍ଥାରେ ମଣିଷ ସାମାଜିକ ପରିଚାଳନା କରିବା ସମ୍ଭାବନା ଦେଖାଯାଉ ନ ଥିବା ବେଳେ ସାଧାରଣ ମଣିଷଗୁଡିକ ପ୍ରଚଳିତ ସାମାଜିକ ବ୍ୟବସ୍ଥା ସହିତ ନିଜକୁ ସମ୍ପୂର୍ଣ୍ଣ ସହମତ ନକରି ନିଜସ୍ୱ ଭାବଧାରା, ଅନ୍ତର୍ଜ୍ଞାନ ସୃଷ୍ଟି କରି ପ୍ରତ୍ୟେକ ପଦାର୍ଥ, ବସ୍ତୁ, ବିଷୟ ହେଉ କି ମାନବିକ ଚେହେରା, ଚରିତ୍ରଗୁଡିକର ବ୍ୟକ୍ତିଗତ ବାସ୍ତବବାଦୀ ଦୃଷ୍ଟିକୋଣରୁ ମୂଲ୍ୟାୟନ କରିବା ନ ଶିଖିଲେ ପିଢ଼ିକୁ ପିଢ଼ି ନିଜକୁ ନିଜେ ହିଁ ପରୋକ୍ଷରେ ପ୍ରତାରିତ କରିଚାଲିଥିବା ବ୍ୟବସ୍ଥାର ଅନ୍ତ ହେବନାହିଁ ବୋଲି ଆମ ବିଚାରରେ ଆପଣଙ୍କ ଅନୁଭବ କ'ଣ...??

**ପଙ୍କଜ କୁମାର ପାଣିଗ୍ରାହୀ,** ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଞ୍ଜାମ, ଦୂରଭାଷ.: ୯୪୩୭୩୨୪୯୧୭

***ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୨ତମ ଜୟନ୍ତୀ ଉପଲକ୍ଷେ...***

# ନବଉତ୍କଳର ନିର୍ମାତା ଡକ୍ଟର ମହତାବ

ହିମାଂଶୁଶେଖର ଆଚାର୍ଯ୍ୟ

ସୃଜନଶୀଳତାର ସୁନାର ଫସଲଠାରୁ ରାଜନୀତିର କଣ୍ଟକିତ ପଥ, ସ୍ୱାଧୀନତା ସଂଗ୍ରାମର ଲେଲିହାନ ଶିଖାରୁ ସେବାର ବୃହତ୍ତର କ୍ଷେତ୍ର, ଜନଜାଗରଣ ଓ ସାଧନାର



ମନ୍ତ୍ରୋଚ୍ଚାରଣରୁ ସାଫଲ୍ୟର ଶୀର୍ଷାରୋହଣ - ସବୁଠି ତାଙ୍କର ପାରିବାପଣିଆ, ଯଶ ଓ ଗାଥାର କାହାଣୀ । ସେ ହେଉଛନ୍ତି ଉତ୍କଳ-କେଶରୀ ଡକ୍ଟର ହରେକୃଷ୍ଣ ମହତାବ । ଉତ୍କଳୀୟ ଜାତୀୟତାର ଆଦ୍ୟ ଜନ୍ମଦାତା ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୀବନାଦର୍ଶ, ଆଚାର୍ଯ୍ୟ ହରିହର ଓ କୃପାସିନ୍ଧୁ ମିଶ୍ରଙ୍କ ତ୍ୟାଗପୂତ ଜୀବନ ଏବଂ ନିତ୍ୟାନନ୍ଦ କାନୁନ୍‌ଗୋ, ନବକୃଷ୍ଣ ଚୌଧୁରୀ ଓ ପଣ୍ଡିତ ଲିଙ୍ଗରାଜ ମିଶ୍ରଙ୍କ ସାହଚର୍ଯ୍ୟ ତାଙ୍କୁ ବହୁଭାବରେ ପ୍ରଭାବିତ କରିଥିଲା । ସେହି ଆଦର୍ଶକୁ ପାଥେୟ କରି ସେ କେବଳ ଆମ ରାଜ୍ୟ ନୁହେଁ, ଭାରତର ଜଣେ ଆଗଧାଡିର ଜନନାୟକ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ ।

ହରେକୃଷ୍ଣ ମହତାବ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ । ସେ ଥିଲେ ଏକାଧାରରେ ଜଣେ ବିଚକ୍ଷଣ ରାଷ୍ଟ୍ରନୀତିଜ୍ଞ, ସୁସାହିତ୍ୟିକ, ସୁଶାସକ, ଦକ୍ଷ ସମ୍ପାଦକ, ମହାନ୍ ଦେଶପ୍ରେମୀ, ଐତିହାସିକ, ସୁସଂଗଠକ ଓ ସର୍ବୋପରି ନବଉତ୍କଳର ନିର୍ମାତା। ଥରେ ଯାହା ସିଏ ଚିନ୍ତା କରୁଥିଲେ, ତାକୁ କାର୍ଯ୍ୟରେ କରି ଦେଖାଉଥିଲେ । ଏଥିରୁ ତାଙ୍କୁ କେହି ବିଚ୍ୟୁତ କରିପାରୁ ନ ଥିଲେ । ତାଙ୍କ ବ୍ୟତିରେକ ଓଡିଶା ରାଜନୀତିର କୌଣସି ସଂଜ୍ଞା, ସ୍ଥିତି ନାହିଁ । ସମସ୍ତ ଉଲ୍ଲେଖଯୋଗ୍ୟ ରାଜନୀତିକ ଉତ୍‌ଥାନ-ପତନରେ ତାଙ୍କର ହାତ ଥିବା ଅନେକ ବିଶ୍ୱାସ କରୁଥିଲେ । ସତରେ ସେ ଥିଲେ ଏକ ରାଜନୀତିକ ବିସ୍ମୟ, ଯାହାଙ୍କ ଚିନ୍ତାରେ, କଥାରେ, ଲେଖାରେ ଓ କାର୍ଯ୍ୟରେ ଗୋଟିଏ ଜାତିର ଶ୍ୱାସ-ପ୍ରଶ୍ୱାସ ଏମିତି ସ୍ପନ୍ଦିତ ହେଉଥିଲା । ସେ ଖାଲି ଜଣେ ବ୍ୟକ୍ତିବିଶେଷ ନଥିଲେ, ଥିଲେ ଏକ ସ୍ୱୟଂସଂପୂର୍ଣ୍ଣ ଅନୁଷ୍ଠାନ ।

ଡକ୍ଟର ମହତାବଙ୍କ କର୍ମମୟ, ସଂଗ୍ରାମୀ ଓ ରାଜନୈତିକ ଜୀବନ ବେଶ୍ ଚଳଚ□ଳ ଥିଲା । ନିଜର ଅସାଧାରଣ ବ୍ୟକ୍ତିତ୍ୱ ଓ ପରାକାଷ୍ଠା ଯୋଗୁ ପ୍ରାୟ ଅର୍ଦ୍ଧଶତାବ୍ଦୀ ଧରି ୧୯୨୪ ମସିହାରୁ ୧୯୭୪ ମସିହା ପର୍ଯ୍ୟନ୍ତ ଓଡିଶା ତଥା ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ। ୧୯୩୭ ମସିହାରେ ରାଜ୍ୟ କଂଗ୍ରେସର ସଭାପତି ଭାବେ ସଂଗଠନରେ ପାଦ ଥାପିଥିଲେ ସେ । ପରେ ୧୯୩୮ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର କାର୍ଯ୍ୟକାରୀ ସମିତି ସଭ୍ୟରୂପେ ତାଙ୍କୁ ମନୋନିତ କରାଯାଇଥିଲା। ଏହି ସମୟରେ ନିଜର ଅପୂର୍ବ ସାଂଗଠନିକ ଦକ୍ଷତାର ପ୍ରମାଣ ଦେଇଥିଲେ । ପ୍ରଥମ ପର୍ଯ୍ୟାୟରେ ୧୯୪୬ରୁ ୧୯୫୦ମସିହା ପର୍ଯ୍ୟନ୍ତ ସେ ଓଡିଶାର ପ୍ରଧାନମନ୍ତ୍ରୀ ପରେ ମୁଖ୍ୟମନ୍ତ୍ରୀ ହେବାର ଗୌରବ ଲାଭ କରିବା ସହ ପରବର୍ତ୍ତୀ ପର୍ଯ୍ୟାୟରେ ୧୯୫୬ ମସିହାରେ ଦ୍ୱିତୀୟ ଥର ପାଇଁ ଓଡିଶାର ମୁଖ୍ୟମନ୍ତ୍ରୀ ପଦ ମଣ୍ଡନ କରି ୧୯୬୧ ମସିହା ପର୍ଯ୍ୟନ୍ତ ସେଥିରେ ଅବସ୍ଥାପିତ ହୋଇଥିଲେ। ସେହିପରି ୧୯୫୦ ମସିହାରୁ ୧୯୫୨ ମସିହା ପର୍ଯ୍ୟନ୍ତ କେନ୍ଦ୍ର ଶିଳ୍ପ, ବାଣିଜ୍ୟ ଓ ଯୋଗାଣ ମନ୍ତ୍ରୀ ରୂପେ ନିଜ ଦାୟିତ୍ୱ ସୂଚାରୁରୂପେ ତୁଲାଇଥିଲେ । ୧୯୫୫-୧୯୫୬ ମସିହାରେ ବମ୍ବେ ରାଜ୍ୟର ରାଜ୍ୟପାଳ ହେବାର ସୌଭାଗ୍ୟ ଡକ୍ଟର ମହତାବ ହିଁ ଲାଭ କରିଥିଲେ। ୧୯୬୨ ମସିହାରେ ଯେଉଁ ତିନିଜଣ ସଦସ୍ୟ ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ ତନ୍ମଧ୍ୟରୁ ମହତାବ ଥିଲେ ଜଣେ । ସେହିପରି ୧୯୬୬ ମସିହାରେ କଂଗ୍ରେସ ଦଳ ତ୍ୟାଗ ପରେ ୧୯୬୭, ୧୯୭୧ ଓ ୧୯୭୪ ମସିହାରେ ସେ ମଧ୍ୟ ଓଡିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ।

ମହତାବଙ୍କ ଶାସନକାଳ ଓଡିଶା ପାଇଁ ଏକ ସୁବର୍ଣ୍ଣଯୁଗ ଥିଲା କହିଲେ ଭୁଲ୍ ହେବ ନାହିଁ। ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ସ୍ୱକୀୟତା, ସାହସ ଓ ନିର୍ଭୀକତା ପରିସ୍ଫୁଟ ହୋଇଥିଲା । ଆଧୁନିକ ଓଡିଶାର ନିର୍ମାତା ଭାବେ ଇତିହାସରେ ତାଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ଗଡଜାତ ମିଶ୍ରଣ, ଭୁବନେଶ୍ୱରରେ ନୂଆ ରାଜଧାନୀ ପ୍ରତିଷ୍ଠା, ଓଡିଶା ଟେକ୍ସଟାଇଲ୍



ମିଲ୍, କଟକ ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଆଜି ବି ଉଚ୍ଚପ୍ରଶଂସିତ । ବିଶେଷ କରି ଓଡିଶାକୁ ମହତାବଙ୍କ ସର୍ବଶ୍ରେଷ୍ଠ ଅବଦାନ ହେଉଛି ହୀରାକୁଦ ବନ୍ଧ । ୧୯୪୮ ମସିହା ଏପ୍ରିଲ ୧୨ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଓଡିଶାରେ ହାଇକୋର୍ଟ ପ୍ରତିଷ୍ଠା ଦିଗରେ ମହତାବ ଆଶୁ ପଦକ୍ଷେପ ନେଲେ। ସୁପ୍ରିମକୋର୍ଟର ସେତେବେଳର ପ୍ରଧାନବିଚାରପତିଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଥିଲା । ଓଡିଶାରେ ଖେଳ କସରତକୁ ପ୍ରୋତ୍ସାହନ ଦେବାପାଇଁ ମହତାବଙ୍କ ଅବଦାନ ବହୁତ ବେଶୀ । ଓଡିଶା ଅଲିମ୍ପିକ ଆସୋସିଏସନ୍ ତାଙ୍କ ଉଦ୍ୟମରେ ଗଠିତ ହୋଇଥିଲା । ସେ ଶେଷ ପର୍ଯ୍ୟନ୍ତ ତା'ର ସଭାପତି ଥିଲେ । ବାରବାଟୀ ଷ୍ଟାଡିୟମ୍ ନିର୍ମାଣରେ ସେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

ରାଜନୀତି ଓ ସାହିତ୍ୟ ସାଧନା ସହିତ ମହତାବ ସାମ୍ବାଦିକତାକୁ ନିଜ ଜୀବନର ଅଙ୍ଗ ବୋଲି ଭାବିନେଇଥିଲେ । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସଫଳତା ସାର୍ଥକ ଜନମତ ଉପରେ ନିର୍ଭର କରେ ବୋଲି ସେ ମର୍ମେ ମର୍ମେ ଅନୁଭବ କରିଥିଲେ । ଜନମତକୁ ପ୍ରତିଫଳିତ କରିବା ପାଇଁ ସେ ପ୍ରତିଷ୍ଠା କରିଥିଲେ "ପ୍ରଜାତନ୍ତ୍ର" । ୧୯୨୩ ମସିହାରେ ଏହା ପ୍ରଥମେ ସାପ୍ତାହିକ ଭାବେ ପ୍ରକାଶ ପାଇବା ପରେ ୧୯୪୬ ମସିହାଠାରୁ ଏହା ଦୈନିକ ପ୍ରକାଶ ପାଇଆସୁଅଛି । ପ୍ରଜାତନ୍ତ୍ରର ବହୁ ବିଭାଗ ଦେଖିବାକୁ ମିଳେ । ଏହାର ଆଉ ଏକ ଆକର୍ଷଣୀୟ ବିଭାଗ ଥିଲା ଗାଁ -ମଜଲିସ୍ । ଏହାକୁ ମହତାବ ନିଜେ ଲେଖୁଥିଲେ । ଏଥିରେ ଦୁଃଖୀ, ଦରିଦ୍ର, ଶୋଷିତ ଜନସାଧାରଣଙ୍କ ପାଇଁ ସମବେଦନାର ଉଚ୍ଛ୍ୱାସ ଦେଖିବାକୁ ମିଳୁଥିଲା। ଏତଦ୍‌ବ୍ୟତିତ ଶିଶୁପତ୍ରିକା ମୀନାବଜାର ଓ ଝଙ୍କାରର ସେ ସ୍ରଷ୍ଟା ଥିଲେ। ପ୍ରଜାତନ୍ତ୍ର ପ୍ରଚାର ସମିତିର ସଭାପତି ଥାଇ ସେ ସାରସ୍ୱତ ବିଷୁବ ମିଳନର ପରିକଳ୍ପନା କରିଥିଲେ । ପ୍ରତିବର୍ଷ ଏହି ଉତ୍ସବରେ କବି, ଲେଖକ ଓ ସାହିତ୍ୟିକମାନେ ସମ୍ବର୍ଦ୍ଧିତ ହେଉଛନ୍ତି । ଏବେ ମଧ୍ୟ ବିଷୁବ ମିଳନ ସମାରୋହରେ ତାଙ୍କ ଶୂନ୍ୟତା ବେଶ୍ ବାରିହୋଇପଡେ ।

ମହତାବଙ୍କର ସାହିତ୍ୟ କ୍ଷେତ୍ରରେ ମଧ୍ୟ ଗଭୀର ପ୍ରବେଶ ଓ ଅନୁରାଗ ଥିଲା । ସେ ଥିଲେ ଜଣେ ଲବ୍ଧପ୍ରତିଷ୍ଠ ସାହିତ୍ୟିକ । ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ ମଧ୍ୟ ଲେଖନୀଚାଳନାରୁ ସେ ବିରତ ହୋଇ ନ ଥିଲେ । ତାଙ୍କର ପ୍ରବନ୍ଧଗୁଡିକ ଯେପରି ଭାବୋଦ୍ଦୀପକ, ତାଙ୍କ ଉପନ୍ୟାସଗୁଡିକ ସେହିପରି ପ୍ରାଣବନ୍ତ ଥିଲା । ଏଥିସହିତ ଗଳ୍ପ, ଏକାଙ୍କିକା ଓ କାବ୍ୟ କବିତା ଲେଖିବାରେ ସେ ମାହିର ଥିଲେ । ତାଙ୍କର ପ୍ରକାଶିତ ଉପନ୍ୟାସଗୁଡିକ ହେଲା ପ୍ରତିଭା, ଅବ୍ୟାପାର, ନୂତନ ଧର୍ମ, ଟାଉଟର, ତୃତୀୟ ପର୍ବ ଓ ୧୯୭୫ । ପ୍ରବନ୍ଧଗୁଡିକ ଭିତରେ ରହିଛି ସମାଜ ଉପରେ ସାହିତ୍ୟର ପ୍ରଭାବ, ହଜାରେ ବର୍ଷରେ ଓଡ଼ିଆ ସାହିତ୍ୟ, ଭାରତୀୟ ସଂସ୍କୃତିକୁ ଓଡ଼ିଶାର ଅବଦାନ, ଗୀତା ଓ ଜନତା ଏବଂ ସାହିତ୍ୟ ଓ ରାଜନୀତି । ବହୁ ବିଶିଷ୍ଟ ଲୋକଙ୍କ ପରି ସେ ଆତ୍ମଜୀବନୀ ଲେଖିଛନ୍ତି – 'ସାଧନାର ପଥେ' । ଏହା ଉଚ୍ଚକୋଟୀର ଆତ୍ମଜୀବନୀ । ବିଶେଷକରି ତାଙ୍କ ରଚିତ 'ଓଡିଶା ଇତିହାସ' ଏକ ଅନନ୍ୟ ସୃଷ୍ଟି, ଯାହା ଭବିଷ୍ୟତ ଗବେଷକମାନଙ୍କୁ ଯୁଗଯୁଗ ଧରି ପ୍ରେରଣା ଦେଇଆସୁଥିବ । ଐତିହାସିକ ମଜୁମ୍‌ଦାରଙ୍କ ଭାଷାରେ-ଓଡିଆ ଭାଷାରେ ଆଧୁନିକ ବୈଜ୍ଞାନିକ ପଦ୍ଧତିରେ ଯେଉଁ କେତୋଟି ପୂର୍ଣ୍ଣାଙ୍ଗ ଇତିହାସ ରଚିତ ହୋଇଛି, ତନ୍ମଧ୍ୟରୁ 'ଓଡିଶା ଇତିହାସ' ଶ୍ରେଷ୍ଠ ଗ୍ରନ୍ଥ । ଏଥିପାଇଁ ୧୯୫୦ ମସିହାରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ, ୧୯୫୬ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ, ୧୯୫୮ ମସିହାରେ ସାଗର ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନଜନକ ଡି.ଲିଟ୍. ଉପାଧିରେ ଭୂଷିତ କରିଥିଲେ।

ଡକ୍ଟର ମହତାବଙ୍କ ଜନ୍ମ ୧୮୯୯ ମସିହା ନଭେମ୍ବର ୨୧ ତାରିଖରେ, ମୃତ୍ୟୁ ୧୯୮୭ ମସିହା ଜାନୁୟାରୀ ୨ ତାରିଖରେ। ହରେକୃଷ୍ଣ ମହତାବ ଆଜି ଆମ ଗହଣରେ ନାହାଁନ୍ତି ସତ, ହେଲେ ଓଡିଶାର ପ୍ରତିଟି କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଜନମାନସରେ ସେ ଚିରଦିନ ସ୍ମରଣୀୟ ହୋଇ ରହିବେ।

***-ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର, ମୋ-୯୯୩୭୧୫୧୦୫୨***

# ଭାରତୀୟ 'ସ୍ୱ'ର ଅଭିବ୍ୟକ୍ତି

••••••ଅଧ୍ୟାପକ ଗୋପାଳପ୍ରସାଦ ମହାପାତ୍ର••••••

ଇଷ୍ଟ ଇଣ୍ଡିଆ କମ୍ପାନୀର ଏହି ଇଂରେଜ ଶାସକମାନଙ୍କ ବିରୋଧରେ ଛୋଟବଡ଼ ବହୁ ଆନ୍ଦୋଳନ ଓ ସଂଗ୍ରାମ ସଂଘଟିତ ହୋଇଛି ସେମାନଙ୍କର ଛଳନାପୂର୍ଣ୍ଣ ଅତ୍ୟାଚାରୀ ବ୍ୟବହାର କାରଣରୁ । ବ୍ୟବସାୟ ମାଧ୍ୟମରେ ପ୍ରଚୁର ଧନରାଶି ଏ ଦେଶରୁ ଲୁଟିନେବା ସହ ଅତ୍ୟାଚାରପୂର୍ଣ୍ଣ ପ୍ରଶାସନିକ ବ୍ୟବସ୍ଥା ମାଧ୍ୟମରେ ଏ ଦେଶର ସାମାଜିକ ବ୍ୟବସ୍ଥା, ଧର୍ମ, ସଂସ୍କୃତି ଓ ଶ୍ରଦ୍ଧାକେନ୍ଦ୍ର ଇତ୍ୟାଦିକୁ ଧ୍ୱସ୍ତବିଧ୍ୱସ୍ତ କରିବାର ବହୁବିଧ ପ୍ରୟାସ ହିଁ ଇଂରେଜମାନଙ୍କ ବିରୋଧରେ ଭାରତୀୟ ଜନମାନସରେ ଆକ୍ରୋଶ ସୃଷ୍ଟି କରିଥିଲା । ତେଣୁ ସମଗ୍ରଦେଶର ପ୍ରତ୍ୟେକ ରାଜ୍ୟର କୋଣାନୁକୋଣରେ ପ୍ରତ୍ୟେକ ସ୍ତରରେ ଆନ୍ଦୋଳନ ମୁଣ୍ଡ ଟେକିଥିଲା । ମିଶନାରୀ ସ୍କୁଲ ଓ ଗୀର୍ଜା ଇତ୍ୟାଦି ମାଧ୍ୟମରେ ହିନ୍ଦୁମାନଙ୍କୁ ମତାନ୍ତରିତ କରି ଖ୍ରୀଷ୍ଟିଆନରେ ପରିଣତକରିବା ଥିଲା ତାଙ୍କର ଏକ ସୁଚିନ୍ତିତ ଷଡ଼ଯନ୍ତ୍ର। ୧୮୩୬ ଅକ୍ଟୋବର ୧୨ ତାରିଖରେ ଲର୍ଡ ମ୍ୟାକ୍‌ଲେ ତାଙ୍କର ମାଆଙ୍କୁ ଯେଉଁ ଚିଠି ଲେଖିଥିଲେ ସେ ଚିଠି ହେଉଛି ଏହାର ଏକ ପ୍ରମାଣ । -"It is my firm belief that, if our plan of education is followed up, there would not be a single idolator in Bengal 30 years hence."

ପ୍ରଲୋଭନ ଓ ବଳ ପ୍ରୟୋଗ କରି ମଧ୍ୟ ମତାନ୍ତରଣର ପ୍ରକ୍ରିୟା ଆରମ୍ଭ ହେଲା । ଯେଉଁମାନେ ଖ୍ରୀଷ୍ଟିଆନ ହୋଇ ଯାଉଥିଲେ ସେମାନଙ୍କୁ ଅର୍ଥ ପ୍ରଦାନ କରାଯିବା ସହ ଉଚ୍ଚ ପଦପଦବୀରେ ଅବସ୍ଥାପିତ କରାଯାଉଥିଲା । ଏହିଭଳି ଉପରୋକ୍ତ ସମସ୍ତ ବିଷୟ ଗୁଡ଼ିକ ଭାରତୀୟ ସମାଜକୁ ଇଂରେଜ ବିରୋଧୀ ଆନ୍ଦୋଳନ ପାଇଁ ପ୍ରେରିତ କରିଥିଲା ।

ଇଂରେଜଙ୍କର ଶାସନ ଆରମ୍ଭରୁ ହିଁ ସେମାନଙ୍କ ସହ ସଂଘର୍ଷ ଚାଲି ରହିଛି । ୧୭୫୭ର ପଲାସୀ ଯୁଦ୍ଧ ଓ ୧୭୬୪ର ବକ୍ସାର ଯୁଦ୍ଧ ପରେ ରାଜସ୍ୱ ସଂଗ୍ରହ ନୀତି କାରଣରୁ ହିଁ ସେମାନଙ୍କର ବିରୋଧ ଆରମ୍ଭ ହେଲା । ବଙ୍ଗଳା ଓ ବିହାରରେ ସନ୍ନ୍ୟାସୀମାନେ ଇଂରେଜଙ୍କ ବିରୋଧରେ ଆନ୍ଦୋଳନ ଓ ସଂଘର୍ଷ ଆରମ୍ଭ କରିଦେଲେ । ୧୭୬୫ରେ ବଙ୍ଗଳା, ବିହାର ଓ ଓଡ଼ିଶାର ଦେୱାନୀ ପାଇବା ପରେ ଅତ୍ୟନ୍ତ କ୍ରୂର ଭାବରେ ପ୍ରଚୁର ରାଜସ୍ୱ ସଂଗ୍ରହ କରାଗଲା । ଫଳରେ ଲୋକମାନେ ଅତିଷ୍ଠ ହୋଇଗଲେ । ଜମିଦାରମାନଙ୍କୁ ସନ୍ଧ୍ୟାସୁଦ୍ଧା ରାଜସ୍ୱ ସଂଗ୍ରହ ପାଇଁ ସମୟ ଦିଆଗଲା । ସେମାନେ ରାଜସ୍ୱ ଦେଇ ନ ପାରିଲେ ତାଙ୍କର ଜମିଦାରୀ ଉଚ୍ଛେଦ କରାଗଲା। ଜମିଦାରମାନେ ହିଁ ସନ୍ନ୍ୟାସୀ ଓ ମଠ ମନ୍ଦିରଗୁଡ଼ିକର ପୃଷ୍ଠପୋଷକ ଥିଲେ। ଜମିଦାରୀ ଉଚ୍ଛେଦ ହେବା ଫଳରେ ସନ୍ନ୍ୟାସୀମାନଙ୍କୁ ତଥା ଧର୍ମକାର୍ଯ୍ୟରେ ସହାୟତା କରିବା ପାଇଁ ସେମାନେ ସକ୍ଷମ ହୋଇପାରିଲେ ନାହିଁ । ତେଣୁ ଧାର୍ମିକ କାର୍ଯ୍ୟରେ ବାଧା ଉପୁଜିଲା । ଏଥିପାଇଁ ସନ୍ନ୍ୟାସୀମାନେ ଏହି କ୍ରୂର ଇଂରେଜ ଶାସକଙ୍କ ବିରୋଧରେ ଯୁଦ୍ଧଂଦେହି ଡାକରା ଦେଲେ। ଏହି ସନ୍ନ୍ୟାସୀମାନେ ସବୁ ଥିଲେ ଦଶନାମୀ ନାଗା ଓ ଗୋସାଇଁବର୍ଗର । ସେମାନଙ୍କର ମଠଗୁଡ଼ିକ ପରିଣତ ହୋଇଗଲା ଆଖଡ଼ାଶାଳରେ । ସେଠାରେ ଦେଶଭକ୍ତ ସଂଗ୍ରାମୀମାନଙ୍କର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା। ଭାରତମାତାଙ୍କୁ ଦୁର୍ଗା ଓ କାଳୀ



ରୂପରେ ପୂଜା କରାଗଲା । ଫଳସ୍ୱରୂପ ଇଂରେଜମାନଙ୍କ ବିରୋଧରେ ଗରିଲାଯୁଦ୍ଧ ଆରମ୍ଭ ହୋଇଗଲା । ବର୍ତ୍ତମାନର ବାଂଲାଦେଶର ରଙ୍ଗପୁରଠାରେ ୧୫୦ଜଣ ସନ୍ନ୍ୟାସୀଙ୍କୁ ହତ୍ୟା ଇଂରେଜମାନେ କରିଥିଲେ । ୧୭୭୩ ଖ୍ରୀଷ୍ଟାବ୍ଦରେ ୨୦୦୦ ସନ୍ନ୍ୟାସୀ ଜନକପୁରରେ ଏକତ୍ର ହୋଇ ଇଂରେଜ ବିରୋଧୀ ସଂଗ୍ରାମ ଆରମ୍ଭ କରିଦେଲେ । ଫଳତଃ ସନ୍ନ୍ୟାସୀମାନଙ୍କର ଏହି ଯୁଦ୍ଧରେ ଇଂରେଜମାନେ ଅତିଷ୍ଠ ହୋଇ ଉଠିଲେ । ଏଥିରୁ ଏହା ପ୍ରମାଣିତ ଯେ ସନ୍ନ୍ୟାସୀମାନେ ଆବଶ୍ୟକ ପଡ଼ିଲେ ଦେଶରକ୍ଷା ପାଇଁ ଶାସ୍ତ୍ର ସ୍ଥାନରେ ଶସ୍ତ୍ର ମଧ୍ୟ ଧାରଣ କରିପାରନ୍ତି । ତେଣୁ ବିହାର ଓ ବଙ୍ଗଳାର ଏହି ସନ୍ନ୍ୟାସୀମାନଙ୍କର ସଂଗ୍ରାମ ଇତିହାସର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ । ଇଂରେଜମାନେ ସନ୍ନ୍ୟାସୀମାନଙ୍କୁ ସେତେବେଳେ ଡକାୟତର ଆଖ୍ୟା ଦେଇଥିଲେ । ସନ୍ନ୍ୟାସୀମାନଙ୍କର ଏହି ସଂଘର୍ଷଗାଥାକୁ ବଙ୍କିମଚନ୍ଦ୍ର ଚାଟାର୍ଜୀ ସ୍ଥାନିତ କରିଛନ୍ତି ତାଙ୍କର ପ୍ରଖ୍ୟାତ ଉପନ୍ୟାସ 'ଆନନ୍ଦ ମଠ'ରେ। ଏହା ପ୍ରକାଶିତ ହୋଇଥିଲା ୧୮୮୨ ଖ୍ରୀଷ୍ଟାବ୍ଦରେ। ଏହି ଉପନ୍ୟାସର ମୁଖ୍ୟ ଆକର୍ଷଣ ହେଉଛି ରାଷ୍ଟ୍ରଗୀତ 'ବନ୍ଦେ ମାତରମ୍'। ପରବର୍ତ୍ତୀ ପର୍ଯ୍ୟାୟରେ ଏହା ସ୍ୱାଧୀନତା ସଂଗ୍ରାମରେ ମହାମନ୍ତ୍ରରେ ପରିଣତ ହୋଇଥିଲା ।

ଦକ୍ଷିଣ ଭାରତରେ ତାମିଲନାଡୁର ବୀର ଯୋଦ୍ଧା ଅଷକୁମୁତ୍ତୁକ୍ଲୋନ୍ ଇଂରେଜଙ୍କ ବିରୋଧରେ ୧୭୫୬ରୁ ୧୭୫୯ ପର୍ଯ୍ୟନ୍ତ ସଂଗ୍ରାମ କରିଥିଲେ। ସେହିପରି ଯୋଦ୍ଧା ପୁଲିତ୍ତେବନ ୧୭୫୦ରୁ ୧୭୬୭ ପ୍ରାୟ ୧୭ବର୍ଷ କାଳ ଲଢେଇ କରିଥିଲେ। ବୀର ପାଣ୍ଡିୟ କଟ୍ଟବୋମ୍ମନ ଇଂରେଜ ସହିତ ୧୭୯୫ରୁ ୧୭୯୯ ପର୍ଯ୍ୟନ୍ତ ସଂଘର୍ଷ କରିଥିଲେ । ୧୭୯୯ ଅକ୍ଟୋବର ୧୬ ତାରିଖରେ ଗୋଟିଏ ତେନ୍ତୁଳିଗଛରେ ବୀରପାଣ୍ଡିୟ କଟ୍ଟବୋମ୍ମନଙ୍କୁ ଇଂରେଜମାନେ ଫାଶୀ ଦେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ୧୮୦୫ରୁ ଆରମ୍ଭ ହୋଇ ୧୮୫୭ ପର୍ଯ୍ୟନ୍ତ ଓ ପରେ ୧୯୪୭ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ବିବିଧ ବୀରପୁରୁଷଙ୍କ ମାଧ୍ୟମରେ ଚାଲୁ ରହିଥିଲା ଏହି ଇଂରେଜ ବିରୋଧୀ ସଂଗ୍ରାମ ।

ଏହିଭଳି ଭାବରେ ଭାରତର ପ୍ରତ୍ୟେକ ପ୍ରଦେଶରେ ଇଂରେଜ ବିରୋଧୀର ସଂଘର୍ଷ ଜାରି ରହିଥିଲା । ଓଡ଼ିଶାରେ ୧୮୦୩ରେ ଜୟୀ ରାଜଗୁରୁ ଓଡ଼ିଶାର ବୀର ପାଇକଙ୍କୁ ନେଇ ଇଂରେଜଙ୍କ ବିରୋଧରେ ସଂଗ୍ରାମ ଆରମ୍ଭ କରିଥିଲେ । ପରେ ଏହାକୁ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଇତ୍ୟାଦି ଆଗେଇ ନେଇଥିଲେ । ଇତିହାସରେ ଏହାକୁ ପାଇକ ବିଦ୍ରୋହ ଭାବରେ ନାମିତ କରାଯାଇଛି । ବାସ୍ତବରେ ଏହା ବିଦ୍ରୋହ ନୁହେଁ, ଏହା ଥିଲା ଇଂରେଜଙ୍କ ବିରୋଧରେ ସଶସ୍ତ୍ର ସଂଗ୍ରାମ । ବୀର ସୁରେନ୍ଦ୍ର ସାଏ ୧୮୨୭ରୁ ୧୮୬୩ ପର୍ଯ୍ୟନ୍ତ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ ଜାରି ରଖିଥିଲେ। ଇଂରେଜମାନଙ୍କର ଅତ୍ୟାଚାରୀ ଶାସନ ବିରୁଦ୍ଧରେ ବିବିଧ ଜନଜାତୀୟ ଆନ୍ଦୋଳନମାନ ମଧ୍ୟ ସଂଘଟିତ ହୋଇଥିଲା। ସାନ୍ତାଳ ଆନ୍ଦୋଳନ ୧୮୩୩ରୁ ଭାଗିରଥୀ ମାଝୀଙ୍କ ନେତୃତ୍ୱରେ ଆରମ୍ଭ ହେଲା । ଏହା ୧୮୫୬ ପର୍ଯ୍ୟନ୍ତ ଚାଲିଥିଲା । ସେହିପରି ବିରସା ମୁଣ୍ଡାଙ୍କ ନେତୃତ୍ୱରେ ଛୋଟନାଗପୁର ଅଞ୍ଚଳରେ ମୁଣ୍ଡାମାନଙ୍କର ସଂଘର୍ଷ ଇତିହାସପ୍ରସିଦ୍ଧ । ଓଡ଼ିଶାରେ ଭୂୟାଁ, କୋୟା, କନ୍ଧ ଓ ଶବରାଦି ଜନଜାତି ଇଂରେଜଙ୍କ ବିରୁଦ୍ଧରେ ସଂଗ୍ରାମ ଜାରି ରଖିଥିଲେ । ଏହିଭଳି ଭାରତର ପ୍ରତ୍ୟେକ ପ୍ରଦେଶରେ ଇଂରେଜ ବିରୋଧୀ ଆନ୍ଦୋଳନ ଓ ସଂଗ୍ରାମ ସଂଘଟିତ ହୋଇଥିଲା।

୧୮୫୭ ଖ୍ରୀଷ୍ଟାବ୍ଦରେ ସଂଘଟିତ ଇଂରେଜ ବିରୋଧୀ ସଂଗ୍ରାମକୁ ଇତିହାସରେ ସିପାହି ବିଦ୍ରୋହ ନାମରେ ନାମିତ କରାଯାଇଛି । କିନ୍ତୁ ବୀର ସାବରକରଙ୍କ ଭାଷାରେ ଏହା ଥିଲା ଭାରତର ପ୍ରଥମ ସ୍ୱାତନ୍ତ୍ର୍ୟ ସଂଗ୍ରାମ । ପ୍ରଥମ ଏହି କାରଣରୁ କୁହାଯିବ ଯେହେତୁ ଏହାକୁ ଯୋଜନାବଦ୍ଧ ରୀତିରେ ସାମୂହିକ ଭାବରେ ଲଢ଼ିବାର ପ୍ରୟାସ କରାଯାଇଥିଲା । ଇଂରେଜ ସେନାରେ ଥିବା ସିପାହିମାନଙ୍କୁ ଏଥିରେ ଯୋଡ଼ା ଯାଇଥିଲା ଏବଂ ସେମାନେ ମଧ୍ୟ ଯୋଡ଼ି ହୋଇଥିଲେ । କିନ୍ତୁ ଏହାର ସୂତ୍ରଧର ଥିଲେ ନାନାସାହେବ ଓ ଅଜିମୁଲ୍ଲା ଖାଁ । ଇଂରେଜମାନଙ୍କର ସେନାବାହିନୀରେ ଦୁଇ ପ୍ରକାରର ସିପାହି ରହୁଥିଲେ। ଇଂରେଜ ଓ ଭାରତୀୟ ସିପାହି । ଇଂରେଜମାନେ ଅଫିସର ଥିବାବେଳେ ଭାରତୀୟମାନେ ସାଧାରଣ ସିପାହି ଭାବରେ ରହୁଥିଲେ । ଭାରତୀୟଙ୍କ ବେତନ ୭ଟଙ୍କାରୁ ଅଧିକାଧିକ ୯ ଟଙ୍କା ପର୍ଯ୍ୟନ୍ତ ଥିଲା । ଭାରତୀୟ ସିପାହିଙ୍କ ପ୍ରତି ପାତରଅନ୍ତର ନୀତି ଥିଲା। ତେଣୁ ସିପାହିଙ୍କ ଭିତରେ ଅସନ୍ତୋଷ ଥିଲା । ଏ ଦୃଷ୍ଟିରୁ ୧୮୫୭ ପୂର୍ବରୁ ୧୮୦୬ ମସିହାରେ ଭେଲୋରରେ ୧୮୨୪ରେ ବାରାକପୁରରେ, ୧୮୩୮ରେ ସୋଲାପୁରରେ, ୧୮୩୯ରେ ଆଫଗାନ ଯୁଦ୍ଧ ସମୟରେ ଓ ୧୮୪୨ରେ ସିକନ୍ଦାରାବାଦ, ହାଇଦରାବାଦ, ମାଲିଗାଁଓ ଓ କୋଟହରେ ଏପରି ପାଞ୍ଚଥର ସିପାହିମାନେ ସେମାନଙ୍କର ଅସନ୍ତୋଷକୁ ବିଦ୍ରୋହ ଆକାରରେ ପ୍ରକାଶ କରିଥିଲେ । କିନ୍ତୁ ୧୮୫୭ରେ ଏ ସମସ୍ତ ଅସନ୍ତୋଷ ଭୟଙ୍କର ରୂପ ଧାରଣ କରି ବିଶାଳ ସଂଗ୍ରାମର ରୂପ ନେଇଥିଲା । ୧୮୫୭ରେ ଏହି ସଂଗ୍ରାମର ବିଶେଷତ୍ୱ ଥିଲା ହିନ୍ଦୁ ଓ ମୁସଲମାନ ଉଭୟ ମିଶି ଲଢ଼ିବାର ପରିଲକ୍ଷିତ ହୋଇଥିଲା । ଯୋଜନାବଦ୍ଧ ଭାବରେ ଗାଁକୁ ଗାଁ ଏହି ଆନ୍ଦୋଳନ ପଦ୍ମଫୁଲ ଓ ରୁଟି ମାଧ୍ୟମରେ ବ୍ୟାପିଥିଲା। ଗୋଟିଏ ଗାଁର ଲୋକେ ଓ ରେଜିମେଣ୍ଟର ସିପାହିମାନେ ରୁଟି ଖାଇ ସ୍ୱାତନ୍ତ୍ର୍ୟ ସଂଗ୍ରାମର ଶପଥ ନେଉଥିଲେ ଓ ରୁଟି ତିଆରିକରି ପଦ୍ମଫୁଲକୁ ଓ ରୁଟିକୁ ପରବର୍ତ୍ତୀ ଗାଁରେ ଓ ରେଜିମେଣ୍ଟରେ ପହଞ୍ଚାଇ ଦେଉଥିଲେ । ଏହାର ସାମାନ୍ୟ ସୁରାକ ମଧ୍ୟ ଇଂରେଜମାନେ ପାଇପାରି ନ ଥିଲେ। ଯୋଜନା ଅନୁସାରେ ୩୧ ମଇ ୧୮୫୭ରେ ଏକ ସମୟରେ ଏହି ସଂଗ୍ରାମ ଆରମ୍ଭ ହେବାର ଥିଲା । କିନ୍ତୁ ଦୁର୍ଭାଗ୍ୟବଶତଃ ୧୦ ମଇରେ ମେରଠରେ ଇଂରେଜବିରୋଧୀ ଅସନ୍ତୋଷର ବିସ୍ଫୋରଣ ହେବାରୁ ଯୋଜନାବଦ୍ଧ ସଂଗ୍ରାମ ବିଶୃଙ୍ଖଳିତ ଯୁଦ୍ଧରେ ପରିଣତ ହୋଇଗଲା। ଫଳରେ ଜିତୁଥିବା ଯୁଦ୍ଧ ହାରିବାକୁ ପଡ଼ିଲା । ବିବିଧ ରାଜ୍ୟର ଇଂରେଜ ବିରୋଧୀ ରାଜାଗଣ ତଥା ନାନାସାହେବ, ଝାନ୍ସୀର ରାଣୀ ଲକ୍ଷ୍ମୀବାଈ, ତାତ୍ୟାଟୋପେ, କୁଅଁର ସିଂହ ଇତ୍ୟାଦି ବୀରତାପୂର୍ବକ ଯୁଦ୍ଧ କଲେ । ଭାରତୀୟ ସୈନ୍ୟମାନେ ଇଂରେଜ ରେଜିମେଣ୍ଟଗୁଡ଼ିକୁ ଦଖଲକୁ ନେଇଗଲେ ଓ ଏଥିରେ ବହୁ ଇଂରେଜ ଅଧିକାରୀ ନିହତ ହେବା ସହ ଇଂରେଜମାନେ ଭୟଙ୍କର ଭାବରେ କ୍ଷତିଗ୍ରସ୍ତ ହେଲେ । କିନ୍ତୁ ପରବର୍ତ୍ତୀ ସମୟରେ ଇଂରେଜମାନେ ପୁନଶ୍ଚ ସବୁ ଦଖଲ କରିନେଲେ। ୧୮୫୭ର ସଂଗ୍ରାମ ଭାରତୀୟ ଇତିହାସର ଏକ ସ୍ମରଣୀୟ କାଳଖଣ୍ଡ। ଏହି ଭୟଙ୍କର ସଂଗ୍ରାମର ପରିଣତିସ୍ୱରୂପ ଇଷ୍ଟଇଣ୍ଡିଆ କମ୍ପାନୀର ରାଜତ୍ୱର ପରିସମାପ୍ତି ଘଟିଲା ଓ ସିଧାସଳଖ ଭାବରେ ବ୍ରିଟେନ ଅଧୀନକୁ ଭାରତ ଚାଲିଗଲା । କିନ୍ତୁ ଭାରତର ସ୍ୱାତନ୍ତ୍ର୍ୟ ସଂଗ୍ରାମ ନୂଆ ରୂପରେ ଆଗକୁ ବଢ଼ି ଚାଲିଲା। ଇଂରେଜ ସରକାର ଜନତାଙ୍କର ଅସନ୍ତୋଷକୁ ବ୍ୟକ୍ତ କରିବା ପାଇଁ ଆଲାନ୍ ଅକ୍ଟାଭିଆନ ହ୍ୟୁମ୍‌ଙ୍କ ଦ୍ୱାରା କଂଗ୍ରେସର ସ୍ଥାପନା କରାଇଲେ; ଯାହା ମାଧ୍ୟମରେ ପରବର୍ତ୍ତୀ ସ୍ୱାଧୀନତାର ଆନ୍ଦୋଳନମାନ ସଞ୍ଚାଳିତ ହେଲା । ଏଥିରେ ଯୋଗୀ ଅରବିନ୍ଦ, ଲାଲ୍-ବାଲ୍-ପାଲ୍, (ଲାଲା ଲଜପତ ରାୟ, ବାଲ ଗଙ୍ଗାଧର ତିଳକ, ବିପିନ୍ ଚନ୍ଦ୍ର ପାଲ) ମହାତ୍ମା ଗାନ୍ଧି ଇତ୍ୟାଦି ଯୋଗଦେଇ ସ୍ୱାତନ୍ତ୍ର୍ୟ ସଂଗ୍ରାମକୁ ଆଗକୁ ବଢାଇଲେ । ସେହିପରି ବାସୁଦେବ ବଳବନ୍ତ ଫଡକେଙ୍କଠାରୁ ଆରମ୍ଭକରି ଚନ୍ଦ୍ରଶେଖର ଆଜାଦ, ଭଗତ ସିଂ ଇତ୍ୟାଦିଙ୍କ ଭଳି କ୍ରାନ୍ତିକାରୀମାନଙ୍କ ଦ୍ୱାରା ସଶସ୍ତ୍ର ବିପ୍ଳବର ଧାରା ଜାରି ରହିଲା । ***(କ୍ରମଶଃ...)***

***-ପ୍ରାକ୍ତନ ଅଧ୍ୟାପକ, ସଂସ୍କୃତ ବିଭାଗ, ଭୁବନେଶ୍ୱର, ଫୋନ୍-୯୪୩୭୨୮୫୫୩୨***

# ସାହିତ୍ୟ ଦର୍ପଣ



## ବର୍ଷା ଦୃଶ୍ୟର ଅନ୍ତରାଳେ



**ଡଃ.ଶଶୀ ଭୂଷଣ ମହାପାତ୍ର**

ଝୁରୁ ଝୁରୁ ବର୍ଷୁଥିଲା ବର୍ଷା । ହଠାତ ଦୁଲ ଦୁଲ ବର୍ଷିଲା ।ଏ ବର୍ଷା ଲଘୁଚାପର ବର୍ଷା । ଚାହୁଁ ଚାହୁଁ ସାରା ସହରକୁ ଗୋଟାପଣେ ଭିଜାଇ ଦେଲା । ଘର ଭିତରେ ମୁଁ, ଘର ବାହାରେ ବର୍ଷା । ଉପର ମହଲାରେ ବସି ବର୍ଷାର ଏ ଦୃଶ୍ୟ ମୋତେ ଆନମନା କରିଦେଲା ।ଏତିକି ବେଳକୁ ପତ୍ନୀ ପୁରୁଣା ଫିଲ୍ମର ଏକ ଗୀତ 'ରିମଝିମ ଗିରେ ଶାବନ' ଲଗାଇଦେଲେ । ମୋ ଆଖି, ମୋ ମନ ସେ ଗୀତର ଦୃଶ୍ୟ ଅବଲୋକନ କରିବାରେ ଲାଗିଲା। ମୁମ୍ବାଇ (ପୁରୁଣା ନାମ ବମ୍ବେ) ସହରର ସେ ଦୃଶ୍ୟଥିଲା । ଅମିତାଭ ଏବଂ ମୌସୁମୀ ଚାଟାର୍ଜୀଙ୍କ ଯୁଗଳ ବନ୍ଦୀ ବର୍ଷାଭିଜା ନୃତ୍ୟ ର ଦୃଶ୍ୟ। ଦିନାକେତେ ମୁଁ ବି ବର୍ଷା ଭିଜା ମୁମ୍ବାଇ ସହରକୁ ଆରବ ସାଗର କୂଳରେ ଉପଭୋଗ କରିଛି । ସେ ଦୃଶ୍ୟ କିଛି ଏବେ ଆଖିରେ ନାଚିଲା, ତା' ସହିତ ମୋ ଗାଁର ବର୍ଷା ଦୃଶ୍ୟ ବି ମନକୁ ଉଚ୍ଛନ୍ନ କଲା। ଆଃ ବର୍ଷା ! ଏମିତି ସବୁବେଳେ ବର୍ଷୁଥାନ୍ତାକି ? କେତେ ସୁଖ ଅନୁଭବ ସତେ ! ଦଲକାଏ ଦଲକାଏ ପବନରେ ବର୍ଷାର ଛିଟା ତିନ୍ତେଇ ଦେଉଥିଲା ଦେହ ମନ ପ୍ରାଣ ସେବେ ଏବଂ ଏବେ ବି ମଧ ଇଛା ହେଉଥାଏ ବାହାରେ ମନଭରି ଭିଜିବାକୁ । ବର୍ଷ ସହ କେମିତି ଗୋଟେ ନିଆରା ନିବିଡ଼ ଭାବଟିଏ ସଦାବେଳେ ରହିଥାଏ । ସେଇଥିପାଇଁ ତ ମୌସୁମୀ ଆସିଲେ ଦେହ ମନ ଓ ପ୍ରାଣରେ କଦମ୍ବ ଫୁଟେ ।

ହଠାତ ଏତିକିବେଳେ ଝର୍କାଦେଇ ଅନତି ଦୂରର ନିଛାଟିଆ ରାସ୍ତାର ଗୋଟିଏ କଡକୁ ଜାକିଜୁକି ହୋଇ ଛିଡ଼ା ହୋଇଥିବା ଝିଅଟିଏ ଉପରେ ଦୃଷ୍ଟି ପଡିଗଲା। ଭାବିଲି ସେ ବୋଧେ ମୋ ଭଳି ଇଚ୍ଛାକରି ବର୍ଷାରେ ଭିଜିବାର ମଜା ନେଉଥିବା।ଏ ଧାରଣା କିନ୍ତୁ ହଠାତ ବଦଳିଗଲା। ଆଃ ! ଏ କି ଅସହ୍ୟ ଦୃଶ୍ୟ। ତା'ର ଅର୍ଦ୍ଧ ଫୁଙ୍ଗୁଳା ଦେହ ବର୍ଷାରେ ଜଡ଼ସଡ଼ । ଟିକିଏ ଦୂରରେ ସମବୟସ୍କ ତିନିଟା ନାବାଳକ ଟୋକା ତାକୁ ଏକ ଲୟରେ ଚାହିଁ ରହିଥାନ୍ତି। ବୋଧହୁଏ ସେମାନଙ୍କ ଚାହାଣୀରେ ପଲକ ପଡୁ ନଥାଏ । ଝିଅଟି ନାଚାର ଥିଲା। ପାଖରେ ଜରି ପ୍ଲାଷ୍ଟିକ ଭର୍ତ୍ତି ଅଖାଟିଏ। ଏହା ତା'ର ସମ୍ବଳ ବୋଲି ଜଣା ପଡୁଥାଏ। ମୁଁ ନିଶ୍ଚିତ ହୋଇଗଲି ଯେ, ସେ ଜରି ଏବଂ ପ୍ଲାଷ୍ଟିକ ଗୋଟାଉଥିବା କବାଡିବାଲା ଝିଅଟିଏ ।

ବର୍ଷା ଏବଂ ଚିରା ଫ୍ରକର ଆବରଣ ଭିତରେ ତା'ର ଶରୀର ଏବଂ ସେଥିରେ ଫୁଟି ଉଠୁଥିବା ଗୋଟେ ଆଦ୍ୟ ଯୌବନ ଯେମିତି ସେ ତିନୋଟି ନବ ଯୌବନପ୍ରାପ୍ତ ବାଳକଙ୍କୁ ଆକର୍ଷଣ କରୁଥିଲା ।ଝିଅଟିର ସମସ୍ତ ସନ୍ତ୍ରମପଣକୁ ବର୍ଷା ବେଖାତିର କରୁଥିଲା । ଏଥିପାଇଁ କିଏ ଦାୟୀ, ସେ ଝିଅ, ସେ ବାଳକମାନେ ନା ବର୍ଷା ? ଯିଏ ବି ଦାୟୀ ହେଉଥାଉ ନା କାହିଁକି ଏ ଦୃଶ୍ୟ କିନ୍ତୁ କାହାର ନା କାହାର ନିର୍ଦ୍ଦୟ ଭାବକୁ ଦର୍ଶାଉଥିଲା। ଆଃ କି କାରୁଣ୍ୟ ଦୃଶ୍ୟ ! ଏ ଦୃଶ୍ୟ ମୋତେ ଅଧୀର କରିପକାଇଲା ।ଟିକେ ପୂର୍ବରୁ ଯେଉଁ ବର୍ଷା ମୋ ଆଖିରେ ନାଚୁଥିଲା ଏବେ ସେ ମୋ ଆଖିରୁ ଗଡୁଥିଲା ।ଏ ଦୃଶ୍ୟ କ'ଣ ସାର୍ବଜନୀନ ଦୃଶ୍ୟ ହୋଇପାରେ ? ନା କେବେ ନୁହେଁ। ଆଉ ନୁହେଁ । ମୋତେ କିଛି କରିବାକୁ ପଡ଼ିବ। ଅଗତ୍ୟା ମୁଁ ଦୌଡ଼ି ଯିବାକୁ ଉଦ୍ୟତ ହେଉଥିବା ବେଳେ ଝରକାରେ ଦେଖିବାକୁ ପାଇଲି, ସ୍କୁଟିଟିଏ ତା' ପାଖରେ ଆସି ରହିଲା । ସ୍କୁଟିରୁ ଝିଅଟିଏ ଓହ୍ଲାଇ ଆସି ତା'ର ଦୋପଟାକୁ ସେ ଝିଅଟି ଉପରେ ଘୋରାଇ ଦେଲା ଏବଂ ତାକୁ କୁଣ୍ଢାଇଧରି ଆମ ଘର ଆଡକୁ ଆଣୁଥିଲା। ଏ ଦୃଶ୍ୟ ମୋତେ ଟିକେ ଆଶ୍ୱସ୍ତ କଲା । ମୁଁ କର୍ତ୍ତବ୍ୟରେ ହେଳା ନକରି ମୋ ଝିଅର ସାର୍ଟଟିଏ ଧରି ସେଠି ପହଞ୍ଚିଗଲି ।ଆଶ୍ଚର୍ଯ୍ୟ ଏ ଦୃଶ୍ୟ, ତାକୁ ଧରି ଆଣୁଥିବା ଝିଅଟି ଶ୍ରେୟା ହିଁ ଥିଲା । ମୋ ଝିଅ, ଯିଏକି କଲେଜରୁ ଫେରୁଥିଲା । ଅବାକ ହୋଇଗଲି ସେ ଦୃଶ୍ୟକୁ ଦେଖି। ମୁଁ ଶ୍ରେୟାକୁ କୁଣ୍ଢାଇ ପକାଇଲି । ମୋ ଆଖିରୁ କେଇ ଟୋପା ଲୁହ ଖସି ବର୍ଷରେ ମିଶିଗଲା। ଏ ବି ଥିଲା ଗୋଟାଏ ବର୍ଷାର ନିଆରା ଦୃଶ୍ୟ ଯେଉଁଠି ମୁଁ ,ମୋ ଝିଅ ଏବଂ ସେ ଝିଅ ତିନିହେଁ ଭିଜୁ ଥିଲୁ। କିଛି ଦୂରରେ ରାସ୍ତା ଆରପଟେ ତିନି ନାବାଳକଙ୍କର ବିକାରଗ୍ରସ୍ତ ମୋହ ଏବଂ ଏପଟେ ମୁଁ ବି ଗୋଟେ ଭାବାବେଗରେ ମୋହଗ୍ରସ୍ତ। ସେମାନଙ୍କ ମୋହରେ ନିଆଁ ଜଳୁଥିଲା ଅଥଚ୍ ବର୍ଷା ତାକୁ ଲିଭାଇ ପାରୁନଥିଲା କିନ୍ତୁ ମୋର ଏ ମୋହ ଜୀବନରେ ଉର୍ଜା ଭରୁଥିଲା । ବର୍ଷା ମୋତେ ଯେତିକି ତିନ୍ତେଉ ନଥିଲା ମୋର ଭାବାବେଗ ମୋତେ ତାଠୁ ଅଧିକ ଦ୍ରବିଭୂତ କରୁଥିଲା ।ମୁଁ ଭାବୁଥିଲି, ଝିଅଟିଏ ତେବେ କଣ? ସେ କେବଳ ସ୍ତ୍ରୀ ଲିଙ୍ଗଟିଏ? ନା ତା'ର ଆଉ କିଛି ରୂପ ଅଛି।ତା'ର ରୂପ କ'ଣ ମୋହ ଲଗାଏ? ଯଦି ମୋହଗ୍ରସ୍ତ କରାଏ ତା କି ମୋହ? ମମତାର ମୋହ, ପ୍ରେମର ମୋହ ନା ଆଉ କିଛି? ଏ ମୋହ ତ ଜଗତ ଜନନୀ ରୂପରେ ଅଛି? ସେଥିପାଇଁ ସେ ଭୁବନ ମୋହିନୀ। ସେ ସର୍ଜନାର ମହାଦେବୀ, ଶକ୍ତି ସ୍ୱରୂପିଣୀ ଆନନ୍ଦଦାୟିନୀ। ମା', ତୋ'ର ଏହି ରୂପ ଜଗତକୁ ମୋହାବିଷ୍ଟ କରୁଥାଉ। ଏତିକି ବେଳକୁ ପାଖ ଦେବୀ ମନ୍ଦିରରୁ ମା'ଙ୍କର ଅବାହନୀ ମନ୍ତ୍ର ଚାରିଆଡ଼ ଉଚ୍ଚାରିତ ହେଲା। ମୋ ମନରେ, ଆତ୍ମାରେ ବି ସେହି ନାମ ଯେମିତି ଗୁଂଜରିତ ହେଲା। ମୁଁ ସେହି ରୂପକୁ ଦୁଇ ଝିଅଙ୍କ ଭିତରେ ଅନୁଭବ କରୁଥିଲି । ମୋ ପତ୍ନୀ ମଧ୍ୟ ସେତେବେଳକୁ ଆମପାଖରେ ପହଞ୍ଚି ମା'ଭଳି ଆକଟ କରି ଆମର ଯତ୍ନ ନେଉଥାନ୍ତି। ମୁଁ ,ମୋ ଝିଅ , ସେ ଝିଅ ଏବଂ ମୋ ପତ୍ନୀ ସମସ୍ତେ ବର୍ଷାର ଏକ ଦୃଶ୍ୟ ପାଲଟି ଯାଇଥିଲୁ। ବର୍ଷା ସେତବେଳକୁ ଫୁଲପରି ବର୍ଷୁଥିଲା।

ପ୍ରାଧ୍ୟାପକ, ପ୍ରାଣୀ ବିଜ୍ଞାନ ବିଭାଗ
ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ
ମୋ- ୭୯୭୮୦୩୬୯୧୮

## ପ୍ରତିଭାର ପୂଜାରୀ : ସାରସ୍ୱତ ସାଧକ ନାରାୟଣ ଚନ୍ଦ୍ର ମହାନ୍ତି



ଓଡିଆ ସାହିତ୍ୟ, ସଂସ୍କୃତି, ଇତିହାସ, ଦର୍ଶନର ବିକାଶ, ପ୍ରତିଭା ପୂଜା , ପୂଜ୍ୟପୂଜା ଅବା ଗ୍ରାମାଞ୍ଚଳ ପ୍ରତିଭାଙ୍କୁ ନୂଆ ପରିଚୟ ଦେଇ ନବ ଯୁଗ ନିର୍ମାଣରେ ସାରସ୍ୱତ ସାଧକ ନାରାୟଣ ଚନ୍ଦ୍ର ମହାନ୍ତି ( ଝରା ଭାଇ) ଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପିତା ସ୍ୱର୍ଗତ ବୃନ୍ଦାବନ ମହାନ୍ତି,ମାତା ସ୍ୱର୍ଗତା ବେଙ୍ଗଲତା ଦେବୀଙ୍କ କୋଳ ମଣ୍ଡନ କରି ୧୯୫୦ ମସିହାରେ ଜନ୍ମଭୂମି କଟକ ଜିଲ୍ଲା ବୟାଳିଶି ମୌଜା ଉପକଣ୍ଠ ଦେବାଦେବୀ ପୂଜନର ପବିତ୍ର ମାଟି ଏବଂ ପୂଜ୍ୟ ପୂଜାର ଆଦର୍ଶ ଗ୍ରାମ ପଟଣା ଗ୍ରାମରେ । ପେଶାରେ ବିଦ୍ୟୁତ ବିଭାଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀଭାବେ ଅଧୁନା ସାହିତ୍ୟ ସାଧନା, ପୂଜ୍ୟ ପୂଜା, ସମାଜ-ସେବାରେ ବ୍ରତୀ । ବୈୟାଳିଶି ମୌଜାରେ ଥିବା ଅଗ୍ରଣୀ ସାମାଜିକ ସଂଗଠନ " ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ" ଓ "ଆନନ୍ଦ ନୃସିଂହ ସ୍ମୃତି ପୂଜ୍ୟପୂଜା ସଂସଦ"ର ସମ୍ପାଦକ ଭାବରେ ଦାୟିତ୍ୱ ଗ୍ରହଣ ସହ ତାଙ୍କ ଜ୍ୟେଷ୍ଠଭ୍ରାତା ଚିତ୍ରଶିଳ୍ପୀ ସ୍ୱର୍ଗତ ଆନନ୍ଦ ଚନ୍ଦ୍ର ମହାନ୍ତି ଓ ଗୁରୁ ପ୍ରତିମ ସ୍ୱର୍ଗତ କିଶୋର ଚନ୍ଦ୍ର ମହାନ୍ତିଙ୍କ ତାଙ୍କ ପ୍ରତି ଭକ୍ତିଭାବନାକୁ ପାଥେୟ କରି ଅସହାୟ ଲୋକମାନଙ୍କ ସେବା କରିବା, ବାଳାଶ୍ରମ ମାନଙ୍କରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଣ୍ଟନ ,ନିଜ ଅଞ୍ଚଳର ଦିବଂଗତ ପ୍ରତିଭାଙ୍କ ସାଧନା ଏବଂ କୀର୍ତ୍ତିରାଜିକୁ ଲୋକଲୋଚନକୁ ଆଣିବା, ସାହିତ୍ୟ ସେବା ଆଦି ଅନେକ ସୁକାର୍ଯ୍ୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । କର୍ତ୍ତବ୍ୟନିଷ୍ଠ ନାରାୟଣ ଚନ୍ଦ୍ର ପ୍ରତିଭା ପୂଜନକୁ ଜୀବନରେ ବ୍ରତ ଭାବେ ଗ୍ରହଣ କରି ବିଭିନ୍ନ ଗ୍ରାମ ଗ୍ରାମ ବୁଲି ବାସ୍ତବ ପ୍ରତିଭାଧାରୀ ମାନଙ୍କୁ ସମ୍ମାନ ପ୍ରଦାନ, ପୂର୍ବଜ ମାନଙ୍କର କଥାଗାଥାକୁ ନେଇ ସଂକଳନ ପ୍ରକାଶ ସର୍ବୋପରି ପ୍ରତ୍ୟେକ ମହାପୁରୁଷ ମାନଙ୍କ ଜୟନ୍ତୀ ଅବା ଶ୍ରାଦ୍ଧ ଦିବସ, ପର୍ବପର୍ବାଣୀ ଆଦି ନିୟମିତ ପାଳନକରି ସମଗ୍ର ଅଞ୍ଚଳରେ ପୂଜ୍ୟପୂଜାର ଏକ ମହନୀୟତା ବାର୍ତ୍ତା ପ୍ରଚାର କରିଚାଲିଛନ୍ତି । ଏହି ପ୍ରତିଭାବାନ ବ୍ୟକ୍ତିତ୍ୱଙ୍କୁ ତାଙ୍କ ସପରିବାର ଡଃ ପରମାନନ୍ଦ ମହାନ୍ତି, ପ୍ରଫେସର ଅଶୋକ କୁମାର ମହାନ୍ତି, ଡାକ୍ତର ବିନୟା ମହାନ୍ତି, ପ୍ରଫେସର ଇଲା ପଟ୍ଟନାୟକ, ଧର୍ମ ପତ୍ନୀ କବୟିତ୍ରୀ ସରୋଜ ନଳିନୀ ପରିଜା, ସୁପୁତ୍ର କ୍ରୀଡାବିତ୍ ରାକେଶ ମହାନ୍ତି, ପୁତ୍ରବଧୂ ଜୟଶ୍ରୀ ଭଞ୍ଜ ଦେଓ, ସମାଜସେବୀ ବୁଲେଇ ବେହେରା, ସାହିତ୍ୟିକ ଚନ୍ଦ୍ରକାନ୍ତ ପଣ୍ଡା, ନିର୍ମଳ ଚନ୍ଦ୍ର ଦାସ, ଶରତ ଚନ୍ଦ୍ର ରାୟ, ପ୍ରଫୁଲ୍ଲ କୁମାର ମହାପାତ୍ର, ପୁଷ୍ପରାଜ ପ୍ରଧାନ, ଚିତ୍ରଶିଳ୍ପୀ ସୁକଦେବ ମହାରଣା, ପ୍ରଭାତ କୁମାର ଖଟୁଆ, ସନ୍ତୋଷ କୁମାର ପତି, ରାମଚନ୍ଦ୍ର ଗୋଛାୟତ ଆଦି ମହାନ ବ୍ୟକ୍ତିତ୍ୱ ପ୍ରମୁଖ ଚଲାପଥର ସାଥୀ ହୋଇ ପ୍ରେରଣା ଯୋଗାଇ ଆସୁଛନ୍ତି । ଏହିଭଳି ଜଣେ ନୀତିନିଷ୍ଠ ବରେଣ୍ୟ ସାଧକଙ୍କ କର୍ମଧାରା, ଆଦର୍ଶ ଭାବନା ଉତ୍ତର ପୀଢ଼ିକୁ ନିଶ୍ଚିତ ପ୍ରେରଣା ଯୋଗାଇବ ।

## ସ୍ୱପ୍ନ ବାସ୍ତବତା



**ଜିନାତମାମ୍ ଦର୍ଜୀ**

ରୋଷଘର, ବାରଣ୍ଡା, ବାରଣ୍ଡା ଉପରେ ଜେଜେଙ୍କ ଆରାମି ଚୌକି, ବାରଣ୍ଡା ତଳକୁ ଚାରି ଚୌରୀ ଛୋଟ ଅଗଣା, ଅଗଣା ମଝିର ରାଧା -କୃଷ୍ଣ ମୂର୍ତ୍ତି, ତୁଳସୀ ଚଉଁରା, ମା'ର ପରିବା ଡାଲା ଓ ପନିକି, ଧୂଆଁ ପିନ୍ଧା ଚାଳ ଓ କାନ୍ଥ, ନିଜ ଶୋଇବା ଘରର ବହି ସେଲ୍ଫ, ଠଣାରେ ଡିବିରୀ ସବୁ ଜଣା ପଡୁଥିଲା ଦୁରୂହ, ଧୂମ୍ରାଭ, ଅସ୍ପଷ୍ଟ, ଅଚିହ୍ନା ଏବଂ କୁହୁଡି ଢଙ୍କା । ହୋଇ ସାରିଥିଲା ସ୍ମୃତିରୁ ବିଲୁପ୍ତ । ହର୍ଷ ର ତିନି ମହଲା ଘର ଭିତରେ । ପ୍ରତି ବର୍ଷ ଡିଷ୍ଟେମ୍ପର ମରା କାନ୍ଥ ଘେରରେ କ୍ଷ ଇଣ୍ଡେକସନ୍ ଓ ରାଇସ୍ କୁକର ରେ ରନ୍ଧା ଖାଦ୍ୟ ଡାଇନିଂ ଟେବୁଲରେ ଖାଇବା ବେଳେ ଏବଂ ନୂଆଁ ଉପହାର ପାଇଥିବା କାର୍ ରେ ଗଲା ବେଳେ, କୁସନ ପକା ସୋଫା ରେ ବସି ବିଳାସ ପୂର୍ଣ୍ଣ ଆସବାବ ମଧ୍ୟରେ । ସତ୍ତା ହରାଇ ଥିଲା ସେଇ ପୁରୁଣା ବାପ ଘର କ୍ଷ ଯେଉଁଠି ଗୁଞ୍ଜନ ଦିନେ ଦେଖୁଥିଲା ହର୍ଷ ଭଳି ସ୍ୱପ୍ନ, ଖୋଜୁଥିଲା ହର୍ଷ ବୋଲି ବାସ୍ତବତା, ପ୍ରେମ ବୋଲି ପ୍ରତ୍ୟାଶା । ଆଜି ଯାହା ପାଇ ପାରିଛି ନିଜ ହାତର ବଳୟ ଘେର ମଧ୍ୟରେ ।

ବିକ୍ଷିପ୍ତ କେଶ, ଶୁଖିଲା ମୁହଁ, ଫାଙ୍କା ଭାବନାକୁ ନେଇ ଗୁଞ୍ଜୁ ବସିଥିଲା, କିଛିଦିନ ପୂର୍ବର ଅଚିହ୍ନା ଆଉ ବାହୁ ଦିନ ପୂର୍ବରୁ ଅତି ଆପଣାର ଥିବା ସେଇ ଘର ଭିତରେ । ନିଜ ବେଡ଼ ରୁମ୍ ଖଟ ଉପରେ ବସି ବାହାରକୁ ଦେଖିଲା ରୋଷେଇ ଘରେ ମା' ଚକୁଳି କରୁଛି କ୍ଷ ଚୁଲିରେ ଗୁଞ୍ଜା ହୋଇଥିବା କାଠ ଜଳୁଛି କୁହୁଳି କୁହୁଳି । ଚୁଲି ପାଖରେ ଥୁଆ ହୋଇଛି ପରିବା ଡାଲା ଓ ପନିକି । ଜେଜେ ବସିଛନ୍ତି ଆଗପରି ସେଇ ସିମେଣ୍ଟ ଉଠି ଯାଇଥିବା ବାରଣ୍ଡା ରେ ଆରିମି ଚୌକିରେ କ୍ଷ ବାପା ଚାଲିଗଲେ କୁଆଡେ ସାଇକେଲ ଧରି । ଅଗଣାରେ ଖଟ ଟେ ପକେଇ ମାନି ପଢୁଛି ।

ମାନି କହିଲା, 'ଗୁଞ୍ଜୁ ଅପା ଚା'ଟିକେ ପିଇବୁ କି ଆଣିଦେବି ?

ଅବଶ୍ୟ କ୍ଷୀର ନାହିଁ, ନାଳି ଚା' ।

'ନଥାଉ, ଆଣ, ଚିନି ବି ଦବା ଦରକାର ନାଇଁ । ଏତକ କହି ଗୁଞ୍ଜୁ ଉଠିଗଲା ସେଲ୍ଫରେ ଥିବା ଛୋଟ ଦର୍ପଣ ଆଗକୁ କେଶ ବାନ୍ଧିବା ପାଇଁ ।

ଦେଖିଲା ତା ଆଗରେ ତା ଭଳି ଦେଖା ଯାଉଥିବା କେହି ଜଣେ ନାରୀ ଛିଡା ହୋଇଛି । ତା ପାରି ମୁହଁ ତା ପାରି ରଙ୍ଗ, ନାକ କାନ, ଆଖି, ସବୁ ଠିକ୍ ତା ପାରି । ଆଉ ଆଶ୍ଚର୍ଯ୍ୟର କଥା ତା ବାଁ ଗାଲରେ ଥିବା କଳା ଜାଇ ଟିଏ ପାରି ତାର ବି ଠିକ୍ ସେଇ ଜାଗାରେ ଅଛି କଳା ଜାଇ ଟିଏ । ପିନ୍ଧିଛି ପୁରା ତାପରି ଶାଢ଼ୀ, ବ୍ଲାଉଜ । ବିକ୍ଷିପ୍ତ କେଶ । ଗୁଞ୍ଜୁ ଆଶ୍ଚର୍ଯ୍ୟ ହୋଇ ଗଲା । ପଚାରିଲା, 'ତମେ କିଏ ? ?'

ପ୍ରତିଛବି -'ତୁ ମତେ ଚିହ୍ନି ପାରୁନୁ? ନିଜକୁ ନିଜେ ଚିହ୍ନି ପାରୁନୁ ଆଉ କାହାକୁ ଚିହ୍ନିବୁ? ତିନି ବର୍ଷ ପୂର୍ବ? ବାହା ହୋଇଥିବା ଯୁବ ଇଞ୍ଜିନିୟର୍ ହର୍ଷ କୁ ହା... ହା... ହା....

ତାକୁ କଣ ଆଉ ଚିହ୍ନିବା ବାକି ଅଛି ? ?

କ'ଣ ଦେଖୁଥିଲୁ ସେ ପଟକୁ? ଏଠି ନୁଆଁ ମଡେଲ୍ ର ସୌଖିନ କାର ନାହିଁ ବୋଲି କ୍ଷ ନା ଏଠି କୁସନ୍ ପକା ସୋଫା, ୱାସିଙ୍ଗ ମେସିନ୍, ଫ୍ରିଜ୍, ଇଣ୍ଡେକସନ୍, ନାହିଁ ବୋଲି? ଏଠି ନିଜ କାମ ନିଜେ କରିବାକୁ ପଡେ, ଚୁଲି ଲଗା ହୁଏ ଆଉ ସାଇକଲ ରେ ଯିବା ଆସିବା କରିବାକୁ ପଡେ । ନା ଦେଖୁଥିଲୁ ସ୍ୱପ୍ନ ଠାରୁ ବାସ୍ତବତା ର ଦୂରତା । ହର୍ଷର ସ୍ୱପ୍ନ ମହଲ ଠାରୁ ଏ ବାସ୍ତବତାର ନୀଡ କେତେ କଦର୍ଯ୍ୟ କେତେ ଯନ୍ତ୍ରଣା ଦାୟକ ବୋଲି; ସେଇଆ ଦେଖୁଥିଲୁ ତାହେଲେ ଏଠାକୁ କାହିଁକି ଆସୁଥିଲୁ ? ? ?

ଆରେ ହଁ!.. ତୁ ଏଠାକୁ ନିଜେ ଆସିନୁ ତତେ ଏଠାକୁ ଫିଙ୍ଗା ହୋଇଛି। ତତେ ଫିଙ୍ଗି ଦେଇଛି କାଗଜର ଗୋଟେ ଛୋଟ ଡାକ୍ତରୀ ଫାଇଲ୍ । ତୁ ମା'ହୋଇ ପାରିବୁନି ବୋଲି ଲେଖା ଥିବା ସେଇ ରିପୋର୍ଟ ଯାହା ମୁମ୍ବାଇ ରୁ ଯାଞ୍ଚ ହୋଇ ଫେରି ଆସିଛି, ସେ ତତେ ଫିଙ୍ଗି ଦେଇଛି । ଆଉ ଫିଙ୍ଗି ଦେଇଛି ତାକୁ ଉତ୍ତର ପୁରୁଷ ଦେଇପାରି ନଥିବାରୁ ତତେ ତୋର ହର୍ଷ ।

ତାର ଲକ୍ଷ ଲକ୍ଷ ଟଙ୍କାର ଦବେଦାର ତାକୁ ପାରିଥିଲୁ କି ଦେଇ ? ଆହାଃ !.. ହୀନ କପାଳିନି ତୁ!'

ଗୁଞ୍ଜୁ -'ନା ସେ ମତେ ଛାଡି ପାରିବେ ନାହିଁ । ମୁଁ ତାଙ୍କ ସ୍ତ୍ରୀ । ମୁଁ ମା ହୋଇ ନ ପାରିଲେ ବି ସେ ମତେ ରଖିବାକୁ ବାଧ୍ୟ। ମୁଁ ଅଦାଲଦ ରେ କେସ୍ କରିବି । '

ପ୍ରତିଛବି -'ହୁଁ..... ଛ'ମହଣ ଘିଅ ହେବ ନା ରାଧା ନାଚିବ । ଏଥର ସ୍ୱପ୍ନ ଦେଖିବା ବନ୍ଦ କର, ବାସ୍ତବତା କୁ ଆ। ଥରେ ନିଜର ନିଜ ସ୍ଥିତି ନିଜ ପରିବାରର ପାରିଲା ପଣକୁ ଆଉ ଥରେ ଦେଖ । ତୁ ତାଠୁ କେବେବି କେସ୍ ଜିତି ପାରିବୁ ନାହିଁ । ହାରି ଯିବୁ । ସେ ଗୋଟେ ଚୁଟୁକିରେ ଫୁ କରି ଉଡାଇ ଦେବ ତତେ । ନହେଲେ ତୁ ଏମିତି ପୋଡା ଭଙ୍ଗା ସ୍ୱପ୍ନ ଦେଖୁଥା, ଦେଖୁଥା ଭଙ୍ଗା ଆଇନାରେ ମୁହଁ ।

ମାନି – 'ଚା' ନେ '

ଗୁଞ୍ଜୁ –' ଦେ.. '

ଗୁଞ୍ଜନ ଚା' ନେଲା । ଅଚାନକ୍ ଚମକି ପଡିଲା । ଛାତି ଧଡକି ଉଠିଲା । ହାତ ଗୋଡ ଛାଟି ଦେଲା । ଚା' ପଡିଗଲା ଶାଢ଼ୀ ଉପରେ ।

ଗୁଞ୍ଜୁ – 'ମାନି ଦର୍ପଣ କିଏ ଭାଙ୍ଗିଲା ? ?'

ମାନି ଦର୍ପଣ ଆଡକୁ ଅନାଇ କହିଲା, 'ନା ତ ଜମାରୁ ଭାଙ୍ଗିନି ।

ଗୁଞ୍ଜୁ – 'ତାହେଲେ ସ୍ୱପ୍ନ ଭାଙ୍ଗି ଥିବ କ୍ଷ!!!!'

ମାନି –'ଚା' ତ ପଡିଗଲା ଆଉ ଗୋଟେ ନେଇ ଆସିବି ?'

ଗୁଞ୍ଜୁ –'ନା, ଥାଉ ।'

ମାନି – 'ଶାଢ଼ୀ ଭିଜିଗଲା ।'

ଗୁଞ୍ଜୁ – ' ଭିଜୁ, କିଛି ସମୟ ପରେ ଶୁଖି ଯିବ କ୍ଷ ସମୟ କ୍ରମେ ହୃଦୟର କ୍ଷତ ଭରିଜିବା ପରି କ୍ଷ ହାତ କି ଗୋଡ ରେ ପଡିନି

ନ ହେଲେ ପୋଡି ଯାଇଥାନ୍ତା ।

ଓଃ!..... ହେଲେ ମୋର କପାଳ ପୋଡି ଯାଉଛି....... ଓ'

## ମାର୍ଗଶିର ମାସ

*ଯୁଧିଷ୍ଠିର କୁଅଁର*



ମାର୍ଗଶିର ମାସ ହୋଇଲା,
ବାଘପରି ଶୀତ ଅଇଲା,
ଗିରି କାନନରୁ ଶୀତଳ ସମୀର
ଗାଆଁ ମୂଳକରେ ବହିଲା ॥୧॥
ସୁଇଟର ଟୋପି ଚଦର,
କନ୍ଥା କମଳକୁ ଆଦର,
ଖରା ପିଠିକରି ନିଆଁ ପହିଁବାକୁ
ମନ ହାଇଁପାଇଁ ହୋଇଲା ॥୨॥
ଚାଷୀ କ୍ଷେତ ଧାନ ପାଚିଲା,
ଘରଣୀର ମନ ନାଚିଲା,
ଗୁରୁବାରେ ଘର ଲିପା ପୋଛାକରି
ମାଣବସା ଗୀତ ଗାଇଲା ॥୩॥
ସାରୁ,ଖମ୍ବଆଳୁ, ଝୁଡଙ୍ଗ
ଫୁଲ,ବନ୍ଧାକୋବି,ପାଳଙ୍ଗ
କଟିକି ଗେଣ୍ଡୁତା ରୂପ ସରାଗରେ
ପ୍ରଜାପତି ମନ ମୋହିଲା ॥୩॥
ପଢୁଆଁ ଅଷ୍ଟମୀ ଦିନରେ,
ପିଠାପଣା ପାଖେ ମନରେ,
ନୂଆ ଜାମାଯୋଡ କୁନାକୁନି ପିନ୍ଧି
ଗୁରୁଜନ ପାଦେ ନଇଁଲା ॥୪॥
ଉତ୍କଳ କେଶରୀ ବୀର,
ଜନମ ତିଥି ତାଙ୍କର,
ତାଙ୍କ ନୀତିବାଣୀ ଅମର କାହାଣୀ
ଜୀବନେ ପାଥେୟ ହୋଇଲା ॥୫॥
ପୁଟ୍ଟପର୍ତ୍ତି ସତ୍ୟସାଇ,
ଗୁରୁରୂପେ ଛନ୍ତି ରହି,
ଜନମ ତିଥିରେ ପଦ ଦରଶନେ
ଏ ଜୀବନ ଧନ୍ୟ ହୋଇଲା ॥୬॥

*ଡଗରପଡା, ବାଲେଶ୍ୱର*

## ଶୀତରାତି

*ଇନ୍ଦିରା ପାଣି*



ବିଦାୟୀ ସୂର୍ଯ୍ୟର ଉଷ୍ମତାକୁ ଝୁରି
ଅଭିମାନ କରି ସାଥୀ,
ନିଜକୁ ସାଉଁଟି ଶୀତଳ ଜ୍ୟୋସ୍ନାରେ
ଗୀତ ଗାଏ ଶୀତରାତି !
ଅସ୍ତରଙ୍ଗର ରଙ୍ଗରେ ରଙ୍ଗୀନ
ଅବୁଝା କିଶୋରୀ ପରି
ଶୀତରାତି ପରା ଗୁଣୁଗୁଣୁ ହୁଏ
ସାତରଙ୍ଗୀ ସ୍ୱପ୍ନ ନେଇ ।
କାକରଭିଜା ତା' ଲମ୍ବା ପଣତରେ
ଗଣ୍ଠିଲିଏ ରୂପକଥା ।
ଫିଟିଲେ ସେ ପେଡ଼ି ଉହୁଙ୍କି ଉଠିବ
କେତେ ଖୁସି କେତେ ବ୍ୟଥା
ବିଳାସୀ ମନର ଅପେକ୍ଷିତ ରାତି
ରଙ୍ଗୀନ ସ୍ୱପ୍ନରେ ଭରା
ଦୁଃଖୀଜନ ପାଇଁ ଅସରନ୍ତି ଦୁଃଖ
ଶୀତରାତି ଆଣେ ପରା !
କାହାପାଇଁ ସୁଖ, କାହାପାଇଁ ଦୁଃଖ
ଅଭୁଲା ଏଇ ଯେ ରାତି;
ସ୍ମୃତିକୁ ଜାବୋଡ଼ି ଆଖିପଲକରେ
ଧୀରେଧୀରେ ଯାଏ ବିତି !

*ଖାରବେଳ ନଗର*
*ଭୁବନେଶ୍ୱର*

## ଆପଣାର ବୋଲି ...

**ନିରଞ୍ଜନ ସାହୁ**

ତୁମ ସାଥେ ବସି ଗପ କରିବାରେ
ଅନେକ ଆନନ୍ଦ ଲାଗେ
ତୁମେ ଯେତେ ଟାଣ କଥା କହିଲେ ବି
କଦାପି ଟିକେ ନ ରାଗେ ।

ଏତେ ଅନୁରାଗ କେଉଁଠାରୁ ଆସେ
ପାରେନାହିଁ ତାହା ଜାଣି
କାହିଁକି ଏ ମନ ଆପେଆପେ ତୁମ
ପାଖକୁ ହୁଅଇ ଟାଣି
ମନ ଖୋଲିଦେଇ ଅନ୍ତରର କଥା
କହିଦିଏ ତୁମ ଆଗେ ।

ବୁଝି ମୁଁ ପାରେନା ଜାଣି ମୁଁ ପାରେନା
ତୁମେ କାହିଁ ଲାଗ ଭଲ
ଭାରି ଦୁଃଖ ଲାଗେ ଫେରିଆସେ ମୁହିଁ
ଯେବେ ମୁହଁ ବୁଲାଇଲ
ନିର୍ଦ୍ଦୋଷ ହୋଇ ମୁଁ ଦୋଷୀଟିଏ ପରି
କାନ ଧରି ଭୁଲ ମାଗେ ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ :୯୯୩୮୭୪୧୫୮୩

## କୀର୍ତ୍ତି

**ହୀରକ ମିଶ୍ର**

କହ 'ରେ ସାଧବ !
କାହୁଁଗଲା ତୋର
ହୀରା , ଲୀଳା , ମୋତି ବୋଇତ ଭର୍ତ୍ତି
ସେଇ ପିଛିଲା ଦିନଟିମାନ ...
ସ୍ମୃତି ବିଜଡିତ ଅତୀତ ମୋର
ସୁମରି ହେଉଛି ମାନସପଟରେ
ନହୁଏ ଏଯାଏ ଲୀନ !

ଦରିଆ ଡେଇଁଲେ ଜାଭା ଦ୍ୱୀପ ପଡେ
ଘୁଞ୍ଚିଗଲା କ'ଣ ଏବକୁ ଏବେ
ବତାସ ଝଡେ ?
ଅବା କି ବୁଝିବି?
ଢେଉ କାଟି କାଟି
କ୍ଷୀଣ ହେଲା ବୋଧେ
ସାଧବପୁଅର ବାହୁବଳ ଏବେ
ଯା 'ଲାଗି ପଡିଛି
ଜରାଜୀର୍ଣ୍ଣ ହୋଇ ରୁଗ୍ଣ ପୋତ
ମାନ ବନ୍ଦର ତଳେ !

ପୂରୁବ ତଟରେ ସୂରୁଜ ଉଇଁଲେ
ପୂରିଉଠୁଥିଲା କଳିଙ୍ଗ ଶିରୀ
ଶତ ସାଧବର ଫେରିଲା
ବୋଇତ କୂଳ ଛୁଉଁଛୁଉଁ
ଉଛୁଳି ଉଠଇ ଚନ୍ଦ୍ରଭାଗା କୂଳ
କଳିଙ୍ଗ କନ୍ୟା ର ଶଙ୍ଖନାଦେ ,ହୁଳହୁଳି

କହ 'ରେ ସାଧବ !
ଏଇ ଚାନ୍ଦିନି ରାତିରେ ଚନ୍ଦ୍ରଭାଗା
କୂଳ ଶିରିଚ୍ଛୁଟା ଦିଶେ
ପାରୁନି କାହିଁ ମୋ ମନଙ୍କୁ ଜିଣି !
କଳିଙ୍ଗ କନ୍ୟାର ରୂପ ସଜା ପାଇଁ
କେଉଁଠୁ ଆସିବ ସୁବାସ ଅତର !
ନ ଗଲେ ବୋଇତ ଦରିଆପାରି
କହ ତ ମୋତେ
କେଉଁଠୁ ଆଣିବ କିଣି ?

ହଜିଯିବ କ'ଣ , ଭାବ ର କବିତା !
ହଜାର ବର୍ଷର ଗାଥା !
ବୀର ଓଡିଆର ଏଇ ବିଦେଶି ଡାଆଁ
ନଦେଉ ହଜେଇ
ସମୁଦ୍ର ଢେଉରେ
ଚନ୍ଦ୍ରଭାଗା ମନକଥା !

## ପାଳ ଭୁତ

**ବିଜନ ରାୟ**

ହିଡ଼ ତଳେ ବିଲ କୁ ଜଗିଛି ପାଳ ଭୁତ
ପାଳ ଭୁତ ର ମୁଣ୍ଡ '୦ ' ସିଲପଟ
ମୋଟା ଧଳା ନିଶ, କୋରଡ଼ ଆଖି
ସରୁ ସରୁ ସିରାଳ ଗୋଡ଼ ହାତ
ବେତ ବାଡ଼ି ଡିରା ଦେଇ ଛିଡା ହୋଇଛି
ଦାରୁ ଭୁତ ମୁରାରୀ ପରି
ନିରବ, ନିଶ୍ଚଳ ଫସଲ ଜଗିଛି !

ତା ପାଇଁ ବିଲ ସୁରକ୍ଷିତ
କଣ ନା -ଜଣେ କିଏ ଜଗିଛି
ତା ପାଇଁ ଫସଲ ସୁରକ୍ଷିତ
ତାକୁ ପଶୁ ପକ୍ଷୀ ଡରୁଛନ୍ତି
ସେ କିନ୍ତୁ ସୁରକ୍ଷିତ ନୁହେଁ
ନିଆଁ ଭଳି ରଡ ଖରା
ମାଠିଆ ମୁହଁ ରୁ ନିଗିରା ବର୍ଷା
ବନ୍ୟା ପାଣି ର ତୋଡ
ବରଫ ହେମାଳ ଶୀତ
ତାକୁ ଖାଇ ଖାଇ ଯାଏ !

ଫସଲ ଅମଳ ଉତ୍ତରାନ୍ତେ
ଜମି ଖାଁ ଖାଁ ଖାଲି
ଏଠାର ବୀଜ କାଲେ ଅନ୍ୟଠି
ଗଛ ହେଲେଣି
ସେମାନେ ନିଜ ହାତରେ ଚଉଦ ପା
କାହାର ଡର ଫର କିଛି ନାହିଁ
ଜମି ଏବେ ଫୁଙ୍ଗୁଳା ଟାଙ୍ଗରା
ପାଳ ଭୁତ ନଇଁ ନଇଁ ତା ନାକ ତଳେ
ଲାଗି ଗଲାଣି
ତଥାପି ଆଗ ଭଳି କର୍ତ୍ତବ୍ୟ କରୁଛି
ବାଉଳି ହେଉଛି ସବୁ ମୋର... !

ମୋ:୯୪୩୮୧୪୧୩୬୪

## ଚକ୍ରବ୍ୟୁହ

*ରତ୍ନକାନ୍ତି ମିଶ୍ର*

ବାପା ଆଉ ସମୟ
ସାଥି ହୋଇ ଚାଲନ୍ତି
ପରସ୍ପରକୁ ବି ବୁଝନ୍ତି
ହୃଦୟଙ୍ଗମ କରି ହୁଏ
ସେମାନଙ୍କ ମାନସିକତାରୁ..!
ଦାଣ୍ଡ କବାଟ ଖୋଲିବାର ଶବ୍ଦ ଶୁଭିଲା ତ'
ଅନାୟାସରେ କହିହେବ
ଏବେ ସକାଳ ପାଞ୍ଚଟା
ଏଥର ଫୁଲ ତୋଳାହେବ,ଆଉ
ପ୍ରାତଃ ଭ୍ରମଣରେ ବାହାରିବେ ବାପା
ନିର୍ଦ୍ଦିଷ୍ଟ ସମୟରେ
ଜୀବନଚର୍ଯ୍ୟାର ସାରଣୀ ସବୁ
ସମ୍ପାଦିତ ହେବ ଅକ୍ଲେଶରେ
ସମୟ ସହିତ ତାଳ ଦେଇ
ପାଦ ପକଉଥିଲେ ବାପା,
ମହାର୍ଘ ସେ ପାଦ ଚିହ୍ନକୁ
ଅନୁସରଣ କରୁଥିଲି ମୁଁ..
ଘରେ, ବାହାରେ, ପ୍ରତିଟି କ୍ଷେତ୍ରରେ
ଏବେ ନା ସମୟ, ନା ପାଦ ଚିହ୍ନ
ମୋ ପାଇଁ ସବୁ ହିଁ ନିଶ୍ଚିହ୍ନ
ସ୍ମୃତି କିଛି ଜାବୁଡି ଧରିଛି
ବିସ୍ମୃତିରେ ରହିଛି ବି କିଛି
ବାପା ଏବେ ଅପହଞ୍ଚ ଇଲାକାରେ
ଅସହାୟ ଅଭିମନ୍ୟୁ ମୁଁ
ଦଣ୍ଡାୟମାନସମୟର
ଚକ୍ରବ୍ୟୁହରେ...!!!

*ଆଳି,କେନ୍ଦ୍ରାପଡା*

## ବନ୍ଧୁ ପାଇଁ କେଇ ପଦ

*ଆଦ୍ୟାଶା ମହାପାତ୍ର*

ହଜାର ଜଞ୍ଜାଳ ଭିତରେ
ତୋ' ସହିତ କଥା ହେଲେ
ଭୁଲିଯାଏ ବୟସକୁ
ସହଜରେ ଖୋଜିପାଏ
ହଜିଲା ଦିନସବୁ,
ଜୋର କରି ଜାହିର କରେ
ନିଜ ପିଲାଳିଆମିକୁ,
ଭଲ ଲାଗେ ନିଜ ନାଁ ଟା
ତୋ ମୁହଁରେ ଶୁଣିବାକୁ ।
ମଝିରେ ମଝିରେ ମୁଁ ପଢେ
ତୋର ପୁରୁଣା ଚିଠି ସବୁ, ଆଉ
ସେ ଦିନର ଅନ୍ତରଙ୍ଗତାକୁ,
ତୋ' ସହିତ କଟିଥିବା
ଯେତକ ମୁହୂର୍ତ୍ତ.....
ମୁଁ ସାଇତି ରଖିଛି
ମୋ ହୃଦୟରେ, ମୋ ସ୍ମୃତିରେ
ଖୁବ୍ ସନ୍ତର୍ପଣରେ....।
ତୋ ସହିତ ସଂପର୍କର ଗଭୀରତା ଅବା
ଘନିଷ୍ଠତାର ପ୍ରମାଣ ଦେବାକୁ...
ମୁଁ ତ ଫୁଃ କରି ଉଡେଇ ଦେଇପାରେ
ସମୟକୁ ଅସମୟରେ
ସେଇ ପିଲାଦିନରୁ-
ସବୁ ପ୍ରତିକୂଳତା ସହିତ
ଲଢେଇ କରି ଆସିଛି
ବନ୍ଧୁତା କାଏମ ରଖିବାକୁ ।
ନିଜ ପରିବାର ବାହାରେ
ତୋ' ପାଇଁ, ତୋତେ ନେଇ
ମୋର ତ ଆଉ ଗୋଟିଏ
ସ୍ନେହ,ପ୍ରେମର ସଂସାର।
ସମୟ ବା ଦୂରତା
କାଟି ପାରିନି ଆମ ସମ୍ପର୍କକୁ
ଆନ୍ତରିକତା ଅଛି ବୋଲି ତ
ମୁଁ ବୁଝି ପାରେ ତୋ ଦୁନିଆକୁ,
ତୋ' ଅନ୍ୟମନସ୍କତାକୁଚ୍ଛ..।

**ନୂଆପଡା,କଟକ**

## ଏକାନ୍ତରେ ତୁମେ...

*ରାହାସ କୁମାର ବେହେରା*



ତମେତ ଶୋଇଥିଲ
ଏବେ କେମିତି ଉଠିଲ ।
ଆଖପାଖେ ଅନେକ କୋଳାହଳ
ନାହିଁ ଟିକେ ଶୂନଶାନ ।
ପୁଣି ପଡ ଶୋଇ ।
ଟିକେ ନିରବିଯାଉ ଗଛ ମୂରଚ୍ଛ
ମନର ବିକଳ ଭୋକ
ଲୁଚିଗଲେ ଦେହର ଛାଇ
ଘୁମେଇ ପଡିଲେ ପବନ
ପୁଣି ଉଠିବା ଆମେ ଚେଇଁ ।
ଝରକା ଦେଇ ଜହ୍ନକୁ ପିଠିକରି
ମିଶି ମାରିବା ମିଠା ହାଇ
କାଖେଇ ସମୟକୁ
ନାଚୁଥିବା ଥେଇ ଥେଇ
ଗୋଟେ ମିଳନର ଗୀତ ଗାଇ ।

ବାଲ୍ୟମ୍ବା,ଭାପୁର
ଢେଙ୍କାନାଳ – ୭୫୯୦୧୫
ମୋ : ୯୪୩୮୧୧୪୩୬୮

## ସାବରମତିରୁ ସାରା ଭାରତ

*ଡକ୍ଟର ନୃସିଂହ ଷଡ଼ଙ୍ଗୀ*



ନହନହକା ବାଉଁଶ କଣି ପରି ଦେହ
ନା'– ଦେହରେ ଅଛି ବାଦ୍‌ସାହୀ ଶ୍ଳେଷ
ନା'– ବେଶ ଭୂଷାରେ ଅଛି –
କୌଣସି ନିଖୁଣ ଆତୁରତା,
ଚଉପାଶରେ ଛିଟ୍‌କି ପଡ଼ିଛି –
ଅନୁକ୍ଷଣ– ଭଙ୍ଗା ଭଙ୍ଗା ଗୋଟେ
ଭାରତବର୍ଷ।
ଯେତେସବୁ ଆତୁରତାର ଅଧୈର୍ଯ୍ୟ ମୁହୂର୍ତ୍ତ
ତାଙ୍କ ନାଁର ଚୌପାଶରେ ବସି ପଡ଼ନ୍ତି
ଅଦ୍‌ଭୂତ ଗୋଟେ ମେଳିରେ,
ଗୋଟେ ନିଖୁଣ ଦମ୍ଭରେ–
ଯେଉଁଠି ଅଣଚାସ
ଝଡ଼ର ସମ୍ଭାବନାରେ
ଅସମ୍ଭାଳ ହୁଏ ପୃଥିବୀର କ୍ଷତାକ୍ତ ଦେହ ।

ସାମ୍ନାରେ ଚୁପ୍‌ଚାପ୍ ସ୍ଥିର ଚାହାଣୀଟିଏ
ସାବରମତୀରୁ ସାରା ଭାରତ ଯାଏଁ
ଦୃଶ୍ୟାୟନ ଦିଏ ସଞ୍ଜ ସକାଳକୁ
ଅପରାହ୍ଣ ଓ ବିନିଦ୍ର ରାତିକୁ।

ହିଂସା ନୁହେଁ-ଅହିଂସାର ଗୋଟେ
ଛୁଆଁପଣରେ
ବିମୋହିତ ହୁଏ – ଏ ଦେଶର ପାଣି ପବନ,
ଜନ–ଜୀବନ, ଏପରିକି–ମୋର,
କାହାର–ବିସ୍ତାରାତି ସମଗ୍ର ଦୁଃଖର ଅରଣ୍ୟ।

ଅହିଂସା ଥିଲା ଅପରାହତ ମନ୍ତ୍ର
ଯାହାର ଧ୍ୱନି–ପ୍ରତିଧ୍ୱନିରେ ଥିଲା
ସିଂହ ନାଦ,
କାହାରି ଅଙ୍ଗୀକାରରେ ଜଳଜଳ ଦିଶୁଥିଲା
ମହାକାଳର ବନ୍ଧା ବନ୍ଧା ମୁହଁ,
ଚିରକାଳ ଝଲସୁଥିଲା ଗୋଟେ
ନିରୀହ ପ୍ରତ୍ୟୟ।

ସାବରମତିରୁ ସାରା ଭାରତ, ମୋ
ଦେଶ–
ଥିଲା ଗୋଟିଏ ସଂସାର,
ଅନାସକ୍ତ ଜୀବନର–
ଗୋଟେ ମାୟାହୀନ ଦୃଶ୍ୟଭେଦରେ
ଝଲସୁଥିଲା–ସମୟର ଚୌପାଶ,
ଅଥଚ–ଭାଙ୍ଗି ପଡୁଥିଲା
ମହାବଳର ହେଣ୍ଟାଳ,
ସବୁକିଛି ଥିଲା ଥରହର, ଟଳମଳ।

ଜୀବନ ବାଜି ଲାଗୁଥିଲା–
ଅସ୍ତାଚଳର ଅଦୌତିରେ,
ଲାଲ୍ ଫୌଜର ମଚ୍‌ମଚ୍ ଯୋତା
ଶବ୍ଦର–
ନିର୍ଭୀକତା ଯେତେ ସବୁ ନଇଁ ପଡୁଥିଲା
ଅହିଂସାର ମହାମୋହ ଛବି ସାମ୍ନାରେ।

ମୋହନ ଦାସର ଜାତକ– କଥା
କହୁଥିଲା
ଆକାଶର ପକ୍ଷୀଭଳି –
ମନମତାଣିଆ ଗୀତରେ,
ଫୁଲା ଫାଙ୍କିଆ ନିଆରା ଢଙ୍ଗରେ,
ନୀଡ଼ଫେରା ପକ୍ଷୀର ସ୍ୱପ୍ନରେ ଥିଲା–
ଗୋଟେ ନିଜର ନିଜର ଡେଣାଲଗା ପଣ।

ଅଥଚ ମୋହନ ଦାସ – ଯୁଦ୍ଧ ପରେ ବି–
ଆତ୍ମୀୟତାର ବିଶ୍ୱାସରେ ହଜିଥିବା
ନରଖର ଚେହେରାଟିଏ,
ଅସହିଷ୍ଣୁତାର ଅପରାଜେୟରେ
ନିଜ ଦର୍ଶନରେ ବନ୍ଧା ପଡ଼ିଥିବା
ନୀରବି ଆସୁଥିବା ଗୋଧୂଳିର
ତୀକ୍ଷ୍ଣ ଆଲୁଅଧାରେ ।

ସ୍ୱପ୍ନ ସରିଲା ବେଳକୁ ରାତି ବି ଶେଷ
ଭାରତ ବର୍ଷର ସ୍ୱପ୍ନ ସମାଧିସ୍ଥ, ହୁଏତ
ଅବେଳରେ
ମହାମାନବର ସାଗର ତୀରେ ।

ଧୂଳି ଧୂଆଁରେ ଶୋଇଥିଲା –
ସାବରମତିରୁ ସାରା ଭାରତ,
କରୁଣ କରୁଣ ଦିଶୁଥିଲା ଗୋଟିଏ
ସଞ୍ଜର ଦେହ, ସକାଳର ନିଷ୍କଳଙ୍କ
ଚେହେରା ପରି
ନିର୍ବାକ୍‌ଥିଲା ଗୋଟିଏ ମଣିଷର ଦେହ,
ସେ ଦେହ –
ମୋହନ ଦାସର, ମୋ ଭାରତର,
କରମ୍‌ଚାନ୍ଦ ଗାନ୍ଧୀର,
ମୋ ସତ୍ତା– ଅସତ୍ତାର,
ଗୋଟିଏ ସ୍ଥିରତା ଭିତରେ
ଅସ୍ଥିର ମହାଦେଶର,
ହେ ରାମ୍– ହା ରାମ୍‌ର ।

ସଦସ୍ୟ, କାର୍ଯ୍ୟକାରୀ ପରିଷଦ
ଓଡ଼ିଶା ସାହିତ୍ୟ ଏକାଡେମୀ,
ଭୁବନେଶ୍ୱର




# ମାନବ ସେବାରେ ଦୂରଦର୍ଶନ



ଜଗତୀକରଣ ପ୍ରକ୍ରିୟାରେ ବିଶ୍ୱ ଏବେ ସଙ୍କୋଚିତ ହୋଇଯାଇଛି ଅର୍ଥାତ୍ ବିଶ୍ୱ ଏକ ପରିବାର ପାଲଟି ଯାଇଛି। ଏହି ପାରିବାରିକ କାରଣରୁ ଆମ ପାଇଁ ଅନେକ କିଛି ସହଜ, ସରଳ ଏବଂ ସୁଗମ ହୋଇପାରିଛି । ଏ ସବୁର ମୂଳ କାରଣ ଆମ୍ଭମାନଙ୍କ ପାଖରେ ସଂପ୍ରତି ପହଂଚିଥିବା ପରିବହନ ଏବଂ ଯୋଗାଯୋଗ ବ୍ୟବସ୍ଥାର ସୁଲଭତା। ତେବେ ସାଂପ୍ରତିକ ଯୋଗାଯୋଗ ବ୍ୟବସ୍ଥା ବିଶ୍ୱ ବାସୀଙ୍କୁ ସନ୍ନିକଟ କରାଇବା ତଥା ପରସ୍ପରକୁ ବୁଝିବା ଏବଂ ନିଜର ଅଭାବ ମେଣ୍ଟାଇବା, ଭାବର ଆଦାନ ପ୍ରଦାନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିଛି। ପରସ୍ପରକୁ ନିକଟତର କରାଇବାର ବୁଝିବାର ଏବଂ ବୁଝାଇବାର ମାଧ୍ୟମକୁ କୁହନ୍ତି ଗଣମାଧ୍ୟମ। ଗଣମାଧ୍ୟମ କୌଣସି ଦେଶର ଶାସନ କ୍ଷେତ୍ରରେ ଚତୁର୍ଥ ସ୍ତମ୍ଭ। ଗଣମାଧ୍ୟମ କହିଲେ ସମ୍ବାଦ, ଗ୍ରହଣ, ପ୍ରଚାର ଏବଂ ପରିବେଷଣକୁ ବୁଝାଏ। ଆମେ ଜାଣିଥିବା ଏବଂ ପଢୁଥିବା ଖବର କାଗଜ , ଆକାଶ ବାଣୀ , ପତ୍ରପତ୍ରିକା, ପ୍ରାଚୀରପତ୍ର , ପାଲା, ଦାସକାଠିଆ, ନାଚ, ଥିଏଟର, ସିନେମା, ଚକୁଳିଆ ପଣ୍ଡା ଗୀତ ଏବଂ ଜାନୁଘଣ୍ଟିଆର ବାଣୀ ଅଥବା ପୁରାଣ କାହାଣୀ ଏସବୁ ଗଣମାଧ୍ୟମର ଡାଳ ପତ୍ର ସଦୃଶ । ତେବେ ସଂକ୍ଷେପରେ ଏହାକୁ ଉକ୍ତି ବାଚକ, ଲିଖିତ, ଶ୍ରୁତିବାଚକ, ଦର୍ଶନସୂଚକ , ତଥା ଦୃଶ୍ୟ-ଶ୍ରାବ୍ୟ ଏହି ପ୍ରକାର ବିଭିନ୍ନ ଭାବରେ ବିଭକ୍ତ କରାଯାଇପାରେ। ଦୂରଦର୍ଶନ ଦୃଶ୍ୟ-ଶ୍ରାବ୍ୟର ମାଧ୍ୟମ ଅର୍ଥାତ୍ ଏକ ସମୟରେ ଘଟୁଥିବା ଘଟଣା ବା କାହାଣୀ ମାନ ଦେଖିହୁଏ ଏବଂ ଶୁଣି ହୁଏ। ମହାଭାରତରୁ ଜାଣିଛୁ ଅନ୍ଧ ଧୃତରାଷ୍ଟ୍ରଙ୍କୁ ସଂଜୟ କୁରୁକ୍ଷେତ୍ରରେ ଚାଲିଥିବା ଯୁଦ୍ଧର ବିବରଣୀ ଯୋଜନ ଯୋଜନ ଦୂରରେ ରହି ଶୁଣାଉ ଥିଲେ। ଏ ଦୃଷ୍ଟିରୁ ସେ ଦୂରଦର୍ଶନ କାର୍ଯ୍ୟ କରୁଥିଲେ। ଏହା




କେତେ ଦୂର ଦିବ୍ୟ ଦୃଷ୍ଟି ଥିଲା ତାହା ଆମ ଚିନ୍ତାର ବାହାରେ ଅଥଚ- ଆମେ ଆଜି ଏହାକୁ ଅସ୍ୱୀକାର କରିପାରୁନାହୁଁ କାରଣ ଆମେ ସଂଜୟଙ୍କୁ ଟପି ଯାଇଛୁ। ଦୂରଦର୍ଶନ ବିଭିନ୍ନ ଉପାୟରେ ଆମକୁ ସାହାଯ୍ୟ କରିଥାଏ। ଏହା ବିଶ୍ୱ ସଂପର୍କରେ ଲୋକମାନଙ୍କୁ ଶିକ୍ଷା ଦେଇଥାଏ; ବିଶ୍ୱର ବିଭିନ୍ନ ସମସ୍ୟା ଏବଂ ତାର ବାସ୍ତବ କାହାଣୀ ଯାହା ତତ୍କ୍ଷଣିକ ଘଟି ଚାଲିଛି ସେଗୁଡିକ ଆମକୁ ଦେଖାଇଥାଏ ଏବଂ ଶୁଣାଇଥାଏ। ଏହା ଗଣମାଧ୍ୟମର ସର୍ବୋତ୍ତମ ସଂବାଦ ପ୍ରଚାର ଏବଂ ପ୍ରଘଟକାରୀ ଏକ ଯନ୍ତ୍ର ଯାହା ଆମ ପୃଥିବୀର ଯେ କୌଣସି କୋଣରେ ଘଟିଯାଉଥିବା ଦୃଶ୍ୟ ବା କାହାଣୀକୁ ଆମ ଘରେ ବସି ଦେଖି ପାରୁଛୁ ଏବଂ ତାର ଅଂଶୀଦାର ହୋଇପାରୁଛୁ; ଏହା ମାଧ୍ୟମରେ ଆମେ ଆମର ସ୍ୱାଧୀନ ଭାଷଣକୁ ବା ଭାବକୁ ବ୍ୟକ୍ତ କରିପାରୁଛି; ଏହା ବିଶ୍ୱ ସ୍ତରରେ ସାଂସ୍କୃତିକ କ୍ଷେତ୍ରରେ ନାନା ବିଭିନ୍ନତା ମାଧ୍ୟମରେ ଏକତାର ଭାବ ସୃଷ୍ଟି କରିଛି ଏବଂ ସର୍ବୋପରି ପୃଥିବୀରେ ଜଗତିକରଣ ପ୍ରକ୍ରିୟାରେ ବିଭିନ୍ନ ପ୍ରକାର ସମସ୍ୟାର ଉତ୍ପତ୍ତି , ଗତି, ଏବଂ ସମାଧାନର ସୂତ୍ର ବାହାର କରିବାରେ ସହାର୍ଯ୍ୟ କରିପାରୁଛୁ। ବିଶେଷ କରି ପୃଥିବୀରେ ଶାନ୍ତି, ନିରାପତ୍ତା, ଅର୍ଥନୈତିକ ସ୍ଥିତି ପ୍ରଗତି ସାମାଜିକ ଉନ୍ନତି ଏବଂ ସାଂସ୍କୃତିକ ଭାବର ବିନିମୟ ପାଇଁ ଏହା ବିଶେଷ ସହାୟକ ହେଉଛି। ଏହାର ଆବଶ୍ୟକତା ଶିଶୁଠାରୁ ବୃଦ୍ଧଯାଏଁ କିଏ ଯେ ଉପଲବ୍ଧି ନକରୁଛି, ତାହା ଅସ୍ୱୀକାର କରିହେବ ନାହିଁ। ଆମ ପାଇଁ ଏହାର ଆବଶ୍ୟକତା ଅତୁଳନୀୟ। ଏହାର ଗୁରୁତ୍ୱକୁ ଉପଲବ୍ଧି କରି ଜାତିସଂଘର ସାଧାରଣ ସଭାଦ୍ୱାରା ୧୯୯୬ ଡିସେମ୍ବର ୨୧ ତାରିଖରେ "ଦୂରଦର୍ଶନ" ଦିବସ ପାଳନାର୍ଥେ ଏକ ନିଷ୍ପତ୍ତି ନିଆଗଲା। ସେବେଠୁ ବିଶ୍ୱ ଦୂରଦର୍ଶନ ଦିବସ ପାଳିତ ହୋଇଆସୁଅଛି। ଏହା ଆଧୁନିକ ସଭ୍ୟତା ପାଇଁ ଏକ ନୂତନ ଗଣମାଧ୍ୟମ । ଏହା ସାରା ବିଶ୍ୱକୁ ସଂକୋଚିତ କରିବାରେ ତଥା ପ୍ରତ୍ୟେକଙ୍କୁ ଏ ବିଶ୍ୱର ଏକ ଅଂଶୀଦାର ଭାବେ ବିବେଚନା କରିବାକୁ ନିଶ୍ଚିତ କରାଇଛି। କହିବା ବାହୁଲ୍ୟ ଯେ ସୂର୍ଯ୍ୟଙ୍କ ପାଖରେ ଲଣ୍ଠନ ବତୀଟିଏ ଯେପରି ଗୁରୁତ୍ୱ ହରାଇଥାଏ , ସେହିପରି ସାଂପ୍ରତିକ ଦୂରଦର୍ଶନ ବା ଟିଭି କାରଣରୁ ଆକାଶ ବାଣୀ ଯିଏ ଏକଦା ପ୍ରଭାବ ବିସ୍ତାର କରିଥିଲା ସିଏ ମଉଳି ଗଲାଣି। ଅନେକଙ୍କ ଘରେ ସମ୍ବାଦ ପତ୍ର ଆଉ କେହି କିଣନ୍ତି ନାହିଁ; କେହି ସିନେମା, ନାଚ, ଥିଏଟର ଇତ୍ୟାଦି ମନୋରଂଜନ କାର୍ଯ୍ୟକ୍ରମକୁ ଯାଆନ୍ତି ନାହିଁ; ଖେଳ ପଡିଆରେ କେହି କ୍ରିକେଟ ବା ଫୁଟବଲ ବା କବାଡି ଦେଖନ୍ତି ନାହିଁ। ମହାକାଶଯାନର ଉତ୍ତୋଳନ ବା କୌଣସି ଦୁର୍ଘଟଣାର ଚାକ୍ଷୁଷ ପ୍ରମାଣ ପାଇଁ କେହି ଦଉଡି ଯାଆନ୍ତି ନାହିଁ। ସେ ସବୁ ଆମ ହାତପାଆନ୍ତିରେ ଆମରି ପାଖରେ ଯଦି ଟିଭିଟିଏ ଅଛି ପଂହଚିଯାଉଛି। ଜୀବନର ଏମିତି କିଛି ଖୋଜିବା ବି ଲୋଡିବା କଥାନାହିଁ ଯାହା ଦୂରଦର୍ଶନ ମାଧ୍ୟମରେ ଆମେ ପାଇନଥାଉ। ଏ ସମସ୍ତ କଥାକୁ ଉପଲବ୍ଧି କରି ଜାତିସଂଘ ଦ୍ୱାରା ନିର୍ଦ୍ଦିଷ୍ଟ ହୋଇଥିବା ୨୧ ନଭେମ୍ବରକୁ ' ବିଶ୍ୱ ଦୂରଦର୍ଶନ ଦିବସ' ରୂପେ ପାଳନ କରିବା ହିଁ ଯଥାର୍ଥ ।

**ବିପିନବିହାରୀ ମହାନ୍ତି**, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ : ୯୯୩୮୩୪୪୧୩୮

# "ଶିଶୁମାନଙ୍କ ସହିତ ଶିଶୁଭଳି ମିଶିବାର ମାନସିକତା ରଖ"

କୋଣାର୍କ (ପିଏନ୍): "ଶିକ୍ଷାଦାନ ସମୟରେ ଶିଶୁମାନଙ୍କ ମନସ୍ତତ୍ତ୍ୱକୁ ହୃଦୟଙ୍ଗମ କରି ସେମାନଙ୍କ ସହିତ ଶିଶୁର ମାନସିକତା ରଖି ମିଶିପାରିଲେ ଜଣେ ଶିକ୍ଷକର ଶ୍ରେଣୀ ଶିକ୍ଷାଦାନ ସଫଳ ହୋଇପାରିବ" ବୋଲି ଗୋପ ମଣ୍ଡଳ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ଦାଶ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି। ଗୁରୁବାର ଗୋପ ବ୍ଲକ୍ ଅନ୍ତର୍ଗତ ଜଗନ୍ନାଥ ନୋଡାଲ ଉପ୍ରା ସ୍କୁଲ୍ କ୍ଲଷ୍ଟର ପରିସରରେ ଆୟୋଜିତ ଏକ ଦିବସୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିରରେ ବିଇଓ ଦାଶ ମୁଖ୍ୟ ଅତିଥିରୂପେ ଯୋଗଦେଇ ଦେଢଘଣ୍ଟାଧରି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ କୋଭିଡ ପରବର୍ତ୍ତୀ ସ୍କୁଲ ଶିକ୍ଷାଦାନ ସମୟରେ ଶିକ୍ଷକଶିକ୍ଷୟିତ୍ରୀମାନେ ସମ୍ମୁଖୀନ ହେଉଥିବା ବହୁବିଧ ସମସ୍ୟା ଏବଂ ତାହାର ସମାଧାନ କୌଶଳ ସଂପର୍କରେ ଆଲୋଚନା କରିଥିଲେ। ଦୀର୍ଘ ଦିନଧରି ସ୍କୁଲ ଶିକ୍ଷାଦାନରୁ ବଂଚିତ ପିଲାମାନଙ୍କ ମନରେ ବିଦ୍ୟାଧ୍ୟୟନ ପ୍ରତି ଆଗ୍ରହ ସୃଷ୍ଟି କରିବା ସହିତ ସ୍ୱଳ୍ପ ସମୟାବଧି ମଧ୍ୟରେ ଆସନ୍ତା ବାର୍ଷିକ ପରିକ୍ଷା ପୂର୍ବରୁ ସମସ୍ତ ବିଷୟର ପାଠ୍ୟକ୍ରମକୁ ପିଲାମାନଙ୍କୁ ବୋଧଗମ୍ୟ କରାଇବା ଜରୁରୀ। ଏଥିପାଇଁ ପ୍ରତ୍ୟେକ ଶିକ୍ଷକ ଶ୍ରେଣୀଗୃହକୁ ଆସିବା ପୂର୍ବରୁ ନିଜେ ପାଠପଢି ପ୍ରସ୍ତୁତ ହୋଇ ପିଲାମାନଙ୍କୁ ଦାଶ ଶିକ୍ଷାଦାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋଚନା କରିବା ସହିତ ସାଂପ୍ରତିକ ପରିସ୍ଥିତିରେ ସରକାରୀ ସ୍କୁଲ ଓ ଘରୋଇ ସ୍କୁଲ ପରିବେଶର ଏକ ତୁଳନାତ୍ମକ ଅଧ୍ୟୟନ ଉପସ୍ଥାପିତ କରିଥିଲେ। ଗୋପ ବିଆରସିସି ବ୍ରଜବନ୍ଧୁ ବେହେରା ଓ ରାଧା ଦାମୋଦର ବିଦ୍ୟାପୀଠ, କଦମ୍ବପାଟଣାର ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ସ୍ୱାଇଁ ଅନ୍ୟତମ ଅତିଥିରୂପେ ଯୋଗଦେଇ ମଧୁବନ କ୍ଲଷ୍ଟର ଅନ୍ତର୍ଗତ ବିଦ୍ୟାଳୟଗୁଡିକର ଶୈକ୍ଷିକ ସଫଳତା ସଂପର୍କରେ ଆଲୋଚନା କରିବା ସହିତ ଏହି ପରମ୍ପରାକୁ ବଜାୟ ରଖିବା ନିମନ୍ତେ ଶିବିରରେ ଉପସ୍ଥିତ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଅନୁରୋଧ କରିଥିଲେ। ଏହି ଶୈକ୍ଷିକ କାର୍ଯ୍ୟକ୍ରମରେ କଦମ୍ବପାଟଣା ନୋଡାଲ ୟୁପି ସ୍କୁଲର ବରିଷ୍ଠ ପ୍ରଧାନଶିକ୍ଷକ ଅଶୋକ କୁମାର ବେହେରା, ଅରେଇସ୍ଥିତ ରାଧାନାଥ ବିଦ୍ୟାପୀଠର ପ୍ରଧାନଶିକ୍ଷକ ନବଘନ ସାହୁ, ଭୈରବ ନୋଡାଲ ସିଆରସିସି ରବୀନ୍ଦ୍ରନାଥ ବାହିନୀପତି, ସିଂଘପାନିଆ କ୍ଲଷ୍ଟର ସିଆରସିସି ନିରଂଜନ କାଣ୍ଡି, ରାଜ୍ୟସ୍ତରୀୟ ସାଧନକର୍ମୀ ଶିକ୍ଷକ ଲଲାଟଚନ୍ଦ୍ର ବେହେରା, ପ୍ରଧାନଶିକ୍ଷୟିତ୍ରୀ ବିଳାସିନୀ ମଲ୍ଲଙ୍କ ସମେତ ଜଗନ୍ନାଥ ନୋଡାଲ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର




ସାମନା କରିବା ଅପରିହାର୍ଯ୍ୟ ବୋଲି ବିଇଓ ଦାଶ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି। ଜଗନ୍ନାଥ ନୋଡାଲ ସିଆରସିସି ଅରବିନ୍ଦ ସାହୁଙ୍କ ଦ୍ୱାରା ଆୟୋଜିତ ପ୍ରଶିକ୍ଷଣ ଶିବିରରେ ନୟାହାଟ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ରତିକାନ୍ତ ଦାଶ ପୌରୋହିତ୍ୟ କରିଥିଲେ। ଅଧ୍ୟାପକ ଶିକ୍ଷକଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ କ୍ଲଷ୍ଟର ପକ୍ଷରୁ ବିଇଓ ଦାଶଙ୍କ ସମେତ ଅନ୍ୟ ସମସ୍ତ ଅତିଥି ପ୍ରଶିକ୍ଷକ ଏବଂ ଲେବୁଲ-୪ ଓ ଗ୍ରାଜୁଏଟ୍ ଶିକ୍ଷକ ପଦବୀକୁ ପଦୋନ୍ନତି ପାଇଥିବା ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଉତ୍ତରୀୟ ଓ ଫୁଲତୋଡା ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଶ୍ୱ ଶୌଚାଳୟ ଦିବସ ପାଳିତ

କୋଣାର୍କ (ପିଏନ୍): ଗତ ୧୯ ତାରିଖ ଶୁକ୍ରବାର ଦିନ କୋଣାର୍କ ଭଗବତୀ ମହାବିଦ୍ୟାଳୟ ପରିସରରେ ଓଡିଶାର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ନମସ୍କାର ପକ୍ଷରୁ ବିଶ୍ୱ ଶୌଚାଳୟ ଦିବସ ଅବସରରେ ୟୁଥ୍‌ଫର୍ ୱାଟର କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଅଧାପକ ଦୁର୍ଗା ଚରଣ ମୁରୁଡି, ସରୋଜ କୁମାର ଶତ୍‌ପଥୀ, ଲେଫ୍ଟନାଣ୍ଟ ବିନୟ ଭୂଷଣ ମହାନ୍ତି,ରେଡିଓ ନମସ୍କାର ସଂଯୋଜକ ଅନ୍ଦାଜ ଆରନ୍, କାର୍ଯ୍ୟନିର୍ବାହୀ ଅଧିକାରୀ ରୋଜାଲିନ୍ ପ୍ରଧାନ ପ୍ରମୁଖ ଯୋଗଦେଇ ଶୌଚାଳୟର ବ୍ୟବହାର ଓ ସ୍ୱଚ୍ଛତା ରକ୍ଷା ସଂପର୍କରେ ମତବ୍ୟକ୍ତ କରିଥିବା ବେଳେ ସମାଜସେବୀ ରାମକୃଷ୍ଣ ମହାନ୍ତି ଅଧକ୍ଷତା କରିଥିଲେ। ଏହି ବୈଠକରେ ଛାତ୍ରଛାତ୍ରୀ ଶୌଚାଳୟର ବ୍ୟବହାର ସଂପର୍କରେ ଶପଥପାଠ କରିଥିଲେ। ପରେ କୋଣାର୍କ ଏନ୍.ଏ.ସି ୩ ନମ୍ବର ୱାର୍ଡ ମୂଳିସାହି,ସିଜୁଗୋରଡି ଦଳିତ ସାହିରେ ରେଡିଓ ନମସ୍କାର ପକ୍ଷରୁ ଯୁବଗୋଷ୍ଠୀ ମାନଙ୍କୁ ନେଇ ସାହିର ଲୋକମାନଙ୍କୁ ଗୋଷ୍ଠୀଗତ ଜୀବନରେ ସ୍ୱଚ୍ଛତାର ଗୁରୁତ୍ୱ,ସୁସ୍ଥ ଓ ନିରୋଗ ଜୀବନ ଶୈଳୀ ସଂପର୍କରେ ସଚେତନତା କରାଯାଇଥିଲା। ସିଜୁଗୋରଡି ଦଳିତ ସାହିର ବାସିନ୍ଦା ତୋଫାନ କୁମାର କାଣ୍ଡି ନିଜ ଗ୍ରାମରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରିବା ପାଇଁ ରେଡିଓ ନମସ୍କାର ମାଧ୍ୟମରେ ପୁରୀ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଭଗବତୀ ମହାବିଦ୍ୟାଳୟର ଛାତ୍ର ରଂଜନ କୁମାର କାଣ୍ଡି, ଦିବ୍ୟଦର୍ଶନୀ ମାହାନ୍ତି,ଜ୍ୟୋତିପ୍ରକାଶ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

# ଇନ୍ଦିରା ଗାନ୍ଧୀ ସ୍ମୃତି କମିଟି ପକ୍ଷରୁ ଇନ୍ଦିରାଜୀଙ୍କ ୧୦୫ତମ ଜୟନ୍ତୀ ଓ ରାଜ୍ୟସ୍ତରୀୟ ଜାତୀୟ ସଂହତି ସମାରୋହ ଅନୁଷ୍ଠିତ



ଭୁବନେଶ୍ୱର (ପିଏନ୍)- ବିଶ୍ୱ ବରେଣ୍ୟା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ୧୦୫ତମ ପୂଣ୍ୟ ଜୟନ୍ତୀ ଅବସରରେ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତି ତରଫରୁ ଭୁବନେଶ୍ୱରସ୍ଥିତ ଇନ୍ଦିରା ପାର୍କଠାରେ ସ୍ମୃତି ସ୍ମୃତି କମିଟିର ସାଧାରଣ ସମ୍ପାଦକ ତଥା ପିସିସି କୃଷକ ସେଲ୍ ଅଧକ୍ଷ ଅମୀୟ କୁମାର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଅଖିଳ ଭାରତ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଡଃ. ଏ. ଚେଲ୍ଲାକୁମାର, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ, ପିସିସିର ପୂର୍ବତନ ସଭାପତି ଶରତ ପଟ୍ଟନାୟକ, ଏଆଇସିସି ସମ୍ପାଦକ ତଥା ଓଡ଼ିଶା ସହ ପ୍ରଭାରୀ ରୁଦ୍ର ରାଜୁ ପ୍ରମୁଖ ବହୁ ନେତୃ ମଣ୍ଡଳୀ ଯୋଗଦେଇ ସ୍ୱର୍ଗୀୟା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସ୍ମୃତି କମିଟିର ଉପ-ସଭାପତି ତଥା ପିସିସି ଉପ-ସଭାପତି ଶିବାନନ୍ଦ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବର୍ଣ୍ଣାଢ଼୍ୟ ସମାରୋହରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ସମବେତ ଜନତାଙ୍କୁ ଜାତୀୟ ସଂହତି ଶପଥପାଠ କରାଇଥିଲେ। ବିଭିନ୍ନ ଧର୍ମଗୁରୁଙ୍କ ଦ୍ୱାରା ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହେବା ସହ ଏହି ଅବସରରେ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀଙ୍କ ତ୍ୟାଗପୂତ ଅମ୍ଳାନ ଗୁଣାବଳୀର ସ୍ମୃତିଚାରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପିସିସି ଗଣମାଧ୍ୟମର ଅଧ୍ୟକ୍ଷ ଗଣେଶ୍ୱର ବେହେରା, କଂଗ୍ରେସ ନେତା ଯଜ୍ଞେଶ୍ୱର, ବିଶ୍ୱଜିତ୍ ଦାସ, ବସନ୍ତ କୁମାର ମହାରଣା, ରଶ୍ମୀ ମହାପାତ୍ର, ମନୋରଞ୍ଜନ ଦାସ, ପଦ୍ମାକର ଗୁରୁ, ସ୍ୱାଧୀନବାଳା ଦାସ ପ୍ରମୁଖ ବହୁ ଇନ୍ଦିରା ପ୍ରେମୀ ଜନସାଧାରଣ ଉପସ୍ଥିତ ଥିଲେ। ସର୍ବଶେଷରେ ଅଖିଳ ଭାରତ ମହିଳା କଂଗ୍ରେସ କମିଟିର ସମ୍ପାଦିକ ତଥା ସ୍ମୃତି କମିଟିର ଅନ୍ୟତମ ସଦସ୍ୟା ସସ୍ମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରେଷ୍ଠ ସାଂସଦ ଅପରାଜିତା ଷଡଙ୍ଗୀ ପରିଦର୍ଶନ କଲେ କଳାରାହାଙ୍ଗ ପଂଚାୟତ



ଭୂବନେଶ୍ୱର (ପିଏନ୍)- ଭୂବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହିଳା ସଶକ୍ତିକରଣ ଦିଗରେ କାର୍ଯ୍ୟରତ ସଙ୍ଗଠନ 'ଅଜିତା' ଆନୁକୂଲ୍ୟରେ ଶ୍ରୀମତୀ ସୌଭାଗ୍ୟଲକ୍ଷ୍ମୀ ଦାସଙ୍କ ନେତୃତ୍ୱରେ 'ଅଜିତା ସମାରୋହ' ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉତର ଭୂବନେଶ୍ୱରର ସାଂସଦ ପ୍ରତିନିଧି ଶ୍ରୀଯୁକ୍ତ ଦେବାଶିଷ ନାୟକ, ଅଜିତାର ସଭାପତି ଶ୍ରୀମତୀ ମୌସୁମୀ ମହାପାତ୍ର, ଉପସଭାପତି ଶ୍ରୀମତୀ ପ୍ରବୀଣା ଭଂଜଦେଓ, ସାଧାରଣ ସମ୍ପାଦିକା ଶ୍ରୀମତୀ ସଂଗୀତା ମାଝୀ ଏବଂ ୟୁଥ୍ ଫର୍ ଆକ୍ସନ ପୂର୍ବ ଓଡିଶା ସଭାପତି ଶ୍ରୀଯୁକ୍ତ ରାଜେନ୍ଦ୍ର ନାୟକ, ପୂର୍ବ ଓଡିଶା ଉପସଭାପତି ଶ୍ରୀଯୁକ୍ତ ଦିନବନ୍ଧୁ ଦାସ ଓ ଉତର ଭୂବନେଶ୍ୱରର ବିଜେପି ସଭାପତି ଶ୍ରୀଯୁକ୍ତ ବିଶ୍ୱଜିତ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏତଦ୍‌ବ୍ୟତୀତ ଏହି ସମାରୋହରେ ବହୁ ସଂଖ୍ୟାରେ ସ୍ଥାନୀୟ ନେତୃବୃନ୍ଦ, ଯୁବଗୋଷ୍ଠୀ, ମହିଳା, ବ୍ୟୋଜ୍ୟେଷ୍ଠ ବ୍ୟକ୍ତି ଓ ବୁଦ୍ଧିଜୀବୀମାନଙ୍କର ଉପସ୍ଥିତିରେ ସାଂସଦ ଶ୍ରୀମତୀ ଷଡଙ୍ଗୀ କଳାରାହାଙ୍ଗ ପଂଚାୟତ ଅଂଚଳ ପରିଦର୍ଶନ କରି ଜନସାଧାରଣଙ୍କ ସହ ସିଧାସଳଖ ସାକ୍ଷାତ କରି ସେମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରୟାସ କରିଥିଲେ ।

# କୋଣାର୍କରେ ବିଶ୍ୱଐତିହ୍ୟ ସପ୍ତାହ ପାଳିତ




କୋଣାର୍କ (ପିଏନ୍)- ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସଆଇ) ପକ୍ଷରୁ ସମଗ୍ର ବିଶ୍ୱରେ ଥିବା ଐତିହ୍ୟ ପୀଠଗୁଡ଼ିକର ସୁରକ୍ଷା ଓ ଜନସଚେତନ ସୃଷ୍ଟି କରିବା ନିମନ୍ତେ ପ୍ରତ୍ୟକ ବର୍ଷ ନଭେମ୍ବର ମାସ ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଐତିହ୍ୟ ସପ୍ତାହ ପାଳନ କରାଯାଇଥାଏ । ଏହି ଅବସରରେ ଏଏସଆଇ ଭୂବନେଶ୍ୱର ଉପଖଣ୍ଡ ପକ୍ଷରୁ ସୂର୍ଯ୍ୟମନ୍ଦିର ପରିଷରରେ ବିଶ୍ୱ ଐତିହ୍ୟ ସପ୍ତାହ ଓ ବିଶ୍ୱ ଐତିହ୍ୟ ସମ୍ପର୍କିତ ଫଟୋଚିତ୍ର ପ୍ରଦର୍ଶନୀକୁ ପୁରୀର ଅତିରକ୍ତି ଜିଲ୍ଲାପାଳ ବିନୟଭୂଷଣ ଦାଶ ଯୋଗଦେଇ ଉଦଘାନ କରିଥିଲେ । ସୂର୍ଯ୍ୟମନ୍ଦିର ପରିସରରେ ଆୟୋଜିତ ସଭାରେ ଏସ୍‌ଆଇର ଭୁବନେଶ୍ୱର ସର୍କଲ ସୁପରିଟେଣ୍ଡେଣ୍ଟ ଅରୁଣ ମଲ୍ଲିକ, ଏଏସଆଇର ସଂରକ୍ଷଣ ନିର୍ଦ୍ଦେଶକ ଡ. ବଶନ୍ତ ସ୍ୱର୍ଣ୍ଣକାର, ଅଇଆଇଟି ମାଡ୍ରାସର ଆସୋସିଏଟ ଫ୍ରଫେସର ଡ. ଅରୁନ ମେନନ ପ୍ରମୁଖ ଉପସ୍ଥିତ ରହି ବିଶ୍ୱ ଐତିହ୍ୟ ସୂର୍ଯ୍ୟମନ୍ଦିର ଓ ଏହାର ଆଖପାଖ ଅଞ୍ଚଳରେ ଥିବା ଐତିହ୍ୟଗୁଡ଼ିକର ସୁରକ୍ଷା ଦିଗରେ ସ୍ଥାନୀୟ ଜନସାଧାରଣ ଓ ଛାତଛାତ୍ରୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ଆଗାମି ପିଢ଼ି ଏଦିଗରେ ଅଧିକରୁ ଅଧିକ ସଚେତନ ଓ ଯତ୍ନବାନ ହେବା ଅପରିହାର୍ଯ୍ୟ ହୋଇପଡିଛି ବୋଲି ମତପୋଷଣ କରିଥିଲେ । ଏହି ଅବସରରେ ଯୋଗ ଦେଇଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନର ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଆଜି ବିଶ୍ୱ ଐତିହ୍ୟ ସପ୍ତାହ ଉପଲକ୍ଷେ ସୂର୍ଯ୍ୟମନ୍ଦିର ମଧ୍ୟକୁ ପ୍ରବେଶ ଶୁଳ୍କ ଛାଡ଼ କରାଯାଇଥିବାରୁ ମନ୍ଦିର ପରିସରରେ ପର୍ଯ୍ୟଟକଙ୍କ ଉତ୍ସାହ ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମକୁ ଏଏସଆଇର ସୂର୍ଯ୍ୟମନ୍ଦିରର ସଂରକ୍ଷଣ ସହାୟକ ନିରଜ ସିଂଙ୍କ ସମେତ ସୂର୍ଯ୍ୟମନ୍ଦିର ସଂରକ୍ଷର ଦାୟୀତ୍ୱରେ ଥିବା ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

# ଧର୍ମଶାଳା କପ୍ ଫୁଟ୍‌ବଲ୍, ଫାଇନାଲ୍‌ରେ ରାଜକନିକା

ଧର୍ମଶାଳା (ପିଏନ୍): ଧର୍ମଶାଳା ବାଣୀପୀଠ ଖେଳ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ସପ୍ତମ ବାର୍ଷିକ ଧର୍ମଶାଳା କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ଦ୍ୱତୀୟ ସେମିଫାଇନାଲ ମ୍ୟାଚ୍‌ରେ ଆଜି ଯୋଡାର ତ୍ରିବେଣୀ ସ୍ପୋର୍ଟ୍ସ ଏକାଡେମୀ ୨-୦ଗୋଲ୍‌ରେ ପରାସ୍ତ କରି ରାଜକନିକା ଆଥଲେଟିକ୍ ଆସୋସିଏସନ ଫାଇନାଲରେ ପ୍ରବେଶ କରିଛି । ଖେଳର ପ୍ରଥମାର୍ଦ୍ଧରେ ରାଜକନିକା ଦଳର ମହେନ୍ଦ୍ର ମୁର୍ମୁ ଗୋଟିଏ ଗୋଲ୍ ସ୍କୋର କରିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ସେକ୍ ରାଜା ଅନ୍ୟ ଏକ ଗୋଲ୍ ଦେଇଥିଲେ । ଯୋଡା ଦଳ ଗୋଲ୍ କରିବାରେ ସକ୍ଷମ ହୋଇ ପାରି ନଥିଲା । ରେଫରି ଅବିନାଶ ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ କ୍ରିଡ଼ାବିତ୍ ନାରାୟଣ ମିଶ୍ର ଓ ଉତ୍ତମ ବାରିକ ଲାଇନ୍‌ରେ ସହାୟତା କରିଥିଲେ । ସରୋଜ ପଟ୍ଟନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ । ଆସ'। ରବିବାର ହେବାକୁ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ କଟକର ଅଲଟିମେଟ୍ ଚାମ୍ପିଅନ୍ ଦଳ ରାଜକନିକା ଆଥଲେଟିକ୍ ଆସୋସିଏସନକୁ ଭେଟିବ ବୋଲି ଆୟୋଜକ ଧର୍ମଶାଳା ସ୍ପୋର୍ଟ୍ସ ଏକାଡ଼େମୀର ସଭାପତି ଆଲୋକ କର ଓ ସଂପାଦକ ଅୟସକାନ୍ତ ସ୍ୱାଇଁ ସୂଚନା ଦେଇଛନ୍ତି।



ୟୁନେସ୍କୋ ପକ୍ଷରୁ ବିଶ୍ୱ ଐତିହ୍ୟ କୋଣାର୍କର ସୂର୍ଯ୍ୟ ମନ୍ଦିର ଦୁଇଦିନ ପାଇଁ ଆଜି ଓ କାଲି ନୀଳ ରଙ୍ଗରେ ଉଦଭାସିତ ହେବ।

## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagun Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# କେନ୍ଦୁଝରରେ ମୋ କଲେଜ ଅଭିଯାନର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ

କେନ୍ଦୁଝର,(ପି.ଏନ):କେନ୍ଦୁଝର ଜିଲ୍ଲାର ଧରଣୀଧର ସ୍ୱୟଂଶାଶିତ ମହାବିଦ୍ୟାଳୟରେ ଗୁରୁବାର ଦିନ ମୋ କଲେଜ ଅଭିଯାନର ଏକ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋ କଲେଜ ଅଭିଯାନ ପରିଚାଳନା ସଂଗଠନର ଅଧ୍ୟକ୍ଷ ଆକାଷ ଦାସନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଅଭିଯାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ଅଭିନବ ପରିକଳ୍ପନା ବୋଲି କହିଥିଲେ । ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ କେନ୍ଦୁଝର ଜିଲ୍ଲାର ଏକ ଜଣାଶୁଣା ଶିକ୍ଷାନୁଷ୍ଠାନ । ଖଣି ପ୍ରଭାବିତ ତଥା ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଠପଢା କ୍ଷେତ୍ରରେ ଏହା ବିଶେଷ ସହାୟକ ହେଉଛି । ସେମାନଙ୍କ ପାଇଁ ଶିକ୍ଷାର ଆଲୋକ ବର୍ତ୍ତିକା ସାଜିଛି ଏହି ଉଚ୍ଚ ଶିକ୍ଷାନୁଷ୍ଠାନ । ତେଣୁ ଆଗାମୀ ଦିନରେ ଏହି କଲେଜକୁ ରାଜ୍ୟର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନରେ ପରିଣତ କରିବା ପାଇଁ ଅଧ୍ୟାପକ, ଅଧ୍ୟାପିକା, ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ସହ ପୁରାତନ ଛାତ୍ରଛାତ୍ରୀମାନଙ୍କର ସହଯୋଗ ଆବଶ୍ୟକତା ରହିଛି ବୋଲି କହିଛନ୍ତି ମୋ କଲେଜ ଅଭିଯାନ ପରିଚାଳନା ସଂଗଠନର ଅଧ୍ୟକ୍ଷ ଆକାଶ ଦାସନାୟକ । ଏହି ଜିଲ୍ଲାସ୍ତରୀୟ ବୈଠକରେ ଯୋଗ ଦେବାକୁ ମୋ କଲେଜ ଅଭିଯାନ ଅଧ୍ୟକ୍ଷ ଆକାଶ ଦାଶନାୟକ ଗୁରୁବାର ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟରେ ପହଂଚିଥିଲେ । ମୋ କଲେଜ ଅଭିଯାନ ଅଧୀନରେ ଶିକ୍ଷାନୁଷ୍ଠାନର କିଭଳି ସାମଗ୍ରୀକ ବିକାଶ ହେବ ଓ ଶିକ୍ଷାଦାନ ଆହୁରି ଉନ୍ନତ ହୋଇପାରିବ ସେ ନେଇ ଆଲୋଚନା କରିଥିଲେ । ଏହି ଅବସରରେ କହିଥିଲେ ଯେ କେନ୍ଦୁଝର ଏକ ଖଣି ପ୍ରଭାବିତ ଜିଲ୍ଲା । ଏଠାରେ ଛାତ୍ରଛାତ୍ରୀ ମାନଙ୍କୁ ତାଙ୍କର କ୍ୟାରିୟର ସ୍ୱପ୍ନ ପୁରା କରିବା ପାଇଁ ଅଧିକ ସୁଯୋଗ ମିଳିବା ଦରକାର । ପିଲାଙ୍କ ଭଲ ଭବିଷ୍ୟତ ପାଇଁ ଏହି କଲେଜର ବିଶେଷ ଭୂମିକା ରହିଥିବାରୁ ଏହାର ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତେ ଆଗକୁ ଆସିବା ଜରୁରୀ । ସେହିପରି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନରେନ୍ଦ୍ର କୁମାର ସାହୁ କହିଥିଲେ ଯେ ଏହି କଲେଜର ପୁରାତନ ଛାତ୍ରଛାତ୍ରୀ ଆମ ପାଇଁ ଗର୍ବ ଓ ଗୌରବ । ଏଠାରେ ପାଠ ପଢି ଅନେକ ଛାତ୍ରଛାତ୍ରୀ ଦେଶ ବିଦେଶରେ ପ୍ରତିଷ୍ଠିତ ହୋଇଛନ୍ତି । ତେଣୁ କଲେଜର ସାମଗ୍ରୀକ ବିକାଶ ଲାଗି ସେମାନେ ସହଯୋଗର ହାତ ବଢାଇବା ଦରଦାର । ସେମାନଙ୍କ ଅବଦାନ ଅନ୍ୟ ପୁରାତନ ଛାତ୍ରଛାତ୍ରୀଙ୍କ ପାଇଁ ଉଦାହରଣ ପାଲଟିବ । ସେମାନେ ବି ପ୍ରିୟ କଲେଜ ସହ ଯୋଡି ହୋଇପାରିବେ । ଫଳରେ କଲେଜର ବିକାଶ ହେବା ସହ ପିଲାମାନଙ୍କର ସମସ୍ତ ଆବଶ୍ୟକତା ପୂରଣ ହୋଇପାରିବ । ଏହି କାର୍ଯ୍ୟକ୍ରମରେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ର ଡକ୍ଟର ଅନିଲ କୁମାର ଦାଶ ଯୋଗ ଦେଇ କଲେଜର ବିକାଶ ଲାଗି ପୁରାତନ ଛାତ୍ର ସଂଘ ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମୋ କଲେଜ ଅଭିଯାନ ଅଧ୍ୟକ୍ଷ ଆକାଶ ଦାସନାୟକ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟରେ ପହଂଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ମୋ କଲେଜ ସଂଯୋଜକ ଦୋଳଗୋବିନ୍ଦ ରାଉତ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ମୋ କଲେଜ ଅଭିଯାନ ଉପରେ ପ୍ରସ୍ତୁତ ଏକ ସ୍ୱତନ୍ତ୍ର ଭିଡିଓ ପ୍ରଦର୍ଶିତ ହୋଇଥିଲା । ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ସମେତ ଜିଲ୍ଲାର ଆଉ ଦୁଇଟି ସରକାରୀ ମହାବିଦ୍ୟାଳୟ, ୧୫ଟି ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଏବଂ ପୁରାତନ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ । ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡିଆ ବିଭାଗର ସହକାରୀ ପ୍ରଫେସର ସୁଧାକର ଦାଶ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

## ବାଇକ୍ ଦୁର୍ଘଟଣାରେ ଯୁବକର ମୃତ୍ୟୁ

ଢେଙ୍କିକୋଟ,(ପି.ଏନ):ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଡେର ଜୋନ୍ କୁହାଯାଉଥିବା କପାସପଡା ବାଙ୍କ ନିକଟରେ ଆଜି ଜଣେ ବାଇକ୍ ଆରୋହୀ ଦୁର୍ଘଟଣାଗ୍ରସ୍ତ ହୋଇ ମୃତ୍ୟୁବରଣ କରିଛନ୍ତି । ମୃତକ ଜଣକ ମୁଦ୍ରାବେଡା ଗ୍ରାମ ଅର୍ଜୁନବେଡା ସାହିର ଅର୍ଚ୍ଚନ ମାଝୀ(୨୫)ବୋଲି ଜଣାପଡିଛି । ସେ ଆଜି ଢେଙ୍କିକୋଟ ହାଟକୁ ନିଜ ବାଇକ୍ ଯୋଗେ ଅନ୍ୟ ଜଣକୁ ସାଙ୍ଗରେ ନେଇ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ତାଙ୍କ ସାଙ୍ଗରେ ଥିବା ବ୍ୟକ୍ତି ଜଣକ ମଧ ଗୁରୁତର ଆହତ ହୋଇଛନ୍ତି ।

## ସାମାନ୍ୟ କଥାରୁ ଘଟଗାଁ କଲେଜ ପାଲଟିଲା ରଣକ୍ଷେତ୍ର, କଲେଜ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା

ଘଟଗାଁ,(ପି.ଏନ):କେନ୍ଦୁଝର ଜିଲ୍ଲା ଘଟଗାଁ ତାରିଣୀ ଠାକୁରାଣୀ ମହାବିଦ୍ୟାଳୟରେ ଆଜି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଘଟିଛି ତୁମୁଳକାଣ୍ଡ । ସିନିଅର ଏବଂ ଜୁନିଅର ବିବାଦରେ ଅଣ କଲେଜ ଛାତ୍ର ହସ୍ତକ୍ଷେପରେ ଘଟିଥିଲା ଏଭଳି କାଣ୍ଡ । ଯାହା କୌଣସି ଫିଲ୍ମର ଫାଇଟିଂ ସିନ୍ ଠାରୁ କମ୍ ନୁହେଁ । +୨ ପ୍ରଥମ ବର୍ଷର ଜଣେ ଛାତ୍ର ରୁମ୍ ଭିତରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଦେଖି +୩ ପ୍ରଥମ ବର୍ଷର ଜଣେ ଛାତ୍ର ତାଙ୍କୁ ବୁଝାଇବାକୁ ଯାଇ ଆକ୍ରମଣର ଶିକାର ହୋଇଥିଲେ । କ୍ଲାସ୍ ରୁମ୍ ଭିତରେ ଝଗଡା ଶେଷରେ ଭୟଙ୍କର ରୂପ ଧାରଣ କରିଥିଲା । କ୍ଲାସରୁମ୍ ଭିତର ଝଗଡା ସରିବା ପରେ ସିନିଅର ଏବଂ ଜୁନିଅର ଉଭୟ ନିଜ ନିଜ ସହଯୋଗିଙ୍କୁ ଡକାଇ କିଛି ସମୟ ପାଇଁ ଘଟଗାଁ କଲେଜ ସମ୍ମୁଖକୁ ରଣକ୍ଷେତ୍ରରେ ପରିଣତ କରି ଦେଇଥିଲେ । କିନ୍ତୁ ସବୁ ଦେଖି ଆଖିରେ ପଟି ବାନ୍ଧି ଚୁକ୍ ବସିଥିଲେ କଲେଜ କର୍ତ୍ତୃପକ୍ଷ । ଏ ନେଇ ଆମେ ଘଟଗାଁ କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କୁ ଅବଗତ କରାଇବାରୁ ସେ ସବୁ ଜାଣି ମଧ ଆମେ ଘଟଣା ସମ୍ପର୍କରେ ଜାଣିନାହୁଁ, ମୁଁ କ୍ଲାସ କରୁଥିଲି, ବାହାରକୁ ଆସିଲା ବେଳେ କିଛି ନାହିଁ ବୋଲି ନିଜ ଉପରୁ ଦୋଷ ଛଡାଇବାକୁ ଯାଇ ଏଭଳି ସଫେଇ ଦେଇଛନ୍ତି । ସୂଚନା ଅନୁଯାୟୀ ଆଜି ଘଟଗାଁ କଲେଜର ଆକ୍ରମ ଖାଁ ନାମକ +୨ ଫାଷ୍ଟ ଇୟରର ଜଣେ ଛାତ୍ର କ୍ଲାସ ରୁମ୍‌ରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଦେଖି +୩ ଫାଷ୍ଟ ଇୟରର ସୃଷ୍ଟି ନାରାୟଣ ଦେହୁରୀ ନାମକ ଜଣେ ଛାତ୍ର ତାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ଜୁନିଅର ଛାତ୍ର ଜଣକ ସିନିଆର କଥାକୁ ନମାନିବା ସହିତ ଓଲଟା ତାକୁ ଗାଳିଗୁଲଜ କରିବା ସହିତ ତୋତେ ମୋ ଭାଇକୁ ଡକାଇ ହାଣିଦେବି ବୋଲି ଧମକ ଦେଇଥିଲେ । ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେବା ପରେ ସୃଷ୍ଟି ନାରାୟଣ ଦେହୁରୀ ଘରକୁ ଆସିବା ସମୟରେ ଆକ୍ରମ ଖାଁ ତାର କିଛି ଅଣକଲେଜ ପିଲାଙ୍କୁ ଡକାଇ ସୃଷ୍ଟି ନାରାୟଣ ଦେହୁରୀଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ । ପରେ ସୃଷ୍ଟି ନାରାୟଣ ଦେହୁରୀ ତାଙ୍କ ପରିବାର ଲୋକଙ୍କୁ ଡକାଇଥିଲେ, ପରେ ଉଭୟ ପକ୍ଷଙ୍କ ମଧ୍ୟରେ ଝଗଡା ହୋଇଥିଲା । ଫଳରେ ଗୁରୁତର ଆହାତ ହୋଇ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି । ଏହି ଲୋମ ଟାଙ୍କୁରା ଘଟଣାଟି କଲେଜ ଭିତରେ ଘଟିଥିବା ବେଳେ କଲେଜ କର୍ତ୍ତୃପକ୍ଷ ଚୁପ୍ ହୋଇ ବସିଥିଲେ । ତା ସହିତ କିଛି ସମୟ ପାଇଁ କଲେଜ ସମ୍ମୁଖରେ ଭୟଙ୍କର ଗଣ୍ଡୋଗୋଳ ହେବାପରେ ମଧ କଲେଜ କର୍ତ୍ତୃପକ୍ଷ ଚୁପ୍ ମାରି ବସିବା ପଛରେ କାରଣ କଣ ? କ୍ଲାସ୍ ରୁମ୍ ଭିତରେ ଝଗଡା ଲାଗିବା ସହିତ କଲେଜ କ୍ୟାମ୍ପସ ଭିତରେ ଠେଲାପେଲା ହେବାର ଦୃଶ୍ୟକୁ ଦେଖି ପିଲା ଦୁଇଟିଙ୍କୁ କଲେଜ କର୍ତ୍ତୃପକ୍ଷ ବୁଝାଇଲା ନାହିଁ କାହିଁକି ? ଅଣ କଲେଜ ପିଲା ଆସି କଲେଜ ଛାତ୍ରଙ୍କୁ ପିଟୁଛନ୍ତି କିନ୍ତୁ କଲେଜ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ନେଲାନାହିଁ କାହିଁକି ? ଏଥିରୁ ସ୍ପଷ୍ଟ ଭାବେ ଜଣାପଡୁଛି ଯେ ଘଟଣାଟିକୁ କଲେଜ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଘଟିଛି ।

## ଖଟିଖିଆଙ୍କୁ ମାଗଣା ଖାଦ୍ୟ, ୬ ମାସ ପାଇଁ ପ୍ରତି ପରିବାରକୁ ଆର୍ଥିକ ସହାୟତା ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

ଭଦ୍ରକ, (ପିଏନ)- ସିପିଆଇଏମ୍ ପଲିଟି ବ୍ୟୁରୋ ଡାକରାରେ ସାରା ଦେଶରେ ଗତ ୧୭ ତାରିଖ ଠାରୁ ମୋଦି ସରକାର ବିରୋଧୀ ଆନ୍ଦୋଳନ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ବିଭିନ୍ନ ଦାବି ନେଇ ସିପିଆଇଏମ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ବନ୍ତ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସମଗ୍ର ବିଶ୍ୱ କରୋନା ମହାମାରୀ କବଳରେ ରହିଛି । ଭାରତ ବର୍ଷ ମଧ ଏଥିରୁ ବାଦ୍ ପଡିନାହିଁ । ଦେଶବାସୀଙ୍କ ଜୀବନ ଓ ଜୀବିକା ସଂକଟମୟ ସ୍ଥିତି ମଧ୍ୟରେ ଗତି କରୁଛି । ଏଭଳି ସମୟରେ କେନ୍ଦ୍ରର ମୋଦି ସରକାର ସଂସଦରେ ଏ ବିଷୟ ଆଲୋଚନା ନ କରି କୃଷିଜାତ ଦ୍ରବ୍ୟ ଡାଲି, ଧାନ, ଆଳୁ, ପିଆଜକୁ ୩ଟି ଅଧ୍ୟାଦେଶ ଜରିଆରେ କର୍ପୋରେଟ କମ୍ପାନୀ ହାତକୁ ଟେକି ଦେଇଛି । ସମସ୍ତ ରାଷ୍ଟ୍ରାୟ ଶିଳ୍ପ ଯଥା ରେଳବାଇ, ବିମାନ ସେବା, ବ୍ୟାଙ୍କ, ଡାକ, ବୀମା, ଖଣିକୁ ଶାଗମାଛ ଦରରେ ଆଦାନୀ, ଅମ୍ବାନୀ ତଥା ବିଦେଶୀ କର୍ପୋରେଟ କମ୍ପାନୀକୁ ଟେକି ଦିଆଯାଉଛି ବୋଲି ବିକ୍ଷୋଭ ଅବସରରେ ଆରୋପ କରାଯାଇଛି । ଦେଶରେ ପେଟ୍ରୋଲ, ଡିଜେଲର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟରେ ସ୍ଥିରତା ଆଣିବା, କରୋନା ମହାମରୀ ଜନିତ ଗରିବ ଖଟିଖିଆ ରିକ୍ସା ଚାଳକ, ନିର୍ମାଣ ଶ୍ରମିକ, ପରିବହନ ଶ୍ରମିକ, ବନ୍ଦର ଶ୍ରମିକ, ଟ୍ରଲି ଚାଳକ ଭଳି ପରିବାରକୁ ମାଗଣା ଖାଦ୍ୟ ଯୋଗାଣ ଓ ପ୍ରତି ପରିବାରକୁ ୬ ମାସ ପାଇଁ ମାସିକ ୭୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇବାକୁ ବିକ୍ଷୋଭ ସଭାରେ ଦାବି କରାଯାଇଛି । ପାର୍ଟିର ଜିଲ୍ଲା କମିଟି ସମ୍ପାଦକ ଦିବ୍ୟସିଂହ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ସେକ୍ କାସିମ, ସେକ୍ ମନୱର, ସେକ୍ ସିକ୍‌ରୁ, ଗେଜ ମୁଣ୍ଡା, ମୁ ମୁଣ୍ଡା, ସେକ୍ ହାଦିକ, ସନାତନ ଦାସ, ସନ୍ତୋଷ ରାଉତ, ସେକ୍ କମର, ସେକ୍ ଅବଦୁଲ ରହେମାନ, ଜଗନ୍ନାଥ ରାଓ, ରାଜୁ ରାଓ, ମେହେମୁଦ୍ ପ୍ରମୁଖ ବିକ୍ଷୋଭ ସଭାରେ ସାମିଲ ହୋଇଥିଲେ ।

## କାରଖାନା ବନ୍ଦ ପାଇଁ ଚକ୍ରାନ୍ତ, ବଢୁଛି ଅସନ୍ତୋଷ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରେ ଖଣିଜ ସଂପଦର ସଦୁପଯୋଗ କରିବା ପାଇଁ ଶିଳ୍ପ ପ୍ରତିଷ୍ଠା ଜରୁରୀ ହୋଇପଡିଛି । ବହୁ କମ୍ପାନୀ ଶିଳ୍ପ ନକରି ଖଣିଜ ପଥର ଚାଲାଣ କରି ଲାଭବାନ ହେଉଥିବାବେଳେ କେତେକ କମ୍ପାନୀ ଖଣିଜ ପଥର ସଦୁପଯୋଗ କରିବା ସହ ଜିଲ୍ଲାର ବିକାଶ ଓ ସ୍ଥାନୀୟ ଅଞ୍ଚଳର ବେକାର ଯୁବକ ଯୁବତୀଙ୍କ ନିଯୁକ୍ତିକୁ ଆଖି ଆଗରେ ରଖି ଶିଳ୍ପ ପ୍ରତିଷ୍ଠା କରିଛନ୍ତି । ତେବେ କେତେକ ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ସ୍ଥାନୀୟ ସରଳ ଗରୀବ ଲୋକଙ୍କୁ ମତାଇ ଉକ୍ତ ଶିଳ୍ପ ବନ୍ଦ ପାଇଁ ଚକ୍ରାନ୍ତ ଚଳାଇ ଆସୁଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି । ଏଭଳି ଘଟଣା ବାଂଶପାଳ ବ୍ଲକ ଅଁରା ଗ୍ରାମରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ମେଟାଲିକ୍ସ କାରଖାନାକୁ ବନ୍ଦ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ନେଇ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି । ଏହି କାରଖାନା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୨୦୧୦ ମସିହାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା । ଏହାଦ୍ୱାରା କାମ ଆଶାରେ ଜମି ଦେଇଥିବା ଶତାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପର ରାଇଗୋଡା ପଞ୍ଚାୟତ ସମେତ ମଲଦା, ଫୁଲଝର, କୁମୁଣ୍ଡି, ଶୁଆକାଟୀ, ବାଂଶପାଳ ଆଦି ପଞ୍ଚାୟତର ବହୁ ବେକାର ଯୁବକ ଉପକୃତ ହୋଇ ଆସୁଥିଲେ । ତେବେ କେତେକ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ୨୦୧୪ ମସିହାରେ କାରଖାନା ବନ୍ଦ ହୋଇଯାଇଥିଲା । ଉକ୍ତ ସମୟରେ ସ୍ଥାନୀୟ ଲୋକେ କାମଧନ୍ଦା ହରାଇ ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । କାରଖାନା ପାଇଁ ଜମି ଦେଇଥିବା ଲୋକମାନେ ବାଧ୍ୟ ହୋଇ ଭିଟାମାଟି ଛାଡି କାମଧନ୍ଦା ପାଇଁ ବାହାରକୁ ପଳାଇବାକୁ ବାଧ୍ୟ ହୋଇଥିଲେ । ପରେ ଜମିହରା ଲୋକଙ୍କ ଅନୁରୋଧ ଓ ଅନୁକୁଳ ପରିବେଶ ସୃଷ୍ଟି ହେବା ପରେ ୨୦୧୭ ରେ ପୁନଃ ସ୍ଥାନୀୟ ଲୋକଙ୍କ ସହଯୋଗରେ କାରଖାନା ଚାଲୁ ହୋଇଥିଲା । ଏବେ କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ଲୋକ ନିଜର ଫାଇଦା ପାଇଁ ଗରୀବ ଓ ନିରୀହ ଆଦିବାସୀଙ୍କୁ ପ୍ରଲୋଭିତ କରି କାରଖାନାରେ ବିଶୃଙ୍ଖଳା ସୃଷ୍ଟି କରି ବନ୍ଦ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି । ଅନେକ ସମୟରେ ମିଥ୍ୟା ଓ ଭିତ୍ତିହୀନ ଅଭିଯୋଗ କରି କାରଖାନା କର୍ତ୍ତୃପକ୍ଷଙ୍କୁ ବିବାଦ ଘେରକୁ ଟାଣି ନେବାକୁ ଚେଷ୍ଟା କରିବା ସହ ଉତ୍ତେଜନା ପରିସ୍ଥିତି ସୃଷ୍ଟି କରୁଛନ୍ତି । ସେମାନେ ଗରୀବ ଲୋକଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ କାରଖାନାରେ କାମ କରିବାକୁ ବାରଣ କରୁଛନ୍ତି । ସେମାନଙ୍କୁ ହାତବାରିସି କରି ହିଂସାତ୍ମକ ଆନ୍ଦୋଳନ କରିବା ସହ ଅରାଜକତା ସୃଷ୍ଟି କରି ଶ୍ରୀ ମେଟାଲିକ୍ସ ପ୍ଲାଣ୍ଟକୁ ବନ୍ଦ କରିବାକୁ ଉଦ୍ୟମ ଚଳାଇଛନ୍ତି । କାରଖାନା ବନ୍ଦ ହେଲେ ଶହ ଶହ ଜମିହରା ଗ୍ରାମବାସୀ ଏବଂ କାରଖାନା ଉପରେ ନିର୍ଭରଶୀଳ ସ୍ଥାନୀୟ ଅଞ୍ଚଳର ଅଧିବାସୀ ଜୀବନଜୀବିକା ହରାଇବେ ଓ କରୋନା ମହାମାରୀ ସମୟରେ କାମଧନ୍ଦା ହରାଇ ସେମାନଙ୍କର ଆର୍ଥିକ ସ୍ଥିତି ଦୋହଲିଯିବ । ଏଣୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି କୁଚକ୍ରୀ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାରଖାନାକୁ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାକୁ ଅଁରା ଗ୍ରାମବାସୀ ଓ ଶ୍ରୀ ରାଧାକୃଷ୍ଣ ଗ୍ରାମ କମିଟି ତରଫରୁ ଅନୁରୋଧ କରାଯାଇଛି ।

## ଭୁବନ ବିଜେପି ତରଫରୁ ସେବା ସପ୍ତାହ ଉଦଯାପିତ

ଭୁବନ, (ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ ତମ ଜନ୍ମଜୟନ୍ତୀ ଅବସରରେ ଭୁବନ ବିଜେପି ତରଫରୁ ଅନୁଷ୍ଠିତ ସେବା ସପ୍ତାହ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ବୃକ୍ଷରୋପଣ,ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ,ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ,ରକ୍ତଦାନ ଶିବିର ଏବଂ ଅନ୍ତିମ ଦିବସରେ ଗତକାଲି ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ପରିସରରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରାଯାଇ ସେବା ସପ୍ତାହ ଉଦଯାପିତ ହୋଇଥିଲା । ଭୁବନ ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ଙ୍କ ନେତୃତ୍ୱରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ଶତୃଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମଣ୍ଡଳ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ପୃଷ୍ଟି, ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ, ପୂର୍ବତନ କାନସିଲର ମାୟାଧର ଗୁରୁ,ପବିତ୍ର ସାହୁ,ଗଣେଶ୍ୱର ନାୟକ,ସୁଶାନ୍ତ ନାୟକ,ସନ୍ତୋଷ ରାଉଳ,ନିରଂଜନ ଗୁରୁ, ମଳୟ ତ୍ରିପାଠୀ,ଜଗବନ୍ଧୁ ଗୁରୁ,ଅଜିତ ସାହୁ,ସଂଜୟ ଗୁରୁ,ନାରୀନେତ୍ରୀ ସରୋଜିନୀ ରଣା,ଅମ୍ବିକା ବେଜ,ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅନୁରୂପ ଭାବେ ଭୁବନ ବ୍ଲକର ମହୁଲପାଳ ମଣ୍ଡଳ ସଭାପତି ଚୈତନ୍ୟ ବେହେରା,ମୃଦଙ୍ଗା ସରପଂଚ ଅଶୋକ ଦତ,ମହୁଲପାଳ ସରପଂଚ ମମତା ସାହୁ,ଗଗନ ବିହାରୀ ସାହୁ ଏବଂ ବାରଆଁ ମଣ୍ଡଳ ତରଫରୁ ସଭାପତି ସଂଜୟ ଦାସ ଙ୍କ ନେତୃତ୍ୱରେ ରସାନନ୍ଦ ମହାପାତ୍ର, ଜିଲ୍ଲା ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନା ଙ୍କ ସହଯୋଗରେ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଆନନ୍ଦପୁର ପୌରାଞ୍ଚଳର ବିକାଶ ଅଭିଯାନ, ପ୍ରବାସୀ ଶ୍ରମିକ ପାଇବେ କାମ

ଆନନ୍ଦପୁର, (ପି.ଏନ):ସହରାଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ଗୃହ ଓ ନଗର ଉନ୍ନୟନ ବିଭାଗ ଜରିଆରେ ଆରମ୍ଭ ହୋଇଥିବା ମୁକ୍ତା ଯୋଜନାରେ ଆନନ୍ଦପୁର ପୌରାଞ୍ଚଳର ବିକାଶ ପାଇଁ ନୂତନ ଖସଡା ପ୍ରସ୍ତୁତ କରାଯାଇଛି । ଏ ସମ୍ପର୍କରେ ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ ଏକ ବକ୍ତୃତାରେ ସୂଚନା ଦେଇଛନ୍ତି । ଆନ୍ଦପୁର ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀଯୁକ୍ତ ସେଠୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଆନନ୍ଦପୁର ପୌରାଞ୍ଚଳର ଉନ୍ନତି ଲାଗି ତତ୍ପରତା ପ୍ରକାଶ କରିଛନ୍ତି ବୋଲି କହିଥିଲେ । ପ୍ରବାସୀ କୁଶଳୀ ଓ ଅଣକୁଶଳୀ ଶ୍ରମିକ ମାନଙ୍କୁ କାମଧନ୍ଦା ଯୋଗାଇ ଦେବା ଲାଗି ସରକାରଙ୍କ ପକ୍ଷରୁ ଏହି ପ୍ରୟାସ କରାଯାଇଛି । ଏହି ଯୋଜନାର ଅନୁଦାନରେ ପୌରାଞ୍ଚଳର ଉଦ୍ୟାନ, ରାସ୍ତାର ଉଭୟ ପାର୍ଶ୍ୱ ଫୁଟ୍‌ପାଥ ଓ ବିଭିନ୍ନ ୱାର୍ଡରେ ଥିବା ପୋଖରୀ ଗୁଡିକର ପଙ୍କ ଉଦ୍ଧାର ଓ ଉନ୍ନତିକରଣ କରାଯିବା ଖସଡା ପ୍ରସ୍ତୁତ କରାଯାଇଛି ବୋଲି ପ୍ରକାଶ କରିଛନ୍ତି । ୧୬ଟି ୱାର୍ଡ ବିଶିଷ୍ଟ ଆନନ୍ଦପୁର ପୌରାଞ୍ଚଳର ବିଭିନ୍ନ ସାହିରେ ଥିବା ବସ୍ତିବାସିନ୍ଦାଙ୍କ ବିକାଶ, ମହିଳା ସ୍ୱୟଂ ସହାୟୀକା ଗୋଷ୍ଠୀକୁ କ୍ରିୟାଶୀଳ, ମହିଳା ସଶକ୍ତିକରଣ, ଅଙ୍ଗନୱାଡି କେନ୍ଦ୍ରରେ ମା ଓ ଶିଶୁଙ୍କ ଅଧିକ ପରିମାଣରେ ସଂପୃକ୍ତି ଏବଂ ପୁଷ୍ଟିକର ଖାଦ୍ୟର ସୁଷମ ବଣ୍ଟନ ଉପରେ ଗୁରୁତ୍ୱାରୋପ କରାଯିବ ବୋଲି ଯୋଜନା ପ୍ରସ୍ତୁତ କରାଯାଇଛି ବୋଲି ସୂଚନା ଦେଇଥିଲେ ।

## ଗାଁ ସାଥି ଜୟଦେବ ସଂଘ ପାଳିଲେ



ବାଲିପାଟଣା,(ପି.ଏନ) : ଜୟଦେବ ନିର୍ବାଚନ ମଣ୍ଡଳି ବାଲିପାଟଣା ବ୍ଲକ୍ ଅଧିନସ୍ଥ ମା ଗିରିଙ୍ଗଶ୍ୱରୀ ମନ୍ଦିର ପରିସରରେ ପ୍ରତିବର୍ଷ ଭଳି ଗାଁ ସାଥି ସଂଘ ତରଫରୁ ୧୯ ତାରିଖରେ ପାଳିତ ହୋଇ ଯାଇଛି ଜୟଦେବ ମାଟିର ସ୍ୱାଭିମାନ ଦିବସ ଓ ବିଶିଷ୍ଟ ଐତିହାସିକ, ଗବେଷକ ଡ. ପ୍ରଫୁଲ ଚନ୍ଦ୍ର ତ୍ରିପାଠୀଙ୍କ ୮୧ ତମ ଜନ୍ମ ଜୟନ୍ତି । ସଭାପତି ବିଜୟ ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବିଧାୟକ ଡ. ଅରବିନ୍ଦ ଢାଲି ଯୋଗଦେଇ ଗାଁ ସାଥିମାନଙ୍କର ନିଷ୍ଠାପର କାର୍ଯ୍ୟକୁ ପ୍ରସଂଶା କରିବା ସହିତ କଠିନ ପରିଶ୍ରମ କେବେ ବୃଥା ଯାଏ ନାହିଁ ଫଳ ଦିନେନା ଦିନେ ନିଶ୍ଚିତ ମିଳିବ ବୋଲି କହିବା ସହିତ ଆଗାମୀ ବିଧାନସଭାରେ ଗାଁ ସାଥିମାନଙ୍କ ପକ୍ଷରୁ ଦିଆଯାଇଥିବା ଦାବି ଗୁଡିକ ଯଥା ସରକାରୀ ଚାକିରୀ ମାନ୍ୟତା, ମାସିକ ଦରମା ଦଶ ହଜାର ଟଙ୍କା, ପରିଚୟପତ୍ର, କୋଭିଡି ସହାୟତା ରାଶି, ଗ୍ରାମରେ ହେଉଥିବା ସମସ୍ତ ମନୋରଗା କାର୍ଯ୍ୟରେ ଗାଁ ସାଥି ନିୟୋଜିତ, ସର୍ବନିମ୍ନ ମାସିକ ୧୦ ଦିନ କାର୍ଯ୍ୟ, ଜର୍ବ କାର୍ଡ ହିତାଧିକାରୀଙ୍କୁ ୧୦୦ ଦିନ କାର୍ଯ୍ୟ ବଦଳରେ ୧୫୦ ଦିନ କୁ ବୃଦ୍ଧି ପ୍ରଶଙ୍ଗ ଉପସ୍ଥାପନ କରିବେ । ଜନ୍ମଦିନ ଅବସରରେ ଶ୍ରୀ ତ୍ରିପାଠିଙ୍କ ପାଇଁ ଶିବ ବାବା ଲାମ୍ବା ଆୟୁସ ଓ ନିରାମୟ ଜୀବନ କାମନା କରିଥିଲେ । ସମ୍ମାନିତ ଅତିଥିଭାବେ ଡଃ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, ପଦ୍ମଶ୍ରୀ ବଟକୃଷ୍ଣ ସାହୁ, ବିଶିଷ୍ଟ ହୋମିପାଥି ଚିକିତ୍ସକ ଡ ନେତ୍ରାନନ୍ଦ ଭୋଇ, ବାଲିପାଟଣା ବିଡିଓ ଆଦିକନ୍ଦ ବେହେରା, ବାଲିପାଟଣା ପ୍ରେସ କ୍ଲବର ସଭାପତି ଦିଲ୍ଲିପ୍ କୁମାର ଓଝା ପ୍ରମୁଖ ଯୋଗ ଦେଇଥିଲେ । ଗାଁ ସାଥି ସଂଘର ଏଭଳି ପ୍ରୟାସକୁ ଅତିଥିମାନେ ଭୂୟଂସି ପ୍ରଶଂସା କରିବା ସହ ଡ. ତ୍ରିପାଠୀଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଓ ତାଙ୍କ ପ୍ରଚେଷ୍ଟାରେ କବି ଜୟଦେବ ଓଡିଶା ମାଟିର ପ୍ରମାଣି କରିଥିଲେ ବୋଲି ବକ୍ତାମାନେ ନିଜ ନିଜ ଅବିଭାଷଣରେ କହିଥିଲେ । ମଂଚରେ ସମ୍ମାନିତ ହୋଇଥିବା ଲବ୍ଧ ପ୍ରତିଷ୍ଠିତ କଣ୍ଠ ଶିଳ୍ପୀ ଡଃ ସନ୍ତୋଷ କୁମାର ଦାଶ ଓ ଗୀତଗୋବିନ୍ଦ ଗାୟକ ବିଜୟରାମ ତ୍ରିପାଠୀଙ୍କ ଦ୍ୱାରା ପରିବେଶିତ ସଂଗୀତ ଶ୍ରୋତାମାନଙ୍କ ମନଙ୍କୁ ବେଶ୍ ଛୁଇଁ ପାରିଥିଲା । ସମାଜସେବା, କାଳା ସଂସ୍କୃତି ଓ ସାମ୍ବାଦିକମାନଙ୍କୁ ଉଲ୍ଲେଖନିୟ ଅବଦାନ ପାଇଁ ୧୭ଜଣ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବୋର୍ଦ୍ଧିତ କରାଯାଇଥିଲା । ନିକଟ ଅତିତରେ ଶିଶୁ ଅନନ୍ତ ଗାଥା କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ ଓ ନିର୍ଦ୍ଦେଶନା ଦେଇ ଅଂଚଳର ଯୁବକ ଶେଖ୍ ଗୁଲାଜାର ହୁସେନ ଆନ୍ତର୍ଜାତିକ କ୍ଷୁଦ୍ର ଚଳଚ୍ଚିତ୍ରରେ ପୁରସ୍କୃତ ହୋଇଥିବାରୁ ତାଙ୍କୁ ମଧ ସମ୍ବୋର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜୟଦେବ ଗାଁ ସାଥି ସଂଘର ସଂପାଦକ ଦୀନବନ୍ଧୁ ଭୋଇ ପରିଚାଳନା କରିଥିବା ବେଳେ ବିଦ୍ୟାଭୂଷଣ ଭୋଳ, ପ୍ରଶନ୍ନ କୁମାର ପଣ୍ଡା,ସତୃଘନ ସାହୁ, ଦେବେନ୍ଦ୍ର ସାହୁ ଓ ଅଜୟ କୁମାର ଭୋଇ ସହଯୋଗ କରିଥିଲେ । ଶେଷରେ ଭୀମ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭୀଷ୍ମ ପଞ୍ଚକ ଉପଲକ୍ଷେ ଆଭାସି ଭାଗବତ ସତସଙ୍ଗ

କେନ୍ଦୁଝର, (ପି.ଏନ):କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ତରଫରୁ ସଭାପତି ଆଚାର୍ଯ୍ୟ ଦାଶରଥି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏବଂ ସମ୍ପାଦକ ପ୍ରଧାପକ ଜଗନ୍ନାଥ ଜେନାଙ୍କ ସଂଯୋଜନାରେ ପବିତ୍ର କାର୍ତ୍ତିକ ମାସ ଭୀଷ୍ମ ପଞ୍ଚକ ଉପଲକ୍ଷେ ୫ ଦିନ ବ୍ୟାପୀ ଆଭାସି ଭାଗବତ ସତସଙ୍ଗ ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ଭକ୍ତ ବୃନ୍ଦଙ୍କ ସହିତ ଓଡିଶାର ବିଭିନ୍ନ ଜିଲ୍ଲାରୁ ଅଗଣିତ ଭକ୍ତ ଏଥିରେ ଯୋଗଦାନ କରିଥିବା ବେଳେ ଆଚାର୍ଯ୍ୟ ଦାଶରଥି ପ୍ରଧାନ, ପୁରାଣ ପଣ୍ଡା ଅମରେନ୍ଦ୍ର ପଣ୍ଡା, ରବୀନ୍ଦ୍ର ପାଢୀ, ନେତ୍ରାନନ୍ଦ ମହାରଣା ଓ ଭାଗବତ ବେହେରା ପ୍ରମୁଖ ଭାଗବତ ଦଶମ ସ୍କନ୍ଧ ୩୦ଅଧ୍ୟାୟରୁ ୨୪ଅଧ୍ୟାୟ ପର୍ଯ୍ୟନ୍ତ ପ୍ରତ୍ୟହ ପାରାୟଣ କରିଥିଲେ । ଜଗନ୍ନାଥ ସଂସ୍କୃତି ଗବେଷକ ଡଃ ସୁନିଲ କୁମାର ରଥ ଏବଂ ଶ୍ରୀମଦ୍ ଭାଗବତ ତଥା ରାମଚରିତ ମାନସ ପ୍ରବଚକ ଡଃ ପ୍ରମୋଦ କୁମାର ଦଳାଇ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାସ ପଞ୍ଚକ ସମ୍ବନ୍ଧରେ ସାର ଗର୍ଭକ ପ୍ରବଚନ ଦେଇଥିଲେ । ଏତଦ୍‌ବ୍ୟତୀତ ଆଚାର୍ଯ୍ୟ ଦାଶରଥି ପ୍ରଧାନ,ଚିନ୍ତାମଣି ମହାଳିକ, ଅନନ୍ତ ଦେବତା, ରଘୁନାଥ ପଣ୍ଡା ଓ ଭାଗବତ ବେହେରା ମଧ ବକ୍ତବ୍ୟ ରଖିଥିଲେ । ଉପଦେଷ୍ଟା ଭଜ ବେହେରା, ଭାଗବତ ପ୍ରଚାରକ ଗୋବିନ୍ଦ ପଟ୍ଟନାୟକ, ସହସମ୍ପାଦକ ଯଦୁମଣି ମହାନ୍ତ, କୋଷାଧ୍ୟକ୍ଷ ଜଗବନ୍ଧୁ ରାଉତ, ମମତା ରାଣୀ ଦାସ, ଗିରିଜା ମିଶ୍ର, ଖଗେଶ୍ୱର ମହାନ୍ତ, କ୍ଷେତ୍ରବାସୀ ମହାକୁଡ, ପ୍ରମୋଦ ମହାନ୍ତି, ଈଶ୍ୱର ବେହେରା, ବିଶ୍ୱନାଥ ନାଥ, ଦିନମଣି ନାୟକ, ଦିଲ୍ଲୀପ କୁମାର ବାରିକ, ନବକିଶୋର ପରିଡା, ବୀଣାପାଣି ଜେନା ପ୍ରମୁଖ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥଲେ । ପୁରୁଷୋତ୍ତମ ଜେନା, ହରେକୃଷ୍ଣ ବେଜ, ରାଜ କିଶୋର ରାଉତ, ରତ୍ନ ରରୀ ରାଉତ, ଦେବସ୍ମିତା ଦେବତା ଓ ଜିତେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ପ୍ରତ୍ୟହ ଭଜନ କୀର୍ତ୍ତନ କରିଥିଲେ ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# ଯୋଡା ସହର ନିମନ୍ତେ ମୁକ୍ତା ଯୋଜନାରେ ୨କୋଟି ୨୧ଲକ୍ଷ ଅନୁମୋଦନ




ଯୋଡା,(ପି.ଏନ): କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା କୁ ସରସ ସୁନ୍ଦର କରିବା ପାଇଁ ସରକାରଙ୍କ ମୁକ୍ତା ଯୋଜନା ରେ ସାମିଲ କରାଯାଇଛି । ଏହି ଯୋଜନା ମାଧ୍ୟମରେ ଯୋଡା ପୌରପାଳିକା ର ସର୍ବାଙ୍ଗିନ ଉନ୍ନତି ହୋଇପାରିବ। ଏହି ପରିପ୍ରେକ୍ଷୀ ରେ ଶୁକ୍ରବାର ଦିନ ଯୋଡା ବିଜେଡି କାର୍ଯାଳୟରେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ଏକ ସାମ୍ବାଦିକ ସମ୍ମଳନୀ କରି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଯୋଡା ବାସୀଙ୍କ ତରଫରୁ ଶୁଭେଚ୍ଛା ଜଣାଇଛନ୍ତି। ମୁକ୍ତା ଯୋଜନାରେ ଯୋଡା ପୌରପାଳିକାକୁ ସାମିଲ କରି ୧୪ ୱାର୍ଡ ବିଶିଷ୍ଟ ଯୋଡା ପୌରପାଳିକାର ଦୃଢ ଭିତ୍ତିଭୂମି ବିକାଶ ନିମନ୍ତେ ୫ଟି ସଚିବ ର ମୁଖ୍ୟ ଭି କେ ପାଣ୍ଡିଆନଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ଏହି ଯୋଜନାରେ ଯୋଡା ସହରାଂଚଳକୁ ୪୫ଟି ପ୍ରକଳ୍ପ ନିମନ୍ତେ ୨କୋଟି ୨୧ କୋଟି ୨୧ ଲକ୍ଷ ଟଙ୍କା ଅନୁମୋଦନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ଉପ ସଭାପତି ରବିନ୍ଦ୍ର କୁମାର ଦାସ, ଜିଲ୍ଲା ସଂପାଦକ ବାବୁଲାଲ ସାହୁ, ସୁଶାନ୍ତ ବାରିକ, କ୍ଷୀରୋଦ ଗୋପ,ଗୋବିନ୍ଦ ଶାହାଙ୍କ ସହ ଅନେକ ବିଜେଡି କର୍ମୀ ଯୋଗ ଦେଇଥିଲେ।

## ଓଡିଶା ନିର୍ମାଣ ମଜଦୁର ସଭାର କ୍ଷମତାପ୍ରାପ୍ତ ସଦସ୍ୟ ହେଲେ ଯୁବନେତା ତ୍ରିଲୋଚନ

କେନ୍ଦ୍ରାପଡ଼ା,(ପି.ଏନ): ହିନ୍ଦ ମଜଦୁର ସଭା ଦ୍ୱାରା ଅନୁ ବନ୍ଧିତ ଓଡିଶା ନିର୍ମାଣ ମଜଦୁର ସଭା ପକ୍ଷରୁ କେନ୍ଦ୍ରାପଡାର ଯୁବନେତା ତ୍ରିଲୋଚନ ଦାସଙ୍କୁ କ୍ଷମତାପ୍ରାପ୍ତ ସଦସ୍ୟ ଭାବେ ସ୍ୱୀକୃତି ପ୍ରଦାନ କରାଯାଇଛି। ଯୁବନେତା ଶ୍ରୀ ଦାସ ନିର୍ମାଣ ଶ୍ରମିକମାନଙ୍କୁ ଓଡିଶା କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ହିତାଧିକାରୀ ଭାବେ ପଞ୍ଜିକରଣ ନିମନ୍ତେ ନିଯୁକ୍ତି ସମ୍ପର୍କିତ ପ୍ରମାଣପତ୍ର ପ୍ରଦାନ କରିପାରିବେ ବୋଲି ଓଡିଶା ନିର୍ମାଣ ମଜଦୁର ସଭା (ଟ୍ରେଡ ୟୁନିଅନ) ପକ୍ଷରୁ କ୍ଷମତାପ୍ରାପ୍ତ କରାଯାଇଛି । ଏସଂକ୍ରାନ୍ତରେ ଓଡିଶା ନିର୍ମାଣ ମଜଦୁର ସଭାର ସାଧାରଣ ସମ୍ପାଦକ ରାଜେନ୍ଦ୍ର ଦାସ ଏକ ସ୍ୱୀକୃତିପତ୍ର ତ୍ରିଲୋଚନଙ୍କୁ ପ୍ରଦାନ କରିଛନ୍ତି। କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଲନଗର ପଞ୍ଚାୟତର ସୁଜାନଗର ଗ୍ରାମର ବାସିନ୍ଦା ଶ୍ରୀ ଦାସ ବିଭିନ୍ନ ସମୟରେ ବହୁ ସାମାଜିକ କାର୍ଯ୍ୟକ୍ରମ ସମେତ ନିର୍ମାଣ ଶ୍ରମିକମାନଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରି ଆସୁଛନ୍ତି। ଏହି ସ୍ୱୀକୃତିପତ୍ର ପ୍ରଦାନ ନେଇ ଶ୍ରୀ ଦାସଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

# ଖଣ୍ଡପଡା ଏନଏସି କାର୍ଯ୍ୟାଳୟ ଚାଲିଛି ଏମିତି: କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବଦଳରେ ସ୍ୱାକ୍ଷର କରୁଛନ୍ତି ୨ କର୍ମଚାରୀ



ଖଣ୍ଡପଡା,(ପି.ଏନ): କାର୍ଯ୍ୟରେ ଯୋଗଦେବା ପରଠାରୁ ଖଣ୍ଡପଡା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଧିକାଂଶ ସମୟ କାର୍ଯ୍ୟାଳୟକୁ ନଆସି ଅନୁପସ୍ଥିତ ରହୁଥିବା ଅଭିଯୋଗ ହେଉଛି । ଏହାର ସୁଯୋଗ ନେଇ ଏନଏସିରେ କାର୍ଯ୍ୟରତ କର୍ମଚାରୀମାନେ ବେଶ ଫାଇଦା ଉଠାଇବାରେ ସକ୍ଷମ ହେବା ଘଟଣା ସାଧାରଣର ଚର୍ଚ୍ଚାର ବିଷୟ ପାଲଟିଛି । କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅନୁପସ୍ଥିତ ଯୋଗୁଁ ଏନଏସି କାର୍ଯ୍ୟାଳୟ ସୁପରିଚାଳନାରେ ସମସ୍ୟା ସୃଷ୍ଟି ହେଉଛି । କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବଦଳରେ ବରିଷ୍ଠ କିରାଣୀ ଲାଲମୋହନ ପଟ୍ଟନାୟକ ଓ ଅନ୍ୟତମ କର୍ମଚାରୀ ରଘୁନାଥ ସେଠୀ ଦାୟିତ୍ୱ ତୁଲାଉଥିବା ଅଭିଯୋଗ ହେଉଛି । ଖାଲିସେତିକି ନୁହେଁ ଉଭୟେ କର୍ମଚାରୀ ବିଭିନ୍ନ ସରକାରୀ କାଗଜାତରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସ୍ଥାନରେ ବେଫିକର ଭାବେ ସ୍ୱାକ୍ଷର କରୁଥିବା ନେଇ ଏନଏସି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି । ଗତ ୧୭ ତାରିଖରେ ଖଣ୍ଡପଡା ବିଜ୍ଞାପିତ ଅଂଚଳ ପରିଷଦ ପକ୍ଷରୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶିତ ଏକ ବିଜ୍ଞପ୍ତି ସଂପର୍କୀତ କାଗଜାତରେ ଉକ୍ତ କର୍ମଚାରୀଦ୍ୱୟ ସ୍ୱାକ୍ଷର କରିଥିବା ନେଇ ନଜରକୁ ଆସିଛି । ଖାଲି ସେତିକି ନୁହେଁ ଅନ୍ୟାନ୍ୟ ସରକାରୀ ଚିଠି କାଗଜାତରେ ମଧ୍ୟ ଉକ୍ତ ଦୁଇ ଜଣ କରିତକର୍ମା କର୍ମଚାରୀ ସ୍ୱାକ୍ଷର କରିଥିବା ଅଭିଯୋଗ ହେଉଛି । ଏନଏସିର ଉକ୍ତ ୨ କର୍ମଚାରୀ ଯଦି ଅଧିକାରୀଙ୍କ ଅନୁପସ୍ଥିତିରେ ଦାୟିତ୍ୱ ତୁଲାଇ ପାରୁଛନ୍ତି ତାହେଲ ଏଠା କାର୍ଯ୍ୟାଳୟରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କର ଆଉ ଆବଶ୍ୟକତା କଣ ଅଛି ବୋଲି ସହରବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ କାଗଜାତର ସେ ସ୍ୱାକ୍ଷର କରିଥିବା ନେଇ ବରିଷ୍ଠ କର୍ମଚାରୀ ଲାଲ ମୋହନ ପଟ୍ଟନାୟକ ସଫେଇ ଦେଇଥିବା ବେଳେ ଅନ୍ୟତମ କର୍ମଚାରୀ ରଘୁନାଥ ସେଠୀ ଏ ନେଇ ମତାମତ ଦେବାକୁ ଧରାଛୁଆଁ ଦେଇନଥିଲେ । ସେହିପରି ଏନଏସି ନିର୍ବାହୀ ଅଧିକାରୀ ସଂଜୀବ କୁମାର ମହାପାତ୍ର ଏନେଇ କୌଣସି ସନ୍ତୋଷଜନକ ଉତର ଦେଇ ନପାରି ଅଭିଯୋଗକୁ ଏଡାଇ ଯାଇଥିବା ବେଳେ ଏମାନଙ୍କ କାର୍ଯ୍ୟକଳାପ ପ୍ରତି ନୟାଗଡ ଜିଲ୍ଲାପାଳ, ଉଚ୍ଚ ପଦସ୍ଥ ଅଧିକାରୀ ଓ ୫-ଟି ସଚିବ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଆନ୍ତର୍ଜାତୀୟ ଶିଶୁ ଅଧିକାର ସଚେତନତା ରାଲି

ଯୋଡା,(ପି.ଏନ):ଆସ୍ୱାୟାର ଓ ସମାଜର ସବୁ ବର୍ଗର ଜନସାଧାରଣଙ୍କ ସହାୟତାରେ ଆସ୍ୱାୟାର ବ୍ଲକ କୋଡିନେଟର ଦିଲ୍ଲୀପ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ପ୍ରତ୍ୟେକ ଗ୍ରାମରେ ଶିଶୁ ଅଧିକାରକୁ ସୁରକ୍ଷା ଦେବା ନିମନ୍ତେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜନସାଧାରଣଙ୍କୁ ଶିଶୁ ଅଧିକାର ସମ୍ବନ୍ଧୀୟ ଧାରଣା ଦେବା ନିମନ୍ତେ ଗ୍ରାମରେ ବୈଠକ, ପଦଯାତ୍ରା, ପଥପ୍ରାନ୍ତ ନାଟକ, ଶିକ୍ଷା ରଥ ପରିଭ୍ରମଣ ଓ ଶପଥ ପାଠ ଇତ୍ୟାଦି ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଶନିବାର ଯୋଡା ପୌରାଞ୍ଚଳ ଅଧୀନ ଶିବଶଙ୍କର ହିନ୍ଦୀ ଉଚ୍ଚ ବିଦ୍ୟାଳୟ ଠାରୁ ଏକ ସଚେତନତା ରାଲି ଜରିଆରେ ୧୮ ବର୍ଷରୁ କମ୍ ବୟସର ଶିଶୁ ମାନଙ୍କୁ କୌଣସି କାର୍ଯ୍ୟରେ ନିୟୋଜିତ ନକରି ବିଦ୍ୟାଳୟରେ ନାମ ଲେଖାଇବା, ବାଲ୍ୟ ବିବାହ ପ୍ରଥା ବନ୍ଦ କରିବା, ଶିଶୁ ଶ୍ରମିକ ପ୍ରଥାକୁ ବନ୍ଦ କରିବା ଆଦି ସ୍ଲୋଗାନମାନ ଦେବା ସହିତ ପ୍ଲାକାର୍ଡ ଧରି ଯୋଡା ବ୍ଲକ ଫାଟକ ପର୍ଯ୍ୟନ୍ତ ଯାଇ ସେଠାରେ ଏହି ଶପଥ ପାଠ କରାଯାଇଥିଲା।

# ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା ପ୍ରଶାସନର ଅଜବ ନୀତି ବିରୁଦ୍ଧରେ ପ୍ରତିବାଦ

ଯାଜପୁର,(ପି.ଏନ): ସରକାରଙ୍କର କୋଭିଡ୍ ଗାଇଡ୍ ଲାଇନ ଅନୁଯାୟୀ ରାଜ୍ୟର କୌଣସି ଖୋଲା ସ୍ଥାନରେ ସଭା ସମିତି, ସାଂସ୍କୃତିକ ଉତ୍ସବ, ନିର୍ଦ୍ଦିଷ୍ଟ ମନ୍ଦିରରେ ଦେବ ଦର୍ଶନ, ଯାତ୍ରା, ନାଟକ ସମସ୍ତ ବନ୍ଦ ଥିବାବେଳେ ସରକାରଙ୍କର କେଉଁ ଗାଇଡ୍ ଲାଇନ ଅନୁଯାୟୀ ଯାଜପୁର ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଲୋକ ମହୋତ୍ସବ, ଯାଜପୁର ବ୍ଲକ୍‌ର ବିଚିତ୍ରପୁର ପଞ୍ଚାୟତରେ ଅନୁଷ୍ଠିତ ହେଉଛି ତାହା ସମସ୍ତ ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି । ପବିତ୍ର ବୈତରଣୀ ନଦୀର ଦଶାଶ୍ୱମେଧ ଘାଟର ଜଗନ୍ନାଥ ମନ୍ଦିରରେ ଦେବ ଦର୍ଶନ ଓ ବୈତରଣୀ ନଦୀରେ ପ୍ରତୀକାତ୍ମକ ଡଙ୍ଗା ଭସାକୁ ଜିଲ୍ଲା ପ୍ରଶାସନ ତରଫରୁ ବାତିଲ କରାଯାଇ ୧୪୪ ଧାରା ଜାରି କରାଗଲାବେଳେ ଖୋଲା ମୈଦାନରେ ଶହ ଶହ ଲୋକଙ୍କ ଉପସ୍ଥିତିରେ ଲୋକ ମହୋତ୍ସବ ଓ ବୋଇତ ବନ୍ଦାନ ଉତ୍ସବ ସରକାରୀଭାବେ ପାଳିତ ହେବା ପ୍ରଚ୍ଛଦପଟରେ କି ଉଦ୍ଦେଶ୍ୟ ରହିଛି ତାହାକୁ କଂଗ୍ରେସ ତରଫରୁ ସଭାପତି ମନୋଜ କୁମାର ରାଉତ ଏବଂ ପିସିସି ସମ୍ପାଦକ ସନ୍ତୋଷ କୁମାର ନନ୍ଦ ପ୍ରଶ୍ନ କରିଛନ୍ତି । ଏହା ସରକାର ତଥା ଜିଲ୍ଲା ସଂସ୍କୃତି ପରିଷଦ ଓ ଜିଲ୍ଲା ପ୍ରଶାସନର ଦୋମୁହାଁ ନୀତି ବୋଲି ସେ ଅଭିଯୋଗ କରିଛନ୍ତି। ପବିତ୍ର କାର୍ତ୍ତିକ ମାସରେ ନିରାହ ହବିଷ୍ୟାଳୀମାନଙ୍କୁ କୋଭିଡ୍ କଟକଣା କଥା କହି କରୋନା ବ୍ୟାପିବା ଭୟରେ ଜିଲ୍ଲା ପ୍ରଶାସନ ଅନୁମତି ଦେଇନଥିବାବେଳେ କେଉଁ ପରିପ୍ରେକ୍ଷୀରେ ଏବଂ କାହା ନିର୍ଦ୍ଦେଶରେ ସରକାର ଜନସାଧାରଣଙ୍କୁ ଗହଳି କରି ଲୋକ ମହୋତ୍ସବ ପାଳନ କରୁଛନ୍ତି ତାହା କ'ଣ କୋଭିଡ୍ ନିୟମକୁ ଉଲ୍ଲଙ୍ଘନ କରୁନାହିଁ ବୋଲି ପ୍ରକାଶ କରିବା ସହିତ ଜନସାଧାରଣ ଓ ଶ୍ରଦ୍ଧାଳୁମାନେ ଏହାର ବିଚାର କରନ୍ତୁ ବୋଲି ସେମାନେ ଜଣାଇଛନ୍ତି ।

## ପେଟ୍ରୋଲ ପମ୍ପରେ ଗ୍ରାହକ ସେବାକୁ ଉପେକ୍ଷା, ନିୟମ ଉଲ୍ଲଙ୍ଘନ କରଛନ୍ତି ପମ୍ପ ମାଲିକ

କେଶଦୂରାପାଳ, (ପି.ଏନ):ସମ୍ପ୍ରତି ଦେଶରେ ତୈଳ ଦର ଶତକ ଅତିକ୍ରମ କରିଥିବା ବେଳେ ଗ୍ରାହକ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଲାଗି ରହିଛି । କେବଳ ବାଧ ବାଧକତା ତଥା ଏହାର ବିକଳ୍ପ ବ୍ୟବସ୍ଥା ନଥିବାରୁ ଲୋକେ ରାତି ପାହଲେ କାନମୁଣ୍ଡ ଆଉଁସି ନିଜ ଦୁଇ ଚକିଆ ହେଉ କିମ୍ବା ଚାରି ଚକିଆରେ ତେଲ ପକାଇବା ପାଇଁ ଧାଡି ଲଗାଇ ଏହି ଉଚ୍ଚ ଦରେ ତେଲ କିଣୁଛନ୍ତି । ହେଲେ ସେହି ଅନୁପାତରେ ତେଲ ଟାଙ୍କି ଗୁଡିକରେ ବିତରକଙ୍କ ପକ୍ଷରୁ ଗ୍ରାହକ ମାନଙ୍କୁ ସେମାନଙ୍କର ଧାର୍ଯ୍ୟ ଅଧିକାର ପ୍ରଦାନ କରାଯାଉ ନାହିଁ । ଏଭଳି ଅବ୍ୟବସ୍ଥା ଦେଓଗାଁ ରାଘରପୁରରେ ଥିବା ଏକ ଇଣ୍ଡିଆନନ୍ ଅଏଲ ପେଟ୍ରୋଲ ପମ୍ପରେ ଦେଖିବାକୁ ମିଳିଛି । ପ୍ରତ୍ୟେକ ପମ୍ପରେ ତୈଳ କମ୍ପାନୀ ନିୟମ ଅନୁଯାୟୀ ପାନୀୟ ଜଳ ବ୍ୟବସ୍ଥା, ଶୌଚାଳୟ, ପାଷ୍ଟଏଡ୍ ବକ୍ସ, ଅଭିଯୋଗ ବାକ୍ସ, ଯାନ ପାଇଁ ପ୍ରେସର ପମ୍ପ ପ୍ରଭୃତି ରହିବା କଥା ମାତ୍ର ଏଥିରେ ଅହେତୁକ ଅବହେଳା ଗ୍ରାହକ ମାନଙ୍କୁ କରାଯାଉଛି । ବେସାମରିକ ଯୋଗାଣ ବିଭାଗ ଦ୍ୱାରା ନିୟମିତ ଯାଞ୍ଚ ବ୍ୟବସ୍ଥା କରାଯାଉ ନାହିଁ । ଲାଇସେନ୍ସ ନବୀକରଣ ସମୟରେ ବେସାମରିକ ଯୋଗାଣ ବିଭାଗ ପକ୍ଷରୁ ପମ୍ପ ଗୁଡିକ ସର୍ଜମିନ୍ ତଦନ୍ତ ହେଉନଥିବା ଜଣାପଡିଛି ।

# ଗୀତା ଜାଗରଣ ପରିଷଦର ଭାଗବତ ପ୍ରବଚନ ଉଦ୍‌ଯାପିତ



ଯାଜପୁର, (ପି.ଏନ): ଗୀତା ଜାଗରଣ ପରିଷଦ ପକ୍ଷରୁ ଦୀର୍ଘ ୭ ଦିନଧରି ଚାଲିଥିବା ଭାଗବତ କଥାମୃତ ଆଲୋଚନା ଓ ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ ସଭାପତି ପ୍ରତିମା କର ଅଧକ୍ଷତା କରିଥିଲେ । ଅବସରପ୍ରାପ୍ତ ସଂସ୍କୃତବିତ୍ ତଥା ଯାଜପୁର ସରକାରୀ ବାଳିକା ବିଦ୍ୟାଳୟର ସେବା ନିବୃତ୍ତ ସଂସ୍କୃତ ଶିକ୍ଷକ ପଣ୍ଡିତ ଅଜିତ୍ କୁମାର ଦାଶ ପ୍ରଦୀପ ପ୍ରଜ୍ୱଳ କରିବା ସହିତ ରାଧାକୃଷ୍ଣ ଓ ଜଗନ୍ନାଥ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସମ୍ପାଦକ ଭାସ୍କର ମହାନ୍ତି ଅତିଥି ପରିଚୟ ଓ ସମାଜସେବୀ ହୃଷିକେଶ ପତି ସଭା ପରିଚାଳନା କରିଥିଲେ । ଅନ୍ୟତମ ପ୍ରବଚକ ଅଧିକାରୀ ନବକିଶୋର ଦାସ ରାସପୂର୍ଣ୍ଣିମାର ବିଶେଷତ୍ୱ ଓ କାତ୍ୟାୟନୀ ବ୍ରତ ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରବଚକ ପଣ୍ଡିତ ଅଜିତ୍ କୁମାର ଦାଶ ମହାଭାରତର ଆଖ୍ୟାନ ଆଲୋଚନା କରିବା ସହିତ ଧର୍ମ ଏକ ମୋକ୍ଷର ମାର୍ଗ ସମ୍ବନ୍ଧରେ ତାତ୍ତ୍ୱିକ ଆଲୋଚନା କରିଥିଲେ । ଉପସଭାପତି ଶିକ୍ଷାବିତ୍ କ୍ଷୀରୋଦ ଚନ୍ଦ୍ର ପାଠୀ ଶିବଙ୍କର ସ୍ତୋତ୍ରପାଠ କରିଥିଲେ । ଉପଦେଷ୍ଟା ଗଦାଧର ରାଉତ, ଦେବେନ୍ଦ୍ର କୁମାର ସାହୁ, ସୁବାସ ମହାପାତ୍ର, ଅଖିଳ ମୋହନ ଦାଶ, ସନ୍ତୋଷ ସ୍ୱର୍ଣ୍ଣକାର, ବୃନ୍ଦାବନ ମିଶ୍ର, ଧନଞ୍ଜୟ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ । ଜଗନ୍ନାଥ ମନ୍ଦିରରେ ଆକାଶଦୀପ ଅବତରଣ କରାଯାଇ ବୈତରଣୀ ନଦୀରେ ବିସର୍ଜନ କରାଯାଇଥିଲା ।

# ଖଣ୍ଡପଡାରେ ବିଦ୍ୟୁତ ଗ୍ରୀଡ ପ୍ରତିଷ୍ଠା ନେଇ ଜିଲ୍ଲାପାଳଙ୍କ ଜନଶୁଣାଣି ୨୬ରେ

ଖଣ୍ଡପଡା,(ପି.ଏନ): ଆବଶ୍ୟକୀୟ ସରକାରୀ ଜାଗା ଚିହ୍ନଟ ହୋଇନପାରିବାରୁ ଖଣ୍ଡପଡା ଠାରେ ନୂତନ ବିଦ୍ୟୁତ ଗ୍ରୀଡ ସ୍ଥାପନ ହୋଇ ପାରୁନାହିଁ । ତେବେ ବିଦ୍ୟୁତ ଗ୍ରୀଡ ପ୍ରତିଷ୍ଠାରେ ଅହେତୁକ ବିଳମ୍ବକୁ ନେଇ ସାଧାରଣରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି । ଭାରତୀୟ ବିକାଶ ପରିଷଦ ଏ ସଂପର୍କରେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲା । ଉଚ୍ଚ ନ୍ୟାୟାଳୟ ଘଟଣାରେ ହସ୍ତକ୍ଷେପ କରି ତୁରନ୍ତ ଆବଶ୍ୟକ ପଡୁଥିବା ୧୫ ଏକରରୁ ଉର୍ଦ୍ଧ ଜାଗା ୨ ମାସ ମଧ୍ୟରେ ଯୋଗାଇଦେବାକୁ ନୟାଗଡ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅବମାନନା କରି ଜିଲ୍ଲାପାଳ ଡଃ ପୋମା ଟୁଡୁ ନିର୍ଦ୍ଧାରିତ ସମୟରେ ବିଦ୍ୟୁତ ଗ୍ରୀଡ ସ୍ଥାପନ ପାଇଁ ଜାଗା ଯୋଗାଇ ନଦେବାରୁ ଜିଲ୍ଲାପାଳଙ୍କ ବିରୋଧରେ ଅଦାଲତ ଆଦେଶ ଅବମାନନା ମାମଲା ରୁଜୁ ହୋଇଥିବା ଜଣାପଡିଛି । ଉଚ୍ଚ ନ୍ୟାୟାଳୟଙ୍କ ଛାଟ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଦ୍ୟୁତ ଗ୍ରୀଡ ସଂପର୍କରେ ସବିଶେଷ ଆଲୋଚନା ନେଇ ତତ୍ପରତା ପ୍ରକାଶ ପାଇଛି । ଚଳିତ ମାସ ୨୬ ତାରିଖରେ ଏ ନେଇ ଏକ ଜନଶୁଣାଣିର ଆୟୋଜନ କରାଯାଇଛି । ଜିଲ୍ଲାପାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ନୟାଗଡ ଠାରେ ଆୟୋଜିତ ଜନଶୁଣାଣି ଦିବସରେ ଖଣ୍ଡପଡା ତହସିଲଦାର ପାର୍ଥସାରଥୀ ହାଁସଦା, ଭାରତୀୟ ବିକାଶ ପରିଷଦର ଖଣ୍ଡପଡା ବ୍ଲକ ସଭାପତି ନିରଞ୍ଜନ ଦାସ, ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ଓ ଓପିଟିସିଏଲ କର୍ତ୍ତୃପକ୍ଷ ଉପସ୍ଥିତ ରହିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପତ୍ର ମାଧ୍ୟମର ସମସ୍ତଙ୍କୁ ଅବଗତ କରାଯାଇଥିବା ଜଣାପଡିଛି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray